- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ♦VOLUME- 44 ♦ISSUE-68 ♦TUESDAY ♦1 SEPTEMBER 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୬୮ ♦ମଙ୍ଗଳବାର ♦୧ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଅନ୍ତର୍ଜାତୀୟ ଫୁଟବଲ୍‌କୁ ମେସିଙ୍କ ବାଏ ବାଏ




■ ବୁଏନସ୍ ଆଇରିସ୍,୩୧।୮ (ଏଜେନ୍ସି): ଫୁଟବଲ୍ ଦୁନିଆର ଏକ ସୁବର୍ଣ୍ଣ ଯୁଗର ଅବସାନ ହୋଇଛି। ଆର୍ଜେଣ୍ଟିନାର ମହାନ ତଥା କିଂବଦନ୍ତୀ ଫୁଟବଲର ଓ ସୁପରଷ୍ଟାର ଲିଓନେଲ୍ ମେସି ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରିଛନ୍ତି। ସୋମବାର ସାମାଜିକ ଗଣମାଧ୍ୟମରେ ନିଜ ନିଷ୍ପତ୍ତି ଜଣାଇ ମେସି କହିଛନ୍ତି, ଆର୍ଜେଣ୍ଟିନା ଜାତୀୟ ଦଳ ପାଇଁ ଆଉ ତାଙ୍କ ପାଖରେ ଦେବାକୁ କିଛି ବାକି ନାହିଁ। ୩୯ ବର୍ଷୀୟ ମେସିଙ୍କ ଏହି ନିଷ୍ପତ୍ତି କେବଳ ଜଣେ ଖେଳାଳିଙ୍କ ଅବସର ନୁହେଁ, ବରଂ ବିଶ୍ୱ ଫୁଟବଲ୍‌ର ଏକ ସୁବର୍ଣ୍ଣ ଅଧ୍ୟାୟର ପରିସମାପ୍ତି। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଆର୍ଜେଣ୍ଟିନା ଜର୍ସି ପିନ୍ଧି ମେସି ଲକ୍ଷ ଲକ୍ଷ ପ୍ରଶଂସକଙ୍କ ସ୍ୱପ୍ନକୁ ନିଜ ଅସାଧାରଣ କ୍ରୀଡ଼ା ନୈପୁଣ୍ୟ ମାଧ୍ୟମରେ ଜୀବନ ଦେଇଥିଲେ। ମେସି କହିଛନ୍ତି ଯେ ସ୍ପେନ୍ ବିପକ୍ଷ ବିଶ୍ୱକପ୍ ଫାଇନାଲ୍‌ରେ ପରାଜୟର ଦୁଇ ଦିନ ପରେ ହିଁ ସେ ଅବସର ବିଷୟରେ ଚିନ୍ତା କରି ନିଷ୍ପତ୍ତି ନେଇଥିଲେ। ଜୁଲାଇ ୨୧ରେ ସେ ଏହି ଅବସର ବାର୍ତ୍ତା ଲେଖିଥିବା କଥା ମଧ୍ୟ ଜଣାଇଛନ୍ତି। ପରବର୍ତ୍ତୀ ସମୟରେ ତାଙ୍କ ବାପାଙ୍କ ମୃତ୍ୟୁ ଏହି ନିଷ୍ପତ୍ତିକୁ ଆହୁରି ଦୃଢ଼ କରିଥିଲା ଓ ନିଜ ଭବିଷ୍ୟତ ନେଇ ପୁଣିଥରେ ଚିନ୍ତା କରିବାକୁ ବାଧ୍ୟ କରିଥିଲା। ନିଜ ଅବସର ବାର୍ତ୍ତାରେ ମେସି କହିଛନ୍ତି ଯେ ଆର୍ଜେଣ୍ଟିନା ଜାତୀୟ ଦଳର ଅଂଶ ହେବା ତାଙ୍କ ପାଇଁ ସବୁବେଳେ ଗର୍ବର ବିଷୟ ଥିଲା। ସେ ଦଳ ପାଇଁ ସବୁକିଛି ଦେଇଛନ୍ତି ଏବଂ ଏବେ ନୂଆ ପିଢ଼ିକୁ ସୁଯୋଗ ଦେବାର ସମୟ ଆସିଛି ବୋଲି କହିଛନ୍ତି। ମେସିଙ୍କ କଥାରେ ଥିଲା ବିଦାୟର ବେଦନା, କିନ୍ତୁ ତା'ଠାରୁ ଅଧିକ ଥିଲା ସନ୍ତୋଷ। ଯେଉଁ ଜର୍ସି ପାଇଁ ସେ ଜୀବନର ଶ୍ରେଷ୍ଠ ବର୍ଷଗୁଡ଼ିକ ଉତ୍ସର୍ଗ କରିଥିଲେ, ସେହି ଜର୍ସିକୁ ଏବେ ଗର୍ବର ସହ ବିଦାୟ ଦେଉଛନ୍ତି। ମେସିଙ୍କ ଅନ୍ତର୍ଜାତୀୟ ଯାତ୍ରା ଥିଲା ଉତ୍‌ଥାନ-ପତନରେ ଭରା। ଆରମ୍ଭରେ ତାଙ୍କୁ ନେଇ ଥିଲା ଆଶା, ପରେ ଆସିଥିଲା ଚାପ ଓ ▶ପୃଷ୍ଠା-୧୦

## ଦିଲ୍ଲୀ-ଏନ୍‌ସିଆର୍‌ରେ ଲଜ୍ଜା

# ଚଳନ୍ତା ବସ୍‌ରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ଦିଲ୍ଲୀ-ଏନସିଆର୍ ଅଞ୍ଚଳରେ ଲିଫ୍ଟ ଦେବା ବାହାନାରେ ଚଳନ୍ତା ସ୍ଲିପର ବସ୍ ଭିତରେ ୧୬ ବର୍ଷ ବୟସ୍କା ଜଣେ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ପୀଡ଼ିତା ଜଣକ ଉତ୍ତରପ୍ରଦେଶର ମୈନପୁରୀ ଜିଲ୍ଲାର ବାସିନ୍ଦା ଏବଂ ସେ ଏକାଦଶ ଶ୍ରେଣୀରେ ପଢ଼ନ୍ତି। ଏହି ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତ ବସ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ଗିରଫ କରିବା ସହ ବସଟିକୁ ଜବତ କରି ଫୋରେନସିକ୍ ଯାଞ୍ଚ ପାଇଁ ପଠାଇଛି। ଏହାକୁ ନେଇ ଦିଲ୍ଲୀରେ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ଅଗଷ୍ଟ ୪ ତାରିଖ ରାତିରେ ଏହି ଅଭାବନୀୟ କାଣ୍ଡ ଘଟିଛି। ପୀଡ଼ିତା ନିଜ ପରିବାରକୁ ନ ଜଣାଇ ଘରୁ ବାହାରି ନୋଏଡ଼ାରେ ଥିବା ନିଜର ଜଣେ ସମ୍ପର୍କୀୟଙ୍କ ପାଖକୁ ଯାଉଥିଲେ। ପ୍ରବଳ ବର୍ଷା ଓ ଅନ୍ଧକାର ମଧ୍ୟରେ ସେ ଭୁଲ୍‌ବଶତଃ ଗ୍ରେଟର ନୋଏଡ଼ାର ପରି ଚୌକରେ ପହଞ୍ଚିଯାଇଥିଲେ। ସେହି ସମୟରେ ଏକ ଖାଲି ସ୍ଲିପର ବସ ଯାଉଥିବା ବେଳେ ହାତ ଦେଖାଇ ଏହାକୁ ଅଟକାଥିଲେ। ବସ ଡ୍ରାଇଭର କୁଲଦୀପ ଏବଂ କଣ୍ଡକ୍ଟର ସନ୍ଦୀପ ତାଙ୍କୁ ନୋଏଡ଼ା ସେକ୍ଟର ୬୩ ପହଞ୍ଚାଇ ଦେବା କଥା କହି ବସରେ ଉଠାଇଥିଲେ। ଏହାପରେ ସେମାନେ ତାଙ୍କୁ ଦୁଷ୍କର୍ମ କରିଥିଲେ। ଗ୍ରେଟର ନୋଏଡ଼ାର ପରି ଚୌକଠାରୁ ପୁରୁଣା ଦିଲ୍ଲୀର କାଶ୍ମୀର ଗେଟ୍ ପର୍ଯ୍ୟନ୍ତ ପ୍ରାୟ ୪୭ କିଲୋମିଟର ରାସ୍ତା ମଧ୍ୟରେ ଏହି ଜଘନ୍ୟ ଅପରାଧ ଘଟିଥିଲା। ବସଟି ଚାଲିବା ମାତ୍ରେ କଣ୍ଡକ୍ଟର ଅଶ୍ଳୀଳଙ୍ଗ ଇଙ୍ଗିତ କରିଥିଲା ଏବଂ ପରେ ଡ୍ରାଇଭର ଓ କଣ୍ଡକ୍ଟର ମିଶି ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଯଦି ସେ ବିରୋଧ କରନ୍ତି, ତେବେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦିଆଯାଇଥିଲା।



ଡ୍ରାଇଭର ଓ କଣ୍ଡକ୍ଟର ଗିରଫ

ଅପରାଧ ଘଟାଇବା ପରେ ଅଭିଯୁକ୍ତମାନେ ରାତିରେ କାଶ୍ମୀର ଗେଟ୍ ନିକଟ ରିଂ ରୋଡ଼ରେ ପୀଡ଼ିତାଙ୍କୁ ଓହ୍ଲାଇ ଫେରାର ହୋଇଯାଇଥିଲେ। ଭୟଭୀତ ଛାତ୍ରୀଜଣକ ସେଠାରୁ କାଶ୍ମୀର ଗେଟ୍ ପୁଲିସ ଷ୍ଟେସନରେ ପହଞ୍ଚି ସମସ୍ତ ଘଟଣା ଜଣାଇଥିଲେ। ପୁଲିସ ତୁରନ୍ତ ତତ୍ପରତା ପ୍ରକାଶ କରି ଉତ୍ତର ଦିଲ୍ଲୀର ତିମରପୁର ବସ ପାର୍କିଂରୁ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା। ▶ପୃଷ୍ଠା-୧୦

# ଏସ୍‌ଆଇଆର୍: ଦିଲ୍ଲୀରେ କଟିଲେ ୩୩ ପ୍ରତିଶତ ଭୋଟର

■ ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ଦିଲ୍ଲୀରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆରରେ ପ୍ରାୟ ୩୦ ପ୍ରତିଶତ ଭୋଟରଙ୍କ ନାମ କଟିଯାଇଛି। ଦିଲ୍ଲୀର ମୋଟ ୧ କୋଟି ୪୫ ଲକ୍ଷରୁ ଅଧିକ ଭୋଟରଙ୍କ ମଧ୍ୟରୁ ପ୍ରାୟ ୪୭.୭ ଲକ୍ଷଙ୍କ ନାମ ଆଜି ପ୍ରକାଶ ପାଇଥିବା ଚିଠା ତାଲିକାରେ ସ୍ଥାନ ପାଇନାହିଁ। ଚୂଡ଼ାନ୍ତ ଭୋଟର ତାଲିକା ନଭେମ୍ବର ୪ରେ ପ୍ରକାଶ ପାଇବ। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆପ୍ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ଦେଶର ଜନଗଣନା ଦାୟିତ୍ୱ ନିର୍ବାଚନ କମିସନଙ୍କୁ ଦେଲେ ଲୋକସଂଖ୍ୟା ୧୫୦ କୋଟିରୁ ୫୦ କୋଟିକୁ ଖସି ଆସିବ।

ସେହିଭଳି ମହାରାଷ୍ଟ୍ରରେ ମଧ୍ୟ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏଥିରେ ୨୧ ପ୍ରତିଶତ ଭୋଟରଙ୍କ ନାମ କାଟି ଦିଆଯାଇଛି। ମୋଟ୍ ୯ କୋଟି ୭୮ ଲକ୍ଷ ଭୋଟରଙ୍କ ମଧ୍ୟରୁ ୨ କୋଟି ୬୦ ଲକ୍ଷ ବାଦ୍ ପଡ଼ିଛନ୍ତି। ପୁଣେରେ ସର୍ବାଧିକ ୨୮ ଲକ୍ଷ ୬୦ ହଜାର ବାଦ୍ ପଡ଼ିଥିବା ବେଳେ ଥାନରେ ୨୮ ଲକ୍ଷ ୫୦ ହଜାର ଏବଂ ମୁମ୍ବାଇ ସହରତଳି ଅଞ୍ଚଳରେ ୨୬ ଲକ୍ଷ ୫୦ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଛି।



ମହାରାଷ୍ଟ୍ରରେ ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଲେ ୨ କୋଟି

ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ଅଶୋକ କୁମାର କହିଛନ୍ତି, ଚିଠା ତାଲିକାରେ ନାମ ନଥିବା ଯୋଗ୍ୟ ଭୋଟରମାନେ ସେପ୍ଟେମ୍ବର ୩୦ ସୁଦ୍ଧା 'ଫର୍ମ-୬' ଦାଖଲ କରି ନାମ ସାମିଲ କରିବାକୁ ଦାବି କରିପାରିବେ। ଏଥିପାଇଁ ଆବଶ୍ୟକ ପ୍ରମାଣପତ୍ର ମଧ୍ୟ ଦାଖଲ କରିବାକୁ ପଡ଼ିବ। ଘରକୁ ଘର ଯାଇ ଭୋଟରଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଜୁନ୍ ୩୦ରୁ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ ପ୍ରାୟ ୯୭.୫ ଲକ୍ଷ ଭୋଟରଙ୍କ ଗଣନା ଫର୍ମ ମିଳିଥିଲା ଏବଂ ସେଗୁଡ଼ିକୁ ଡିଜିଟାଲ୍ କରାଯାଇଛି। ଦିଲ୍ଲୀର ମୋଟ ୧, ୪୫, ୧୦, ୨୯୯ ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୭.୧୮ ପ୍ରତିଶତଙ୍କ ଫର୍ମ ଡିଜିଟାଲ୍ କରାଯାଇଛି। ଅବଶିଷ୍ଟ ୪୭.୭ ଲକ୍ଷ ଭୋଟରଙ୍କୁ 'ଅନୁପଲବ୍ଧ' ଶ୍ରେଣୀରେ ରଖାଯାଇଛି। ଏଥିରେ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ, ଏକାଧିକ ଥର ନାମ ଥିବା ଏବଂ ଅନ୍ୟାନ୍ୟ ଶ୍ରେଣୀର ଭୋଟର ସାମିଲ ଅଛନ୍ତି।

ତାଲିକା ପ୍ରକାଶ ପରେ ଏବେ ଦାବି ଓ ଆପତ୍ତି ଦାଖଲ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଦାଖଲ ହୋଇଥିବା ଦାବି ଓ ଆପତ୍ତିର ଯାଞ୍ଚ ସହ ନୋଟିସ୍ ଓ ନିଷ୍ପତ୍ତି ପ୍ରକ୍ରିୟା ଅକ୍ଟୋବର ୨୯ ପର୍ଯ୍ୟନ୍ତ ଚାଲିବ। ଯୋଗ୍ୟ ଭୋଟରମାନେ ନିଜ ନାମ ଚିଠା ତାଲିକାରେ ଅଛି କି ନାହିଁ, ନିର୍ବାଚନ ଆୟୋଗର ଭୋଟର ସେବା ପୋର୍ଟାଲ୍‌ରେ ଯାଞ୍ଚ କରିପାରିବେ। ଚୂଡ଼ାନ୍ତ ତାଲିକା ନଭେମ୍ବର ୪ରେ ପ୍ରକାଶ ପାଇବ।

# ଅଟକିବନି ସିଜେପିର ଦିଲ୍ଲୀ ରାଲି



## ରୋକ୍ ଲଗାଇବାକୁ ମନାକଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ସେପ୍ଟେମ୍ବର ୫ରେ ଦିଲ୍ଲୀରେ ପ୍ରସ୍ତାବିତ ଶୋଭାଯାତ୍ରାକୁ ରୋକିବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ମାର୍ଚ୍ଚ ସମୟରେ କୌଣସି ଅପ୍ରୀତିକର ଘଟଣା ଘଟିବ ବୋଲି ଅନୁମାନ କରିବାର ଏବେ କୌଣସି କାରଣ ନାହିଁ ବୋଲି କୋର୍ଟ କହିଛନ୍ତି। ସେପ୍ଟେମ୍ବର ୧୨-୧୩ରେ ଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପର୍ଯ୍ୟନ୍ତ ଶୋଭାଯାତ୍ରା ଉପରେ ରୋକ ଲଗାଇବାକୁ ଆବେଦନରେ ଦାବି କରାଯାଇଥିଲା। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, ପ୍ରଶାସନ ଆଇନଶୃଙ୍ଖଳା ବଜାୟ ରଖିବା ସହ ସମସ୍ତ ପକ୍ଷ ଶାନ୍ତିପୂର୍ଣ୍ଣ ଓ ଦାୟିତ୍ୱବାନ ଭାବେ ଆଇନ ଅନୁସାରେ କାର୍ଯ୍ୟ କରିବା ଆଶା କରାଯାଉଛି। ସିଜେପିର ଦାବି ଅନୁସାରେ, ଏହାର ୪ଟି ଦାବି ମଧ୍ୟରୁ ୩ଟି ଏବେବି ପୂରଣ ▶ପୃଷ୍ଠା-୧୦

## ନିଟ୍‌ବିରୋଧୀ ଆନ୍ଦୋଳନକାରୀଙ୍କ ନାମରେ ଥିବା ଏତଲା ରଦ୍ଦ ହେବ

■ ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ଗୁଡ଼ିକୁ ରଦ୍ଦ କରିବା ପାଇଁ କେନ୍ଦ୍ର ସରକାର ଆବେଦନ କରିଛନ୍ତି। ଏହା ଉପରେ ସୁପ୍ରିମକୋର୍ଟ ଶୁଣାଣି କରିବାକୁ ସହମତି ପ୍ରକାଶ କରିଛନ୍ତି। ସଲିସିଟର ଜେନେରାଲ ▶ପୃଷ୍ଠା-୧୦


1001/137/2627

ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଚଳିତ ବନ୍ୟାରେ
 କ୍ଷତିଗ୍ରସ୍ତ ଚାଷୀ ଭାଇଭଉଣୀଙ୍କ ପାଇଁ
ମୁଖ୍ୟମନ୍ତ୍ରୀଙ୍କ
ସ୍ୱତନ୍ତ୍ର ପ୍ୟାକେଜ୍

- ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ
  - ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦ ଟଙ୍କା
  - ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଟଙ୍କା
  - ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା
- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ବିରି ବିହନ କିଣିବା ନିମନ୍ତେ ଡିବିଟି (DBT) ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ
- ସରକାରଙ୍କ ତରଫରୁ ଚାଷୀମାନଙ୍କୁ ସରକାରୀ ଓ ଘରୋଇ ବିକ୍ରେତା ମାଧ୍ୟମରେ ଆବଶ୍ୟକ ବିହନ କିଣିବା ପାଇଁ ବ୍ୟବସ୍ଥା
- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ
- ବନ୍ୟା ପରବର୍ତ୍ତୀ ଫସଲର ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆବଶ୍ୟକୀୟ କୀଟନାଶକ କ୍ରୟ ନିମନ୍ତେ ୭୫ ପ୍ରତିଶତ ସବ୍‌ସିଡି ପ୍ରଦାନ

ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ସମସ୍ତ ସୁବିଧା ସୁଯୋଗ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ

OIPR-1001/1102/2/26-27/0008

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ୧୮ ଟି ରାଜ୍ୟରେ ସ୍ୱାଭାବିକ, ୧୭ ରାଜ୍ୟରେ ନିଅଣ୍ଟିଆ ବର୍ଷା



ମୁମ୍ବାଇ, ୩୧।୮ (ଏଜେନ୍ସି): ଅଗଷ୍ଟ ମାସରେ ସ୍ୱାଭାବିକଠାରୁ ୧୬ ପ୍ରତିଶତ କମ୍ ବର୍ଷା ପରେ ସେପ୍ଟେମ୍ବରରେ ମଧ୍ୟ ଦେଶରେ ବର୍ଷା କମ୍ ହେବାର ଆଶଙ୍କା ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁସାରେ, ସେପ୍ଟେମ୍ବରରେ ବର୍ଷା ଦୀର୍ଘକାଳୀନ ହାରର ୯୧ ପ୍ରତିଶତରୁ କମ୍ ରହିପାରେ। ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ବର୍ଷା କମ୍ ରହିବା କାରଣରୁ ସେପ୍ଟେମ୍ବରରେ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟ ସ୍ୱାଭାବିକଠାରୁ ଅଧିକ ରହିପାରେ।

ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ମୌସୁମୀର ପ୍ରଥମ ତିନି ମାସ (ଜୁନରୁ ଅଗଷ୍ଟ ପର୍ଯ୍ୟନ୍ତ)ରେ ହୋଇଥିବା ବର୍ଷା ସବୁଠାରେ ସ୍ୱାଭାବିକ ରହିନାହିଁ। କେବଳ ଓଡ଼ିଶାରେ ସର୍ବାଧିକ ବର୍ଷା (୨୬%) ହୋଇଛି। ୧୮ଟି ରାଜ୍ୟରେ ସ୍ୱାଭାବିକ ବର୍ଷା (-୧୯%ରୁ ୧୯%) ବର୍ଷା ହୋଇଥିବା ବେଳେ ୧୭ଟି ରାଜ୍ୟରେ ନିଅଣ୍ଟିଆ ବର୍ଷା (-୫୯%ରୁ -୨୦%) ହୋଇଛି। ଉତ୍ତର ପ୍ରଦେଶ ସମେତ ମଧ୍ୟପ୍ରଦେଶ, ହରିଆଣା, ପଶ୍ଚିମ ବଙ୍ଗ, ତେଲେଙ୍ଗାନା, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ରାଜସ୍ଥାନ, ମହାରାଷ୍ଟ୍ର, ଆସାମ, ଆନ୍ଧ୍ର ପ୍ରଦେଶ, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡ୍ରୁ ଓ ବିହାରରେ ନିଅଣ୍ଟିଆ ବର୍ଷା ହୋଇଛି। ଅରୁଣାଚଳ ପ୍ରଦେଶରେ ୪୧ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ବିହାରରେ ୪୦ ପ୍ରତିଶତ, ଆସାମରେ ୩୭ ପ୍ରତିଶତ, ପଞ୍ଜାବରେ ୩୬ ପ୍ରତିଶତ, ମହାରାଷ୍ଟ୍ରରେ ୩୦ ପ୍ରତିଶତ ଓ ରାଜସ୍ଥାନରେ ୨୬ ପ୍ରତିଶତ କମ୍ବ ବର୍ଷା ହୋଇଛି।

ସେପ୍ଟେମ୍ବର ଫସଲ ପାଚିବାର ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ କମ୍ ବର୍ଷା କପା, ସୋୟାବିନ୍, ମକା ଓ ଡାଲି ଭଳି ଖରିଫ ଫସଲର ଉତ୍ପାଦନକୁ ପ୍ରଭାବିତ କରିପାରେ ବୋଲି କୁହାଯାଇଛି। ବିଶେଷଜ୍ଞଙ୍କ ମତରେ, ଅଗଷ୍ଟରେ କମ୍ ବର୍ଷାର ପ୍ରଭାବ ଏବେ ଫସଲର ଗୁରୁତ୍ୱପୂର୍ଣ୍ଣ ବିକାଶ ପର୍ଯ୍ୟାୟରେ ପଡୁଛି। ଏଥିରୁ ଉତ୍ପାଦନ ହ୍ରାସର ଆଶଙ୍କା ବଢ଼ିଛି। ଏହି ସମୟରେ ଏଲ୍ ନିନୋ ପ୍ରଭାବ ଆହୁରି ଶକ୍ତିଶାଳୀ ହୋଇଥିବା କହିଛି ପାଣିପାଗ ବିଭାଗ।

## ଏକ୍ସପ୍ରେସ୍‌ୱେରେ ଦ୍ରୁତଗତି ଥାର୍ ଓଲଟି ୪ ଯୁବକ ମୃତ

ହାପୁର, ୩୧।୮ (ଏଜେନ୍ସି): ଉତ୍ତରପ୍ରଦେଶର ହାପୁର ଜିଲ୍ଲା ଦେଇ ଯାଇଥିବା ଗଙ୍ଗା ଏକ୍ସପ୍ରେସ୍‌ୱେରେ ଦ୍ରୁତଗତିରେ ଯାଉଥିବା ଏକ ଥାର୍ ନିୟନ୍ତ୍ରଣ ହରାଇ ଏକାଧିକ ଥର ଓଲଟି ପଡ଼ିବାରୁ ୪ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ୧୭ ବର୍ଷୀୟ ଜଣେ ନାବାଳକ ଆହତ ହୋଇଛନ୍ତି। ପୁଲିସ ଅନୁଯାୟୀ, ମଧ୍ୟରାତ୍ରି ସମୟରେ ଦିଲ୍ଲୀ ନମ୍ବର ଥିବା ଏହି ଗାଡ଼ିରେ ୫ ଜଣ ଯୁବକ ବୁଦାଉଁରୁ ଦିଲ୍ଲୀ ଅଭିମୁଖେ ଯାଉଥିଲେ। ଗାଡ଼ିଟି ଅତ୍ୟଧିକ ବେଗରେ ଥିବାରୁ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦୁର୍ଘଟଣା ପରେ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଏଥିରେ ଥିବା ଲୋକମାନେ ଭିତରେ ଫସି ଯାଇଥିଲେ। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସିଖେଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ୪ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏଥିରେ ୧୭ ବର୍ଷୀୟ ବିଷ୍ଣୁ ଆହତ ହୋଇଥିବାରୁ ତାଙ୍କର ଚିକିତ୍ସା ଚାଲିଛି।

## ଆମେରିକାରେ କେରଳର ୨ ମହିଳାଙ୍କ ରହସ୍ୟଜନକ ମୃତ୍ୟୁ

କାଲିଫର୍ଣ୍ଣିଆ, ୩୧।୮ (ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆରେ କେରଳର ଦୁଇ ମହିଳାଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ମୃତକ ଦୁଇଜଣ ହେଲେ ତ୍ରିଶୂରର ମୁଡିକ୍‌କୋଡର ଅଞ୍ଜନା ହରି ଓ ତିରୁବନନ୍ତପୁରମର କେଶବଦାସପୁରମର ଆନ୍ ମାଥ୍ୟୁ। ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସେହି ଆପାର୍ଟମେଣ୍ଟ ପରିସରରେ ରହୁଥିବା ଅନିଲା ନାମକ ଜଣେ ମହିଳା ଉଭୟଙ୍କ ପରିଚିତ ଥିଲେ ଏବଂ ଘଟଣାରେ ତାଙ୍କ ସମ୍ପୃକ୍ତି ନେଇ ସନ୍ଦେହ ପ୍ରକାଶ ପାଇଛି। ପରିବାରକୁ ମିଳିଥିବା ତଥ୍ୟ ଅନୁସାରେ, ଆନ୍ ମାଥ୍ୟୁଙ୍କୁ ଆପାର୍ଟମେଣ୍ଟ ଭିତରେ ଛୁରି ମରାଯାଇଥିବା ଅଭିଯୋଗ ରହିଛି। ପରେ ଅଞ୍ଜନା ହରିଙ୍କୁ ଏକ କାର୍‌ରେ ଧକ୍କା ଦିଆଯାଇଥିବା କୁହାଯାଇଛି। ଘଟଣା ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେରିକା ପୁଲିସ ପକ୍ଷରୁ ମଧ୍ୟ ଅଭିଯୋଗ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇନାହିଁ।

## ପେଟ୍ରୋଲରେ ଇଥାନଲ ମିଶ୍ରଣ ଲେବଲିଂ ଦାବି ଶୁଣିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ପେଟ୍ରୋଲ ପମ୍ପରେ ବିକ୍ରି ହେଉଥିବା ପେଟ୍ରୋଲରେ କେତେ ପ୍ରତିଶତ ଇଥାନଲ ମିଶିଛି, ତାହା ପ୍ରତ୍ୟେକ ଡିସ୍ପେନ୍ସିଂ ନୋଜଲରେ ବାଧ୍ୟତାମୂଳକ ଭାବେ ଉଲ୍ଲେଖ କରିବା ଦାବିରେ ଦାଏର ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଛନ୍ତି। ଏହି ପ୍ରସଙ୍ଗରେ ଆବେଦନକାରୀ ନରେନ୍ଦ୍ର କୁମାର ଗୋସ୍ୱାମୀଙ୍କୁ ସମ୍ପୃକ୍ତ ହାଇକୋର୍ଟରେ ଆବେଦନ କରିବାକୁ କୋର୍ଟ କହିଛନ୍ତି। ବିଚାରପତି ଏମଏମ ସୁନ୍ଦରେଶ ଓ ପିବି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି ଯେ, ସମ୍ବିଧାନର ଧାରା ୩୨ ଅଧୀନରେ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ସେମାନେ ଇଚ୍ଛୁକ ନୁହନ୍ତି। ଆବେଦନକାରୀ ନିଜ ଦାବି ନେଇ ସମ୍ପୃକ୍ତ ହାଇକୋର୍ଟର ଦ୍ୱାରସ୍ଥ ହୋଇପାରିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ବିକ୍ରି ହେଉଥିବା ଇନ୍ଧନରେ ଇଥାନଲର ସଠିକ୍ ପ୍ରତିଶତ ସ୍ପଷ୍ଟ ଭାବେ ଜଣାଇବା ପାଇଁ ଦାବି କରିଥିଲେ। ଏହା ସହ ପ୍ରତ୍ୟେକ ଇନ୍ଧନ ବିଲ୍‌ରେ ମଧ୍ୟ ପେଟ୍ରୋଲରେ ମିଶିଥିବା ଇଥାନଲର ପ୍ରତିଶତ ସ୍ପଷ୍ଟ ଭାବେ ଲେଖାଯିବାକୁ ସେ ଚାହିଁଥିଲେ। ତାଙ୍କ ଆବେଦନରେ ଗାଡ଼ିର ନିର୍ମାତା, ମଡେଲ, ଇଞ୍ଜିନ ପ୍ରକାର ଓ ନିର୍ମାଣ ବର୍ଷ ଆଧାରରେ କେଉଁ ଯାନ କେଉଁ ପ୍ରକାର ଇଥାନଲ ମିଶ୍ରିତ ଇନ୍ଧନ ପାଇଁ ଉପଯୋଗୀ, ସେନେଇ ଏକ ସର୍ବସାଧାରଣ ତଥ୍ୟ ଭଣ୍ଡାର ପ୍ରକାଶ କରିବାକୁ ମଧ୍ୟ ଦାବି ହୋଇଥିଲା। ଇ-୨୦ ଇଥାନଲ ମିଶ୍ରିତ ପେଟ୍ରୋଲର ପ୍ରଭାବ ଯାଞ୍ଚ ପାଇଁ ଏକ ସ୍ୱାଧୀନ ବିଶେଷଜ୍ଞ କମିଟି ଗଠନ କରିବାକୁ ମଧ୍ୟ ଆବେଦନରେ କୁହାଯାଇଥିଲା।

## ମହମ୍ମଦ ଦୀପକଙ୍କୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ଡେହରାଡୁନର ଜିମ୍ ମାଲିକ ଦୀପକ କୁମାର, ଯିଏକି ଜଣେ ମୁସଲମାନ ଦୋକାନୀଙ୍କ ସପକ୍ଷରେ ଛିଡ଼ା ହୋଇ 'ମହମ୍ମଦ ଦୀପକ' ଭାବେ ପରିଚିତ ହୋଇଥିଲେ, ତାଙ୍କୁ ସୋମବାର ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ବଜରଙ୍ଗ ଦଳ ସଦସ୍ୟଙ୍କ ସହ ବିବାଦ ପରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଏଫ୍‌ଆଇଆର୍ ଏବଂ ଏହାର କାର୍ଯ୍ୟାନୁଷ୍ଠାନ ଉପରେ କୋର୍ଟ ଅନ୍ତର୍ବର୍ତ୍ତୀକାଳୀନ ରୋକ୍ ଲଗାଇଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଦୀପକଙ୍କ ଆବେଦନର ଶୁଣାଣି କରି ଏଫ୍‌ଆଇଆର୍ ନୋଟିସ୍ ଜାରି କରିଛନ୍ତି। ଏହାସହ ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ସେହି ନିର୍ଦ୍ଦେଶକୁ ମଧ୍ୟ ସ୍ଥଗିତ ରଖାଯାଇଛି।

## ଦିଲ୍ଲୀରେ ୩ ବର୍ଷୀୟ ଶିଶୁକୁ ଯୌନ ନିର୍ଯାତନା; କ୍ୟାବ୍ ଚାଳକ ଗିରଫ

ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ଦିଲ୍ଲୀର ବାୱାନା ଅଞ୍ଚଳର ଏକ ଘରୋଇ ସ୍କୁଲରେ ୩ ବର୍ଷୀୟ ନର୍ସରୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ସ୍କୁଲରେ କାମ କରୁଥିବା ଜଣେ କ୍ୟାବ୍ ଚାଳକଙ୍କୁ ପୋକ୍‌ସୋ ଆଇନ ଅଧୀନରେ ପୁଲିସ ଗିରଫ କରିଛି। ପୁଲିସ ଅନୁସାରେ, ଅଭିଯୁକ୍ତ ଚକୋଲେଟ୍ ଦେଇ ଶିଶୁଟିକୁ ପ୍ରଲୋଭିତ କରୁଥିଲେ। ଶିଶୁଟିର ଆଚରଣରେ ପରିବର୍ତ୍ତନ ଦେଖି ମା' ପଚାରିବାରୁ ସେ ସ୍କୁଲକୁ ଆସୁଥିବା ଜଣେ 'ଖରାପ ଅଙ୍କଲ' ବିଷୟରେ କହିଥିଲା। ଅଗଷ୍ଟ ୨୪ରେ ସ୍କୁଲ ପକ୍ଷରୁ ଅନେକ ବ୍ୟକ୍ତିଙ୍କ ଫଟୋ ଓ ସିସିଟିଭି ଦୃଶ୍ୟ ଶିଶୁଟିକୁ ଦେଖାଯାଇଥିଲା। ସେଥିରୁ ସେ ଅଭିଯୁକ୍ତ କ୍ୟାବ୍ ଚାଳକଙ୍କୁ ଚିହ୍ନଟ କରିଥିଲା। ପରେ ପୁଲିସ ମାମଲା ରୁଜୁ କରି ତାଙ୍କୁ ସ୍କୁଲ ପରିସରରୁ ଗିରଫ କରିଛି।



## ଏବେ ଯୁଦ୍ଧ ବନ୍ଦ ହେଉ: ମୋଦୀ

### ଶାନ୍ତି ପାଇଁ ପୁଟିନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ବିଶକେକ, ୩୧।୮ (ଏଜେନ୍ସି): କିର୍ଗିଜସ୍ତାନର ରାଜଧାନୀ ବିଶକେକଠାରେ ଆୟୋଜିତ ଶାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ପ୍ରଧାନମନ୍ତ୍ରୀ ମୋଦୀ ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତିଙ୍କୁ କହିଛନ୍ତି ଯେ, 'ଅସରନ୍ତି ଯୁଦ୍ଧରୁ ଓହରି ଆସି ବର୍ତ୍ତମାନ ଯୁଦ୍ଧର ସମାପ୍ତି ଘଟାଇବା ସମୟ ଆସିଛି'। ଯୁଦ୍ଧର ପ୍ରତ୍ୟେକ ଦିନ ମାନବ ସମାଜକୁ ପଛକୁ ଠେଲିଦେଉଥିବା ବେଳେ ଶାନ୍ତି ଆଡ଼କୁ ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପ ମାନବତା ପାଇଁ ନୂତନ ଆଶା ଓ ଉତ୍ସାହ ଭରିଥାଏ। ଗାନ୍ଧୀ ଏବଂ ବୁଦ୍ଧଙ୍କ ଦେଶ ଭାରତ ସର୍ବଦା ଶାନ୍ତିର ବାର୍ତ୍ତା ପ୍ରସାର କରିଆସିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।



## ଅଡୁଆ ବଢ଼ାଇଲା ବିଜୟଙ୍କ ପ୍ରଧାନମନ୍ତ୍ରୀ ହେବା ସ୍ୱପ୍ନ

ଚେନ୍ନାଇ, ୩୧।୮ (ଏଜେନ୍ସି): ଏକ ଗଣାମଧ୍ୟମ ସଂସ୍ଥା ଦ୍ୱାରା ଜନମତ ସର୍ଭେ ପ୍ରକାଶ ପାଇବା ପରେ ଏବେ ତାମିଲନାଡୁ ରାଜନୀତିରେ ଦେଖିବାକୁ ମିଳିଛି ରାଜନୈତିକ ଝଡ଼। ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ଟିଭିକେ ମୁଖ୍ୟ ଜୋସେଫ ବିଜୟଙ୍କୁ ନରେନ୍ଦ୍ର ମୋଦୀ ଏବଂ ରାହୁଲ ଗାନ୍ଧୀଙ୍କ ପରେ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ଲୋକ ପସନ୍ଦ କରୁଛନ୍ତି ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଏହାକୁ ନେଇ ବିଜୟଙ୍କ ଟିଭିକେରେ ଉତ୍ସାହର ମାହୋଲ ଥିବା ବେଳେ ସେମାନେ ତାଙ୍କୁ ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରିବେ ବୋଲି ଘୋଷଣା କରିଛନ୍ତି। ଏଥିରେ କଂଗ୍ରେସ ବିରକ୍ତି ପ୍ରକାଶ କରିବା ସହିତ ବିଜୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାକୁ ଧମକ ଦେଇଛି। ଆଗାମା ନିର୍ବାଚନରେ ଟିଭିକେ ରାହୁଲଙ୍କୁ ପ୍ରଧାନମନ୍ତ୍ରୀ ଭାବେ ସମର୍ଥନ ନକଲେ ସେମାନେ ଇସ୍ତଫା ଦେବେ ବୋଲି କଂଗ୍ରେସ ମନ୍ତ୍ରୀ କହିଛନ୍ତି।

୨୦୨୯ ମସିହାରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ନେଇ ରାଜନୀତି ସରଗରମ ହୋଇଉଠିଛି। ଟିଭିକେ ସମର୍ଥକମାନେ ପୋଷ୍ଟର ଲଗାଇ ଏହି ଦାବି କରିବା ପରେ ରାଜ୍ୟର ଶାସନରେ ଥିବା ମେଣ୍ଟ ମଧ୍ୟରେ ମତଭେଦ ସାମ୍ନାକୁ ଆସିଛି। ବିରୋଧୀ ଦଳ ଡିଏମକେ ଏହାକୁ କଳ୍ପନାବିଳାସ କହି ଉଡ଼ାଇ ଦେଇଥିବାବେଳେ କଂଗ୍ରେସ ରାହୁଲ

### କଂଗ୍ରେସର ବିରୋଧ, ମନ୍ତ୍ରିମଣ୍ଡଳରୁ ଇସ୍ତଫା ଧମକ

ଗାନ୍ଧୀଙ୍କ ନେତୃତ୍ୱକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ସାମ୍ପ୍ରତିକ ଏକ ଜାତୀୟ ସର୍ଭେରେ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଦେଶର ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ପସନ୍ଦମାନଙ୍କ ମଧ୍ୟରେ ସ୍ଥାନ ମିଳିବା ପରେ ତାଙ୍କ ଦଳର କର୍ମୀମାନେ ୨୦୨୯ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ତୁତିକୋରିନ ସମେତ ବିଭିନ୍ନ ସ୍ଥାନରେ ଏନେଇ ପୋଷ୍ଟର ଲଗାଯାଇଛି। ଏହି ପ୍ରସଙ୍ଗରେ ଡିଏମକେ ନେତା ଆର ଏସ୍ ଭାରତୀ କଟାକ୍ଷ କରି କହିଛନ୍ତି ଯେ କଳ୍ପନା କରିବାରେ କୌଣସି ସୀମା ନାହିଁ ଏବଂ ଦଳୀୟ କର୍ମୀମାନେ ଚାହିଁଲେ ସେ ଜାତିସଂଘର ମୁଖ୍ୟ ହେବେ ବୋଲି ମଧ୍ୟ କହିପାରନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମନ୍ତ୍ରୀ ରାଜେଶ କୁମାର ଚେତାବନୀ ଦେଇଛନ୍ତି ଯେ ଯଦି ଟିଭିକେ ୨୦୨୯ ପାଇଁ ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ସମର୍ଥନ ନ କରେ, ତେବେ କଂଗ୍ରେସ ମନ୍ତ୍ରୀମାନେ କ୍ୟାବିନେଟରୁ ଇସ୍ତଫା ଦେବେ। ତାମିଲନାଡୁ କଂଗ୍ରେସ ସଭାପତି ମଣିକମ୍ ଟାଗୋର ମଧ୍ୟ ଏହି ସର୍ଭେକୁ ସମାଲୋଚନା କରି ସୋସିଆଲ ମିଡିଆରେ ଏକ କାଳ୍ପନିକ କାହାଣୀ ମାଧ୍ୟମରେ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟତମ ମେଣ୍ଟ ସହଯୋଗୀ ଏମଡିଏମକେ ପ୍ରମୁଖ ଭାଇକୋ ମଧ୍ୟ ଏହି ବିତର୍କଠାରୁ ଦୂରେଇ ରହି କହିଛନ୍ତି ଯେ ଇଣ୍ଡିଆ ମେଣ୍ଟ ପାଇଁ ରାହୁଲ ଗାନ୍ଧୀଙ୍କର କୌଣସି ବିକଳ୍ପ ନାହିଁ ଏବଂ ମୁଖ୍ୟମନ୍ତ୍ରୀ ବିଜୟଙ୍କର ମଧ୍ୟ ଏପରି କୌଣସି ମହତ୍ତ୍ୱାକାଂକ୍ଷା ନାହିଁ। ତେବେ ଏହି ପ୍ରସଙ୍ଗ ଏବେ ରାଜ୍ୟ ରାଜନୀତିକୁ ସରଗରମ କରି ପକାଇଛି।

## ବାଣ କାରଖାନାରେ ବିସ୍ଫୋରଣ, ୧୧ ମୃତ



ପ୍ରୟାଗରାଜ, ୩୧।୮ (ଏଜେନ୍ସି): ଉତ୍ତରପ୍ରଦେଶର କୌଶାମ୍ବୀ ଜିଲ୍ଲାର ମନୌରୀ ଅଞ୍ଚଳରେ ସୋମବାର ଦିନ ଏକ ବାଣ ତିଆରି କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟି ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୨୪ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଆଖପାଖର ଅନେକ ଘର ଭୁଶୁଡ଼ି ପଡ଼ିଛି। ଭଗ୍ନାବଶେଷ ତଳେ ଆହୁରି ଅନେକ ଲୋକ ଚାପି ରହିଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ, ପୁଲିସ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

ଆଜି ପ୍ରାୟ ଦିନ ୧୧ଟାରୁ ଦୁପର ପର୍ଯ୍ୟନ୍ତ ମନୌରୀ ଅଞ୍ଚଳରେ ହଠାତ୍ ଏକ ଘରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ଏହି ଘରେ ବାଣ ତିଆରି ହେଉଥିବା କୁହାଯାଉଛି। ଲୋକମାନେ ଘଟଣାସ୍ଥଳକୁ ଡ଼େି ଯିବା ପରେ ଗୋଟିଏ ପରେ ଗୋଟିଏ ବାଣ ବିସ୍ଫୋରଣ ହେବାକୁ ଲାଗିଥିଲା। ବିସ୍ଫୋରଣର ଶବ୍ଦ ଏତେ ଭୟଙ୍କର ଥିଲା ଯେ ଦୂରଦୂରାନ୍ତର ଲୋକ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ। ଆଖପାଖର ଅନେକ ଘର କ୍ଷତିଗ୍ରସ୍ତ ହେବା ସହ ଅତି କମରେ ତିନିଟି ଘର ଭୁଶୁଡ଼ି ପଡ଼ିଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ପାଞ୍ଚଜଣଙ୍କ ମୃତ୍ୟୁ ନେଇ ସୂଚନା ମିଳିଥିଲା। ପରେ ଉଦ୍ଧାର କାର୍ଯ୍ୟ ଆଗକୁ ବଢ଼ିବା ସହ ମୃତଦେହ ମିଳିବା ଆରମ୍ଭ ହୋଇଥିଲା। ସନ୍ଧ୍ୟା ପ୍ରାୟ ୫ଟା ସୁଦ୍ଧା ୧୧ଟି ମୃତଦେହ ମିଳିଥିବା ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ଶିଶୁ ଓ ମହିଳା ମଧ୍ୟ ଥିବା ଜଣାପଡ଼ିଛି। ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମୃତକ ଓ ଆହତଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଆହତଙ୍କୁ ଉଦ୍ଧାର କରି ପ୍ରୟାଗରାଜର ଏସଆରଏନ୍ ହସ୍ପିଟାଲକୁ ପଠାଯାଇଛି।



## ବିଶ୍ୱ ବ୍ୟାଙ୍କ ଗଠିତ କୋର୍ଟ ରାୟକୁ ପ୍ରତ୍ୟାଖ୍ୟାନ କଲା ଭାରତ

### ସିନ୍ଧୁ ଜଳ ଚୁକ୍ତି

ନୂଆଦିଲ୍ଲୀ/ହେଗ୍, ୩୧।୮ (ଏଜେନ୍ସି): ନେଦରଲାଣ୍ଡର ହେଗ୍‌ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା କୋର୍ଟଙ୍କ ଦ୍ୱାରା ସିନ୍ଧୁ ଜଳ ଚୁକ୍ତିକୁ ନେଇ ଦିଆଯାଇଥିବା ନୂତନ ନିର୍ଦ୍ଦେଶନାମାକୁ ଭାରତ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି। ଭାରତର ସାର୍ବଭୌମ ନିଷ୍ପତ୍ତି ଉପରେ ଏହି କୋର୍ଟର କୌଣସି ଆଇନଗତ ଅଧିକାର କ୍ଷେତ୍ର ନାହିଁ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିଛି। ବିଶ୍ୱ ବ୍ୟାଙ୍କ ଦ୍ୱାରା ଗଠିତ ଏହି ତଥାକଥିତ କୋର୍ଟ ଚୁକ୍ତିନାମାର ନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ ଗଠନ କରାଯାଇଛି ଏବଂ ଏହାର କୌଣସି ଆଇନଗତ ବୈଧତା ନାହିଁ ବୋଲି ଭାରତ କହିଛି। ହେଗ୍ କୋର୍ଟ ନିଜ ରାୟରେ ଦର୍ଶାଇଥିଲେ ଯେ, ସିନ୍ଧୁ ଜଳ ଚୁକ୍ତି ପୂର୍ବପରି ସମ୍ପୂର୍ଣ୍ଣ ବଳବତ୍ତର ରହିଛି ଏବଂ ଏହାକୁ ଭାରତ ଏକପାଖିଆ ଭାବେ ସ୍ଥଗିତ କିମ୍ବା ରଦ୍ଦ କରିପାରିବ ନାହିଁ। ଏଥିସହ, ପାକିସ୍ତାନ ସହ ଜଳ ବଣ୍ଟନ ଏବଂ ପଶ୍ଚିମ ପ୍ରବାହିତ ନଦୀଗୁଡ଼ିକରେ ଭାରତୀୟ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ନକ୍ସା ଓ ପରିଚାଳନା ସଂକ୍ରାନ୍ତୀୟ ସର୍ତ୍ତଗୁଡ଼ିକୁ ମାନିବା ପାଇଁ ଭାରତକୁ କୁହାଯାଇଥିଲା। ଜାମ୍ମୁ ଓ କାଶ୍ମୀରର ରାଟ୍‌ଲେ ଜଳବିଦ୍ୟୁତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବାକୁ ଏହି ନିର୍ଦ୍ଦେଶନାମାରେ କୋର୍ଟ କହିଥିଲେ। ତେବେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ବିବୃତି ଜାରି କରି କହିଛି ଯେ, ଭାରତ କଦାପି ଏହି ବେଆଇନ ଭାବେ ଗଠିତ ସଂସ୍ଥାର ଅସ୍ତିତ୍ୱକୁ ସ୍ୱୀକାର କରିନାହିଁ ଏବଂ ଏହାର କୌଣସି ପୂର୍ବ ଶୁଣାଣିରେ ମଧ୍ୟ ଭାଗ ନେଇନାହିଁ। ଏହି କୋର୍ଟର ନିଷ୍ପତ୍ତି ଭାରତର କୌଣସି ପ୍ରକଳ୍ପ କିମ୍ବା ନିଷ୍ପତ୍ତି ଉପରେ ପ୍ରଭାବ ପକାଇବ ନାହିଁ।

## ପୁଣି ଆକ୍ରମଣରେ ମାତିଲେ ଆମେରିକା-ଇରାନ

ତେହେରାନ, ୩୧।୮ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ପୁଣି ତୀବ୍ର ହୋଇଛି। ଲାରାକ ଦ୍ୱୀପରେ ଇରାନର ଦୁଇଟି ରକେଟ୍ ଲଞ୍ଚର ଉପରେ ଆମେରିକା ସେନା ଆକ୍ରମଣ କରିବା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ପୁଣି ବୃଦ୍ଧି ପାଇଛି। ଆମେରିକା ପକ୍ଷରୁ ଦାବି କରାଯାଇଛି ଯେ ହର୍ମୁଜ ପ୍ରଣାଳୀରେ ସାମୁଦ୍ରିକ ମାଇନ୍ ବିଛାଇ ବାଣିଜ୍ୟିକ ପରିବହନକୁ ବନ୍ଦ କରିବା ପାଇଁ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ପ୍ରସ୍ତୁତି ଚଳାଇଥିଲା। ଏହାର ବିରୋଧରେ ଆମେରିକା ପ୍ରତିରକ୍ଷା ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜବାବରେ ଇରାନର ଆଇଆର୍‌ଜିସି ଏବଂ ସେନା ପକ୍ଷରୁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକ ଉପରେ ଭୀଷଣ ଆକ୍ରମଣ କରାଯାଇଛି। ଇରାନ ସେନା ୟୁଏଇର ଅଲ୍ ମିନହାଦ୍ ବିମାନ ଘାଟିରେ ଥିବା ଆମେରିକାର ହେଲିକପ୍ଟର ଏବଂ ସେନା ଶିବିରକୁ ଲକ୍ଷ୍ୟ କରି ଅନେକ ଡ୍ରୋନ୍ ମାଡ଼ କରିଛି। ଏଥିସହିତ ଜୋର୍ଡାନରେ ଥିବା ଆମେରିକାର କିଙ୍ଗ ହୁସେନ୍ ଏବଂ ଅଲ୍-ଅଜରାକ୍ ବିମାନ ଘାଟି ଉପରେ ମଧ୍ୟ ଇରାନ ପକ୍ଷରୁ ରକେଟ୍ ଓ ମିସାଇଲ୍ ମାଡ଼ କରାଯାଇଛି। ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି ଯେ ଇରାନ କୌଣସି ଯୁଦ୍ଧ ଚାହୁଁନାହିଁ, କିନ୍ତୁ ଆମେରିକାର ଯେକୌଣସି ଆକ୍ରମଣର ଦୃଢ଼ ଓ ନିର୍ଣ୍ଣାୟକ ଜବାବ ଦିଆଯିବ।

## ନେପାଳରେ ବନ୍ୟା ପ୍ରଳୟ ମୃତ୍ୟୁସଂଖ୍ୟା ୯୦୦ ପାର୍, ୫୦୦୦ ନିଖୋଜ

### ଜଳବିଦ୍ୟୁତ୍ ପ୍ରକଳ୍ପରେ ୯୩୩ ଶ୍ରମିକଙ୍କ ପତ୍ତା ନାହିଁ

କାଠମାଣ୍ଡୁ, ୩୧।୮ (ଏଜେନ୍ସି): ନେପାଳରେ ଭୟାବହ ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ପରେ ଷଷ୍ଠ ଦିନରେ ମଧ୍ୟ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି। ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ୯୦୦ ଅତିକ୍ରମ କରିଥିବା ବେଳେ ୪୨୦୦ରୁ ଅଧିକ ଲୋକ ଏବେବି ନିଖୋଜ ଥିବା ନେପାଳ ବିପର୍ଯ୍ୟୟ ପ୍ରାଧିକରଣ ସୂଚନା ଦେଇଛି। ଅଗଷ୍ଟ ୨୬ରେ ତିବ୍ବତ ସୀମାନ୍ତ ରାସୁୱା ଜିଲ୍ଲାର ଭୋଟେକୋଶୀ ନଦୀରେ ହିମବାହ ଧସିବା ପରେ ହଠାତ୍ ବିପୁଳ ପାଣି ଆସିଥିଲା। ଏହା ଫଳରେ ନଦୀକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ସହ ଅନେକ ଲୋକ ନିଖୋଜ ହୋଇଛନ୍ତି। ବନ୍ୟାରେ ବିଭିନ୍ନ ଜଳବିଦ୍ୟୁତ ପ୍ରକଳ୍ପର ୯୩୩ ଜଣ କର୍ମଚାରୀ ଓ ଶ୍ରମିକଙ୍କ ସହ ଅଗଷ୍ଟ ୨୬ରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନେକ ଶ୍ରମିକ ମାଟି ଓ ପଥର ତଳେ ଥିବା ସୁଡ଼ଙ୍ଗରେ ଫସିଥିବା ଆଶଙ୍କା କରାଯାଉଛି। ନେପାଳର ଜାତୀୟ ବିପଦ ହ୍ରାସ ଓ ପରିଚାଳନା ପ୍ରାଧିକରଣ ଅନୁସାରେ, ବିଭିନ୍ନ ଜଳବିଦ୍ୟୁତ ପ୍ରକଳ୍ପର ସୁଡ଼ଙ୍ଗ ଭିତରେ ୬୦୦ରୁ ଅଧିକ ଲୋକ ଉଦ୍ଧାର ଅପେକ୍ଷାରେ ଅଛନ୍ତି। ଏପର୍ଯ୍ୟନ୍ତ ୨୭୯ ଜଣଙ୍କୁ ସୁଡ଼ଙ୍ଗରୁ ଉଦ୍ଧାର କରାଯାଇଛି। ଏଥିରେ ଅପର ତ୍ରିଶୂଳୀ-୧ ପ୍ରକଳ୍ପରୁ ୨୫୪ ଜଣ ଏବଂ ଲାଙ୍ଗଟାଙ୍ଗ ଖୋଲା ପ୍ରକଳ୍ପରୁ ୧୮ ଜଣ ରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ନେପାଳ ସହ ଭାରତ ଓ ଚୀନ୍‌ର ବିଶେଷଜ୍ଞ ଦଳ ମଧ୍ୟ ସହଯୋଗ କରୁଛନ୍ତି। ବନ୍ୟା ପ୍ରଭାବିତ ରାସୁୱା ଜିଲ୍ଲାର ଚିଲିମେ ଗାଁରୁ ନେପାଳ ସେନା ୪ ଜଣଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୩ ଜଣ ଭାରତୀୟ ନାଗରିକ ଥିବା ନେପାଳରେ ଭାରତୀୟ ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ଭାରତୀୟ ଦୂତାବାସ ସେମାନଙ୍କୁ ଭାରତ ଫେରାଇ ଆଣିବା ପାଇଁ ପଦକ୍ଷେପ ନେଉଛି। ନେପାଳ ଯାଇଥିବା ତାମିଲନାଡୁର ଅତି କମରେ ୮୪ ଜଣଙ୍କ ସହ ଏବେବି ଯୋଗାଯୋଗ ହୋଇପାରିନାହିଁ। ତାମିଲନାଡୁ ସରକାରଙ୍କ ସୂଚନା ଅନୁସାରେ, ରାଜ୍ୟରୁ ୩୦୫ ଜଣ ନେପାଳ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୨୨୦ ଜଣ ସୁରକ୍ଷିତ ଥିବା ନିଶ୍ଚିତ ହୋଇଛି। ଏପର୍ଯ୍ୟନ୍ତ ୨୧ ଜଣ ତାମିଲନାଡୁ ତୀର୍ଥଯାତ୍ରୀ ସୁରକ୍ଷିତ ଭାବେ ଫେରିଆସିଛନ୍ତି। ଅନ୍ୟମାନଙ୍କୁ ମଧ୍ୟ ଖୋଜାଖୋଜି କରାଯାଉଛି। ନେପାଳର ଭୟଙ୍କର ବନ୍ୟା ବିପର୍ଯ୍ୟୟ ପରେ ଭାରତ ସହଯୋଗର ହାତ ବଢ଼ାଇଛି। ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ସୋମବାର ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସ ପରିଦର୍ଶନ କରି ନେପାଳ ପ୍ରତି ଭାରତର ସମର୍ଥନ ପ୍ରକାଶ କରିଛନ୍ତି।






RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-68 ♦TUESDAY ♦1 SEPTEMBER 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୬୮ ♦ମଙ୍ଗଳବାର ♦୧ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଏଗ୍ରିଷ୍ଟାକ୍ ଓ ସରକାରଙ୍କ ଟାଳଟୁଳ ନୀତିକୁ ନେଇ ଗର୍ଜିଲେ ଚାଷୀ

■ ସମ୍ବଲପୁର, ୩୧।୮ (ସମିସ) : ଏଗ୍ରିଷ୍ଟାକ୍, ଖରିଫ୍ କିଣାବିକା ସମୟରେ ଏକକାଳୀନ ସମସ୍ତ ଟୋକନ ପ୍ରଦାନ, ପଞ୍ଜୀକରଣ ଅବଧି ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ବୃଦ୍ଧି ଆଦି ଦାବି ସହ ସରକାରଙ୍କ ଟାଳଟୁଳ ନୀତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ଚାଷୀ। ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶରେ ଚାଷୀମାନେ ସରକାରଙ୍କ ଚାଷୀମାରଣ ନୀତିକୁ ନିନ୍ଦା କରିଥିଲେ। ସମାବେଶ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ୨୬ ତାରିଖରେ ଖରିଫ୍ ଧାନ କିଣାବିକାକୁ ନେଇ ଏକ ପଶ୍ଚିମ ଓଡ଼ିଶାସ୍ତରୀୟ ବୈଠକ ଆୟୋଜିତ ବୈଠକର ନିଷ୍ପତ୍ତି ଅନୁଯାୟୀ, ତିନି ସୂତ୍ରୀ କାର୍ଯ୍ୟକ୍ରମରେ ସୋମବାର ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାରେ ବିକ୍ଷୋଭ ଓ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ ରହିଥିବାବେଳେ, ନୂଆଁଖାଇ ପରେ ସମସ୍ତ ଜିଲ୍ଲାରେ ୧୦ ଦଫା ଦାବିରେ ଚାଷୀ ଜାଗରଣ କାର୍ଯ୍ୟକ୍ରମ ଏବଂ ନଭେମ୍ବର ପ୍ରଥମ ସପ୍ତାହରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଚେତାବନୀ ସମାବେଶ କରାଯିବ। ବିକ୍ଷୋଭ ସମାବେଶରେ



- ■ 'ଏଗ୍ରିଷ୍ଟାକ୍ ପଞ୍ଜିକରଣ' ଓ 'କଲମ୍-୨' କାମ ସାମୟିକ ଭାବେ ବନ୍ଦ ରଖାଯିବା
- ■ ଖରିଫ୍ ପଞ୍ଜିକରଣ ଅବଧିକୁ ସେପ୍ଟେମ୍ବର ଶେଷ ଯାଏଁ ଘୁଞ୍ଚାଇବା
- ■ ଚାଷୀର ପଞ୍ଜିକରଣ ଅନୁଯାୟୀ 'ଏକକାଳୀନ ଟୋକନ' ପ୍ରଦାନ
- ■ ଜିଲ୍ଲା କ୍ରୟ ସମିତି (ଡିଏଲ୍ପିସି) କୁ ପୁନଃକ୍ଷମତା ପ୍ରଦାନ

ଧାନ କିଣାବିକାକୁ ଜଟିଳ ଓ ସମସ୍ୟାବହୁଳ କରିବାରେ ରାଜ୍ୟ ସରକାରଙ୍କ ରାଜସ୍ୱ, ସମବାୟ, କୃଷି ଓ ଯୋଗାଣ ବିଭାଗ ଓ ବିଭାଗୀୟ ମନ୍ତ୍ରୀଙ୍କ ଅଭିମୁଖ୍ୟକୁ ଦାୟୀ କରାଯାଇଥିଲା। ଏହାସହ ଜମି ବନ୍ଦୋବସ୍ତ, ଅସଲ ଜମି ମାଲିକଙ୍କୁ ଯୁଦ୍ଧକାଳୀନଭିତ୍ତିରେ ପଟ୍ଟା ଦେବା କାମନସାରି କଲମ -୨ ପରି ବିବାଦୀୟ ବ୍ୟବସ୍ଥା କରିବାକୁ ନିନ୍ଦା କରାଯାଇ ଜମି ବନ୍ଦୋବସ୍ତ, ଚକବନ୍ଦୀ ଜମିର ସମସ୍ୟା, ଭାଗଚାଷୀଙ୍କ ଲାଗି ଆଇନଗତ ବ୍ୟବସ୍ଥା ନ କରି ଏଗ୍ରିଷ୍ଟାକ ଓ କଲମ -୨କୁ ଲାଗୁ କରିବାର ବ୍ୟଗ୍ରତା କାହିଁକି ବୋଲି ଚାଷୀ ସଂଗଠନ ପ୍ରଶ୍ନ କରିଥିଲା। ଧାନ କିଣାବିକା ଓ ସାର କୁ ସେଥିରେ ଯୋଡିବାର ମସୁଧାରୁ ସରକାର ବିରତ ରୁହନ୍ତୁ ବୋଲି କୁହାଯାଇଥିଲା। ଭାଗଚାଷୀ, ଆଟ ଜମି, ଜଙ୍ଗଲ ଜମିର ଧାନ କ୍ରୟ ସମ୍ବନ୍ଧିତ ସମସ୍ୟା ଦୂର କରାଯାଉ ଓ ପଞ୍ଜୀକରଣ ଅନୁସାରେ ପ୍ରତି ଚାଷୀର 'ଏକକାଳୀନ ଟୋକନ୍' ଦେବାର ବ୍ୟବସ୍ଥା ଉପରେ ଜୋର ଦିଆଯାଇଥିଲା। ପଞ୍ଜିକରଣ ଲାଗି ୭ ଦିନ ଯଥେଷ୍ଟ ନୁହେଁ, ତେଣୁ ସେପ୍ଟେମ୍ବର ଶେଷ ଯାଏ ସମୟ ଦିଆଯାଉ। ସୂଚନାଯୋଗ୍ୟ ଯେ, ଖରିଫ ଚାଷ ପାଇଁ ପଞ୍ଜୀକରଣ ଅବଧି ଅଗଷ୍ଟ ୬ରୁ ୩୧ ତାରିଖ ପର୍ଯ୍ୟନ୍ତ ଥିବାବେଳେ ତାହାକୁ ମାତ୍ର ୭ ଦିନ ପରିବର୍ଦ୍ଧିତ କରାଯାଇଛି। ବିକ୍ଷୋଭ ସମାବେଶରେ ଛତିଶଗଡ଼ରେ ପଞ୍ଜିକରଣ ଲାଗି ପ୍ରାୟ ୪ ମାସ ଦିଆଯାଉଥିବା ବେଳେ, ଓଡ଼ିଶାରେ ମାତ୍ର ଗୋଟିଏ ମାସ ଦେବାକୁ ନେଇ ଚିନ୍ତାପ୍ରକଟ କରାଯାଇଛି। ଗୋଟିଏ ଋତୁରେ ଛତିଶଗଡ଼ରେ ୧୪୪ ଲକ୍ଷ ମାଟ୍ରିକ ଟନ କିଣାଯାଉଥିଲାବେଳେ ଓଡ଼ିଶାରେ ଉଭୟ ଖରିଫ ଓ ରବି ଋତୁକୁ ମିଶେଇ ୯୨ ଲକ୍ଷ ମାଟ୍ରିକ ଟନ୍ କିଣା ଯାଉଥିବା ଦୁର୍ଭାଗ୍ୟଜନକ ଏବଂ ଓଡ଼ିଶା ସରକାର ପଡ଼ୋଶୀ ରାଜ୍ୟରୁ ଶିଖନ୍ତୁ ବୋଲି ଚାଷୀମାନେ ▶ପୃଷ୍ଠା-୧୦

## ନକଲି ସୁନାରେ ଅସଲି ଠକେଇ

# ୟୁନିୟନ ବ୍ୟାଙ୍କର ପୂର୍ବତନ ମ୍ୟାନେଜର ଗିରଫ

■ ଭୁବନେଶ୍ୱର/ବାଲେଶ୍ୱର,୩୧।୮ (ସମିସ): ନକଲି ସୁନା ଅଳଙ୍କାର ରଖି ଅସଲି ଠକେଇ କରିଥିବା ଅଭିଯୋଗରେ ୟୁନିୟନ୍ ବ୍ୟାଙ୍କର ପୂର୍ବତନ ମ୍ୟାନେଜରଙ୍କୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ)। ଗିରଫ ଅଭିଯୁକ୍ତ ହେଉଛନ୍ତି ସତ୍ୟବ୍ରତ ଭୋଇ। ଗତକାଲି ତାଙ୍କୁ ଭୁବନେଶ୍ୱରରୁ ତାଙ୍କୁ ଗିରଫ ଗିରଫ କରାଯାଇଥିବା ବେଳେ ଆଜି ବାଲେଶ୍ୱରସ୍ଥିତ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି।



### ସୁନା ଋଣ ନାଁରେ ୨.୧୨ କୋଟି ଚଳୁ

ଇଓଡବ୍ଲୁ ସୂଚନା ଅନୁଯାୟୀ, ସତ୍ୟବ୍ରତ ୨୦୨୨ ସେପ୍ଟେମ୍ବର ୧୨ ତାରିଖରୁ କେନ୍ଦୁଝର ଜିଲ୍ଲାର ଯୋଡ଼ା ଶାଖାରେ ପରିଚାଳକ ଭାବେ କାର୍ଯ୍ୟରତ ଥିଲେ। ଶାଖାର ବ୍ୟାଙ୍କିଙ୍ଗ୍ କାର୍ଯ୍ୟ, ବନ୍ଧକ ସୁନାର ଯାଞ୍ଚ, ଋଣ ଗ୍ରହୀତାଙ୍କ ଯୋଗ୍ୟତା ଓ କେୱାଇସି ଯାଞ୍ଚ, ଆବଶ୍ୟକ ଦସ୍ତାବିଜ ଯାଞ୍ଚ, ସୁନା ଋଣ ମଞ୍ଜୁର ଓ ବିତରଣ ସହ ଋଣ ସମ୍ପର୍କିତ ଦସ୍ତାବିଜ ଓ ବନ୍ଧକ ସୁନାର ସୁରକ୍ଷିତ ରକ୍ଷଣାବେକ୍ଷଣ ଦାୟିତ୍ୱ ତାଙ୍କର ଥିଲା। କିନ୍ତୁ ୨୦୨୩ ଜୁନ୍‌ରୁ ୨୦୨୪ ଜୁନ୍ ମଧ୍ୟରେ ସତ୍ୟବ୍ରତ ଅନ୍ୟ କେତେକ ବ୍ୟାଙ୍କ କର୍ମଚାରୀଙ୍କ ସହ ମିଶି ୧୦୦ଟି ସୁନା ଋଣ ମଞ୍ଜୁର କରିଥିଲେ। ନକଲି ସୁନା ଅଳଙ୍କାର ବନ୍ଧକ ରଖି ଓ ଆବଶ୍ୟକ ଦସ୍ତାବିଜ ଯାଞ୍ଚ ନ କରି ମୋଟ ୨ କୋଟି ୧୨ ଲକ୍ଷ ୨୯ ହଜାର ୯୦୦ ଟଙ୍କାର ଋଣ ମଞ୍ଜୁର କରିଥିଲେ। ଅଡିଟ୍ ବେଳେ ଋଣ ହେରଫେର ସାମ୍ନାକୁ ଆସିଥିଲା। ଏହାପରେ ବାଲେଶ୍ୱର ୟୁନିୟନ୍ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଆଶୁତୋଷ ସୁଶୀଲ କୁମାର ପଟ୍ଟନାୟକ ଇଓଡବ୍ଲୁରେ ଏତଲା ଦେବାପରେ ମାମଲା ରୁଜୁ ହୋଇଥିଲା।

ନିର୍ଦ୍ଧାରିତ ନିୟମକୁ ଉଲ୍ଲଂଘନ କରି ନକଲି ସୁନା ଅଳଙ୍କାର ବଦଳରେ ୧୦୦ଟି ସୁନା ଋଣ ମଞ୍ଜୁର କରାଯାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଋଣ ଫାଇଲ୍‌ରେ ଆବଶ୍ୟକ ଦସ୍ତାବିଜ, କେୱାଇସି ଓ ପ୍ରକୃତ ଋଣଗ୍ରହୀତାଙ୍କ ଦସ୍ତଖତ ନ ଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି। ଏପରିକି ବନ୍ଧକ ସୁନାର "ଗୋଲ୍ଡ ପାଉଚ୍ ଇନ୍-ଆଉଟ୍ ରେଜିଷ୍ଟର' ମଧ୍ୟ ରକ୍ଷଣାବେକ୍ଷଣ କରାଯାଇ ନ ଥିଲା। ୧୦୦ଟି ସୁନା ଋଣ ଆକାଉଣ୍ଟ ମଧ୍ୟରୁ ୨୩ଟି ବନ୍ଦ ▶ପୃଷ୍ଠା-୧୦

# ଆଇସିୟୁରେ ଆନ୍ନା ହଜାରେ

■ ମୁମ୍ବଇ,୩୧।୮ (ଏଜେନ୍ସି): ବିଶିଷ୍ଟ ସମାଜସେବୀ ତଥା ଗାନ୍ଧୀବାଦୀ ନେତା ଆନ୍ନା ହଜାରେଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ମୁମ୍ବଇର ବମ୍ବେ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ସେ ମହାରାଷ୍ଟ୍ରର ରାଲେଗାଁ ସିଦ୍ଧି ସ୍ଥିତ ତାଙ୍କ ଆଦର୍ଶ ଗ୍ରାମ ନିକଟସ୍ଥ ଏକ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ



ହେଉଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଥିଲା। ତାଙ୍କ ଶରୀରରେ ଗୁରୁତର ଭୂତାଣୁ ସଂକ୍ରମଣ ଏବଂ ଜଳହୀନତା ଦେଖାଦେଇଥିଲା। ଏହାପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ମୁମ୍ବଇ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେ ବମ୍ବେ ହସ୍ପିଟାଲରେ ଡାକ୍ତର ଗୌତମ ଭଂସାଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଛନ୍ତି। ଆନ୍ନାଙ୍କୁ ଆଇସିୟୁରେ ପର୍ଯ୍ୟବେକ୍ଷଣରେ ରଖାଯାଇଛି ଏବଂ ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି। ସୂଚନାଯୋଗ୍ୟ, ୮୯ ବର୍ଷ ବୟସ୍କ ଏହି ସମାଜସେବୀ ପ୍ରାୟ ଦେଢ଼ ଦଶନ୍ଧି ପୂର୍ବରୁ ଦେଶବ୍ୟାପୀ ଇଣ୍ଡିଆ ଏଗେନ୍‌ଷ୍ଟ କରପ୍ସନ ଆନ୍ଦୋଳନରେ ଅନଶନ କରି ଭାରତରେ ଆଲୋଡନ ସୃଷ୍ଟି କରିଥିଲେ।

# ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସମ୍ପୂର୍ଣ୍ଣ ସୁରକ୍ଷିତ: ମୁଖ୍ୟ ପ୍ରଶାସକ

■ ପୁରୀ, ୩୧।୮ (ସମିସ) : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନ ଅଳଙ୍କାର ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ୧୯୭୮ ମସିହାର ତାଲିକା ସହ ବର୍ତ୍ତମାନ ଚାଲିଥିବା ରତ୍ନ ଅଳଙ୍କାରର ଗଣତିମଣତି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ମେଳକ ହେଉଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ମହାପ୍ରଭୁଙ୍କ ରତ୍ନଅଳଙ୍କାରର ଗଣତିମଣତି

- ■ ୧୯୭୮ ତାଲିକା ସହ ହେଉଛି ମେଳକ
- ■ ଚାଲିଛି ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତି

ପ୍ରକ୍ରିୟା ଜାରି ରହିଛି। ଗତ ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ମେ' ୨୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ରଥଯାତ୍ରା ସମୟରେ ଜୁଲାଇ ୧୯ରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଥିବା ଅଳଙ୍କାରଗୁଡ଼ିକର ମଧ୍ୟ ଗଣତି କରାଯାଇଥିଲା। ସୋମବାର ଥିଲା ଗଣତିମଣତି ପ୍ରକ୍ରିୟାର ୧୬ତମ ଦିନ। ପୂର୍ବାହ୍ନ ସାଢ଼େ ୧୧ଟାରେ ସକାଳ ଧୂପ ପରେ ଗଣତି ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୫୫ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ପ୍ରାୟ ୭ ଘଣ୍ଟା ୨୫ ମିନିଟ୍ ଧରି ଚାଲିଥିବା ଏହି ପ୍ରକ୍ରିୟାରେ ଝୋବାକଣ୍ଠିର ଗଣତିମଣତି କରାଯାଇଥିଲା। ଏହାକୁ ଭଣ୍ଡାର ମେକାପଙ୍କ ଜିମା ଦିଆଯାଇଛି। ଏହାସହ ଚଳନ୍ତି ଭଣ୍ଡାରରେ ଥିବା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀର ଗଣତିମଣତି ପ୍ରକ୍ରିୟା ଶେଷ ହୋଇଛି। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଭିତର ରତ୍ନଭଣ୍ଡାରରେ କାଠ




ବାକ୍ସରେ ରହିଥିବା କିଛି ମୂଲ୍ୟବାନ ସାମଗ୍ରୀର ଗଣତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ସେହି କାଠ ବାକ୍ସଗୁଡ଼ିକର ମାପ ନିଆଯାଇଛି। ଏଥିପାଇଁ ତିନିଟି ସେଟ୍‌ର ବାକ୍ସ ପ୍ରସ୍ତୁତ କରାଯିବ। ରାଜ୍ୟ ସରକାର ଏ ନେଇ ଅତିରିକ୍ତ ଏସ୍‌ଓପି ଜାରି କରିଛନ୍ତି। ବଡ଼ ଆକାରର ହୋଇଥିବାରୁ ଭିତର ରତ୍ନଭଣ୍ଡାର ମଧ୍ୟରେ ଏହି ▶ପୃଷ୍ଠା-୧୦

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ବିକ୍ରମ ପଣ୍ଡାଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

■ କଟକ,୩୧।୮ (ସମିସ): ଆଇନଜୀବୀ ତଥା ରାଜ୍ୟ ବାର୍ କାଉନସିଲ୍ ସଦସ୍ୟ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ। ଶ୍ରୀ ପଣ୍ଡାଙ୍କ ପକ୍ଷରୁ ଦାୟର ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ତଦନ୍ତ



### ଗିରଫଦାରୀର କାରଣ ଦର୍ଶାଇବା ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ କରିବାକୁ ଅଦାଲତଙ୍କ ଗୁରୁତ୍ୱ

ପ୍ରକ୍ରିୟାରେ ସହଯୋଗ କରିବା ସହ ସାକ୍ଷୀଙ୍କୁ କୌଣସି ଧମକଚମକ ପ୍ରଦାନ କରିବେ ନାହିଁ। ନିମ୍ନ ଅଦାଲତ ଚାହିଁଲେ ଉପଯୁକ୍ତ ସର୍ତ୍ତାରୋପ କରିପାରିବେ ବୋଲି କହିଛନ୍ତି ହାଇକୋର୍ଟ। ଗିରଫ ବେଳେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଓ ୨୨(୧) ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ର ଧାରା ୪୭ ଓ ୪୮ ଅନୁଯାୟୀ ଗିରଫଦାରୀର କାରଣ, ଗିରଫ କରିଥିବା ଅଧିକାରୀଙ୍କ ପକ୍ଷରୁ ଲିଖିତ ଆକାରରେ ଆବେଦନକାରୀ କିମ୍ବା ତାଙ୍କ ପରିବାରର ସଦସ୍ୟଙ୍କୁ ପ୍ରଦାନ କରାଯାଇ ନ ଥିଲା। ଏଣୁ ହାଇକୋର୍ଟ ଏହି ଗିରଫଦାରୀକୁ ଆଇନଗତ ଦୃଷ୍ଟିରୁ ବେଆଇନ ବୋଲି ଦର୍ଶାଇ ଜାମିନ ମଞ୍ଜୁର କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫଦାରୀର ଲିଖିତ କାରଣ ଦର୍ଶାଇବା ବାଧ୍ୟତାମୂଳକ ଦର୍ଶାଇ କେତେକ ମାମଲାରେ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଥିଲେ ବି ଏହା କାର୍ଯ୍ୟକାରୀ ହେଉନାହିଁ। ଏଣୁ ମୁଖ୍ୟ ବିଚାରପତିଙ୍କ ସମ୍ମତି ପୂର୍ବକ ଏହି ନିର୍ଦ୍ଦେଶନାମାର କପି ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଡିଜିପିଙ୍କୁ ପ୍ରେରଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟର ସମସ୍ତ ପୁଲିସ ଥାନା ଗୁଡିକ ଯେପରି ଗିରଫଦାରୀ ସମୟରେ ସମ୍ବିଧାନ ଓ ବିଏନଏସଏସର ସମସ୍ତ ଗାଇଡଲାଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା କଡ଼ାକଡ଼ି ପାଳନ କରିବେ ସେ ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷ ପଦକ୍ଷେପ ନେବେ ବୋଲି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୨୫ ଅକ୍ଟୋବର ୬ତାରିଖ ରାତିରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବୈକୁଣ୍ଠନଗରସ୍ଥିତ ନିଜ ବାସଭବନକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ପୀତାବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରିଥିଲେ। ପୁଲିସ ରାଜନୈତିକ ଓ ବ୍ୟକ୍ତିଗତ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ଓ ଏଥିରେ ଆବେଦନକାରୀ ବିକ୍ରମ ପଣ୍ଡାଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଦର୍ଶାଇ ୨୦୨୫ ଅକ୍ଟୋବର ୨୨ ତାରିଖରେ ପୁଲିସ ଗିରଫ କରିଥିଲା। ପୂର୍ବରୁ ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍‌ଙ୍କ ଅଦାଲତ ବିକ୍ରମଙ୍କ ଜାମିନ ଆବେଦନ ଖାରଜ କରିଦେଇଥିଲେ, ଯାହାକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶ୍ରୀ ପଣ୍ଡାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପରିଜା ଓ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ସରକାରଙ୍କ ପକ୍ଷରୁ ଏଜିଏ ପାର୍ଥସାରଥି ନାୟକ ଓ ଏତଲାକାରୀଙ୍କ ତରଫରୁ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଥିଲେ।

# ଫୋନ୍ ରିଚାର୍ଜ ପାଇଁ ଟଙ୍କା ନ ଦେବାରୁ ନାବାଳକର ଆତ୍ମହତ୍ୟା

■ କଣ୍ଟାବାଞ୍ଜି,୩୧।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା କୁଲିଆଦର ଗାଁରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ମାତ୍ର ୩ ଶହ ଟଙ୍କା ପାଇଁ ଏକ ୧୪ ବର୍ଷର ନାବାଳକ ଜୀବନ ହାରି ଦେଇଛି। ମୃତ ନାବାଳକ ଜଣକ ହେଉଛି ଦେବେନ୍ଦ୍ର ବନଛୋର। କିଛି ଦିନ ହେବ ସେ ମୋବାଇଲ ଫୋନ୍ ପ୍ରତି ଆସକ୍ତ ହୋଇ ପଡିଥିଲା। ଗେମ୍ ଖେଳିବା, ଭିଡିଓ ଦେଖାରେ ମାତିଥିଲା। ତେବେ ରିଚାର୍ଜ ସରିଯିବାରୁ ପରିବାର ଲୋକଙ୍କୁ ସେ ୩୦୦ ଟଙ୍କା ମାଗିଥିଲା। ଘର ଲୋକ କିନ୍ତୁ ମନା କରିଦେବାରୁ ଦେବେନ୍ଦ୍ର ଘର ପାଖ ଗଛରେ ସେ ଝୁଲି ପଡିଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ।

# କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦଙ୍କ ପରଲୋକ

■ ଭୁବନେଶ୍ୱର ୩୧।୮ (ସମିସ): ଓଡ଼ିଶା ପୁଲିସର ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦ କେ.ଙ୍କ ପରଲୋକ ଘଟିଛି। ଦୀର୍ଘଦିନ ଧରି କ୍ୟାନ୍ସରରେ ପୀଡ଼ିତ ଥିବା ସଫିନ କେରଳରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ପୁଲିସ ମହଲରେ ଶୋକର ଛାୟା ଖେଳିଯାଇଛି। ୧୯୭୬ ମସିହାରେ କେରଳମ୍‌ରେ ଜନ୍ମଗ୍ରହଣ



ଶୋକ ବ୍ୟକ୍ତକଲେ ମୋହନ, ନବୀନ

କରିଥିବା ସଫିନ ଅହମ୍ମଦ ୨୦୦୩ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇପିଏସ୍ ଅଧିକାରୀ ଭାବେ ପୁଲିସ ସେବାରେ ଯୋଗଦେଇଥିଲେ। ୨୦୦୫ରେ ସୁନ୍ଦରଗଡ଼ ଜିଲ୍ଲାରେ ଟ୍ରେନିଂ ଗ୍ରହଣ କରି ପ୍ରଥମେ ଗୁଣୁପୁର ଏସ୍‌ଡିପିଓ ଭାବେ ନିଯୁକ୍ତି ପାଇଥିଲେ। ଦୀର୍ଘ ପୁଲିସ ସେବା କାଳରେ ସେ ଦେବଗଡ଼, ଝାରସୁଗୁଡ଼ା, ଗଜପତି, ଭିଜିଲାନ୍ସ, ବ୍ରହ୍ମପୁର ଓ କଳାହାଣ୍ଡି ଜିଲ୍ଲାରେ ଏସ୍‌ପି ଭାବେ ନିଜର ଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କରିଥିଲେ। ନକ୍ସଲ ଦମନ କ୍ଷେତ୍ରରେ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୫ ବର୍ଷ ନିମନ୍ତେ ନିଜ ରାଜ୍ୟ କେରଳମ୍‌କୁ ଡେପୁଟେସନ୍‌ରେ ଯାଇ ଏସ୍‌ପି (କମ୍ପ୍ୟୁଟର) ତିରୁଅନନ୍ତପୁରମ୍, ଏଆଇଜି ମୁଖ୍ୟାଳୟ ଓ ଡିଆଇଜି (ଆଡ୍‌ମିନ), ଡିଆଇଜି (ଆର୍ମଡ୍ ପୁଲିସ ବାଟାଲିୟନ) ଭଳି ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। କେରଳମ୍ ରାଜ୍ୟରେ ନକ୍ସଲ ଦମନ ଅଭିଯାନର ମୂଳଦୂଆ ପକାଇବାରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ୨୦୧୯ ମସିହାରେ ଓଡ଼ିଶାକୁ ଫେରି ସେ ଡିଆଇଜି (ମୁଖ୍ୟାଳୟ) କଟକ, ▶ପୃଷ୍ଠା-୧୦

# ଚାକିରି ଛାଡ଼ିଲେ ରାଷ୍ଟ୍ରପତିଙ୍କ ଏଡିସି ମେଜର ଋଷଭ ସିଂହ

■ ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏଡ଼ିସି ମେଜର ଋଷଭ ସିଂହ ସାମ୍ବ୍ୟାଲ ନିଜ ପଦ ଓ ଭାରତୀୟ ସେନାରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପଛରେ ବ୍ୟକ୍ତିଗତ ଓ ପାରିବାରିକ କାରଣ ଥିବା କୁହାଯାଉଛି। ପଦ ଛାଡ଼ିବା ପରେ ମେଜର ଋଷଭ ସିଂହ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାରର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ରାଷ୍ଟ୍ରପତି ଭବନର ଡିଜିଟାଲ ଫଟୋ ଲାଇବ୍ରେରୀରେ ଋଷଭଙ୍କୁ 'ରିଟାୟର୍ଡ ଫର୍ମର ଏଡିସି' ଭାବେ ଉଲ୍ଲେଖ କରାଯାଇଛି। ଋଷଭ ସିଂହ ସାମ୍ବ୍ୟାଲ ପ୍ରଥମେ ୨୦୨୧ରେ ଜାଠ୍ ରେଜିମେଣ୍ଟର କ୍ୟାପ୍ଟେନ ଭାବେ ଗଣତନ୍ତ୍ର ଦିବସ ▶ପୃଷ୍ଠା-୧୦

# ତିନି ପୁଅ ଜନ୍ମ କଲେ; କେହି ପଚାରୁନାହାନ୍ତି

■ ଭଦ୍ରକ,୩୧।୮ (ସମିସ): ବୟସର ଅପରାହ୍ନରେ ପହଞ୍ଚିଥିବା ଜଣେ ୧୦୫ ବର୍ଷୀୟା ବୃଦ୍ଧା ମା'ଙ୍କୁ ନିଜର ତିନି ପୁଅ ଖାଇବା ଓ ରହିବାକୁ ଦେଉ ନ ଥିବା ନେଇ ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୃଦ୍ଧା ଜଣକ ଭଦ୍ରକ ପୁରୁଣାବଜାର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ଘଟଣାଟି ଭଦ୍ରକ ମ୍ୟୁନିସିପାଲିଟି ଅନ୍ତର୍ଗତ ମୁଲ୍ଲାସାହି ଅଞ୍ଚଳର ଏହି ଘଟଣା ବୋଲି ଜଣାପଡ଼ିଛି।



୧୦୫ ବର୍ଷୀୟା ମାଆ ଥାନାର ଦ୍ୱାରସ୍ଥ

ସୂଚନା ଅନୁସାରେ, ମୁଲ୍ଲାସାହି ଅଞ୍ଚଳର ଏହି ବୃଦ୍ଧାଙ୍କ ବୟସ ପ୍ରାୟ ୧୦୫ ବର୍ଷ। ବୃଦ୍ଧାବସ୍ଥା ଯୋଗୁଁ ସେ ନିଜେ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାରେ ଅସମର୍ଥ। ଏଭଳି ସମୟରେ ନିଜ ସନ୍ତାନମାନଙ୍କ ସହାୟତା ଓ ଆଶ୍ରୟ ହିଁ ତାଙ୍କର ଏକମାତ୍ର ଭରସା ବୋଲି ପରିବାର ପକ୍ଷରୁ କୁହାଯାଇଛି। ବୃଦ୍ଧାଙ୍କ କହିବା ଅନୁଯାୟୀ, ତାଙ୍କ ବଡ଼ ପୁଅ ଦୀର୍ଘ ଦିନ ଧରି ତାଙ୍କୁ ନିଜ ପାଖରେ ରଖି ଆସୁଥିଲେ। ବୃଦ୍ଧାଙ୍କ ଦେଖାଶୁଣା ଓ ଖାଦ୍ୟପାନୀୟର ବ୍ୟବସ୍ଥା ମଧ୍ୟ କରୁଥିଲେ। କିନ୍ତୁ ପୁଅଙ୍କ ବେପାର ବାଣିଜ୍ୟ ଠିକ୍ ଭାବେ ଚାଲୁ ନ ଥିବାରୁ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଥିବା ଅଭିଯୋଗ ରହିଛି। ଫଳରେ ବୃଦ୍ଧାଙ୍କ ଖାଇବା, ରହିବା ଓ ଦେଖାଶୁଣାକୁ ନେଇ ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ, ତାଙ୍କର ତିନି ପୁଅ ଥିଲେ ମଧ୍ୟ ବର୍ତ୍ତମାନ ତାଙ୍କୁ ଠିକ୍ ଭାବରେ ଖାଇବାକୁ ଓ ରହିବାକୁ ଦିଆଯାଉନାହିଁ। ଏହି ବୟସରେ ନିଜ ସନ୍ତାନଙ୍କଠାରୁ ଆଶ୍ରୟ ନ ପାଇ ସେ ଅସହାୟ ଅବସ୍ଥାରେ ପଡ଼ିଥିବା କହିଛନ୍ତି। ଶେଷରେ ନିରାଶ ହୋଇ ନ୍ୟାୟ ଆଶାରେ ପୁରୁଣାବଜାର ଥାନାରେ ପହଞ୍ଚି ନିଜ ଅଭିଯୋଗ ଜଣାଇଥିବା ସୂଚନା ମିଳିଛି। ଏହି ଘଟଣା ବୃଦ୍ଧ ପିତାମାତାଙ୍କ ପ୍ରତି ସନ୍ତାନଙ୍କ ଦାୟିତ୍ୱ ଓ ପାରିବାରିକ ମୂଲ୍ୟବୋଧକୁ ନେଇ ଅନେକ ପ୍ରଶ୍ନ ଉଠାଇଛି। ବୃଦ୍ଧାଙ୍କ ଅଭିଯୋଗ ଆଧାରରେ ପୁରୁଣାବଜାର ପୁଲିସ ଘଟଣା ସମ୍ପର୍କରେ ତଦନ୍ତ କରିବା ସହ ପରିବାରର ସଦସ୍ୟମାନଙ୍କ ସହ ଆଲୋଚନା କରିବା ଆବଶ୍ୟକତା ଦେଖାଦେଇଛି। ଜୀବନର ଏହି ଶେଷ ସମୟରେ ୧୦୫ ବର୍ଷୀୟା ବୃଦ୍ଧାଙ୍କୁ ସୁରକ୍ଷିତ ଆଶ୍ରୟ, ଖାଦ୍ୟ ଓ ଆବଶ୍ୟକ ଯତ୍ନ ମିଳିବା ନେଇ ସ୍ଥାନୀୟ ମହଲରେ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ନିଜ ଜନ୍ମଦାତ୍ରୀ ମା' ଜୀବନର ଅନ୍ତିମ ପର୍ଯ୍ୟାୟରେ ଥିବାବେଳେ ତାଙ୍କ ଦେଖାଶୁଣା ଓ ସୁରକ୍ଷା ନେବା ସନ୍ତାନଙ୍କ ମାନବୀୟ ଦାୟିତ୍ୱ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଓଲଟପାଲଟ



ପାଠ୍ୟ ପୁସ୍ତକରେ ହଜାରେ ଭୁଲ୍
ହେବ ପୁଣି ସଂଶୋଧନ,
ଏମନ୍ତ ବହିକୁ ଛପା ହେବା ପାଇଁ
ଗଲା କୋଟି କୋଟି ଧନ।
ନ ଲାଗିଲା ଅପମାନ,
ସେପ୍ଟେମ୍ବରରେ ବହି ବଣ୍ଟାଯିବ
ଦକଦକ ହୁଏ ମନ
ପରୀକ୍ଷା ହେବ କେସନ।
- ଯାଯାବର

# ଆଉ ୫୦ ବର୍ଷରେ ଧ୍ୱଂସ ପାଇଯିବ ପୃଥିବୀ!

■ ୱାଶିଂଟନ,୩୧।୮ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନକୁ ନେଇ ବିଶ୍ୱବ୍ୟାପୀ ଚିନ୍ତା ବଢ଼ୁଥିବା ବେଳେ ସ୍ପେସ ଏକ୍ସ ମୁଖ୍ୟ ଏଲନ୍ ମସ୍କ ଏହି ସମୟରେ ଏକ ଭୟଙ୍କର ଚେତାବନୀ ଦେଇଛନ୍ତି। କେବଳ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାରକୁ ବଢ଼ାଇଲେ ଜଳବାୟୁ ପରିବର୍ତ୍ତନ ବିପଦରୁ ପୃଥିବୀକୁ ସୁରକ୍ଷା ପ୍ରଦାନ ସମ୍ଭବ ନୁହେଁ। ଭବିଷ୍ୟତରେ ପୃଥିବୀର ତାପମାତ୍ରା ନିୟନ୍ତ୍ରଣ ପାଇଁ ବୃହତ୍ ମହାକାଶୀୟ ଜିଓ-ଇଞ୍ଜିନିୟରିଂ ଭଳି ପ୍ରଯୁକ୍ତିର ଆବଶ୍ୟକତା ପଡ଼ିପାରେ। ଏ ଦିଗରେ ଯଦି ଏବେଠାରୁ କାମ କରା ନ ଯିବ, ତେବେ ୫୦ ବର୍ଷ ପରେ ପୃଥିବୀର ଅସ୍ତିତ୍ୱ ହୁଏତ ଧ୍ୱଂସ ପାଇଯିବ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ମସ୍କ କହିଛନ୍ତି ଯେ ପ୍ରାୟ ପ୍ରତି ୧୦ କୋଟି ବର୍ଷରେ ଅତ୍ୟନ୍ତ ଗୁରୁତର ବିଲୁପ୍ତି ଘଟଣା ଘଟିଥାଏ। ଏଭଳି ବଡ଼ ବିପଦକୁ ରୋକିବା ଏକ ଆହ୍ୱାନ। ପୃଥିବୀର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିବା ପାଇଁ ମହାକାଶ ଉପଗ୍ରହ ଓ ବୃହତ୍ ପରିମାଣର ଜିଓ-ଇଞ୍ଜିନିୟରିଂ

### ପୃଥିବୀ ଉପରେ 'ସେନ୍ସିଏଣ୍ଟ ସାଟେଲାଇଟ୍' ଆଚ୍ଛାଦନ ଜରୁରୀ

### ପୃଥିବୀକୁ ବଞ୍ଚାଇବାକୁ ମହାକାଶୀୟ ଜିଓ-ଇଞ୍ଜିନିୟରିଂ ଆବଶ୍ୟକ: ମସ୍କ

ଆବଶ୍ୟକ ହୋଇପାରେ। ଏଭଳି ପଦକ୍ଷେପ ନ ନିଆଗଲେ ଭବିଷ୍ୟତରେ ପରିସ୍ଥିତି 'ଗେମ୍ ଓଭର୍' ଭଳି ହୋଇପାରେ। ଜଳବାୟୁ ସଙ୍କଟର ଦୀର୍ଘକାଳୀନ ସମାଧାନ ପାଇଁ ମସ୍କ ଏକ ଅତ୍ୟାଧୁନିକ ପ୍ରଯୁକ୍ତିଗତ କାର୍ଯ୍ୟର ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ ସୌର ଶକ୍ତିଚାଳିତ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଇଓ) ନିୟନ୍ତ୍ରିତ 'ସେନ୍ସିଏଣ୍ଟ ସାଟେଲାଇଟ୍'ର ଏକ ବିଶାଳ ସମୂହ ପୃଥିବୀ-ସୂର୍ଯ୍ୟ ଲାଗ୍ରାଞ୍ଜ ପଏଣ୍ଟରେ ସ୍ଥାପନ କରାଯାଇପାରେ। ଏହି ଉପଗ୍ରହଗୁଡ଼ିକ ପୃଥିବୀରେ ପହଞ୍ଚୁଥିବା ସୌର ଶକ୍ତିର ପରିମାଣରେ ସୂକ୍ଷ୍ମ ପରିବର୍ତ୍ତନ ଆଣି ତାପମାତ୍ରା ନିୟନ୍ତ୍ରଣରେ ସହାୟକ ହୋଇପାରିବ। ଚନ୍ଦ୍ରରେ ନିର୍ମାଣ ହୋଇଥିବା 'ମାସ୍ ଡ୍ରାଇଭର୍' ମାଧ୍ୟମରେ ଏହି ଉପଗ୍ରହଗୁଡ଼ିକୁ ମହାକାଶକୁ ପଠାଯାଇପାରିବ। ଚନ୍ଦ୍ରର ଅପେକ୍ଷାକୃତ କମ୍ ମାଧ୍ୟାକର୍ଷଣକୁ ବ୍ୟବହାର କରି ବୃହତ୍ ପରିମାଣର ବସ୍ତୁକୁ ମହାକାଶକୁ ପଠାଇବାର ଏହି ପ୍ରଣାଳୀ ଭବିଷ୍ୟତରେ ଉପଯୋଗୀ ▶ପୃଷ୍ଠା-୧୦

# କରାପାଣି ନାଳରୁ ହଠାତ୍ ମାଡ଼ିଆସିଲା ବନ୍ୟାଜଳ

**ବଣାଇଁଗଡ଼, ୩୧।୮(ସମିସ)**



ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଫୁଲଝର ଗ୍ରାମରେ ଥିବା କରାପାଣି ନାଳରେ ହଠାତ୍ ବନ୍ୟାଜଳ ମାଡ଼ି ଆସିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଗତକାଲି ରାତିରେ କରାପାଣି ନାଳରୁ ଘୋ' ଘୋ' ହୋଇ ବନ୍ୟାଜଳ ମାଡ଼ିଆସିବାରୁ ମଧ୍ୟରାତ୍ରିରେ ଜୀବନ ବିକଳରେ ଲୋକେ ଘର ଛାଡ଼ି ନିରାପଦ ସ୍ଥାନକୁ ଧାଇଁଥିଲେ। ବନ୍ୟାଜଳ ଯୋଗୁଁ ଫୁଲଝର ଗ୍ରାମର ପ୍ରାୟ ୧୦ଟି ପରିବାର ପ୍ରଭାବିତ ହୋଇଥିବା ବେଳେ ଅନେକଙ୍କ ଘରଦ୍ୱାର ଓ ଦୋକାନ ଘର ଭାଙ୍ଗିଯାଇଛି। ଘରେ ଥିବା ଆସବାବପତ୍ର ନଷ୍ଟ ହେବା ସହ ଛେଳି, କୁକୁଡ଼ା ଆଦି ପଶୁପକ୍ଷୀ ମଧ୍ୟ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି।

**୧୦ ପରିବାରର ବ୍ୟାପକ କ୍ଷୟକ୍ଷତି**

**ତଳଗିନିଆ ଓ ଉପରଗିନିଆ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ**

ପ୍ରଭାବିତ ପରିବାରଙ୍କ ମଧ୍ୟରେ ଚରଣ ସିଂ ନାୟକ, ସୁକାନ୍ତ ସାହୁ ଓରଫ କାଳିଆ, ସୁମନ ମାଝୀ, କାତ୍ରିନା ଓରାମ, ସଲମା ପରିଡ଼ାଙ୍କ ଘର, ଦୋକାନ ଓ ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେହିପରି କପିଳାସ ବାରିକ, କମଳା ବାରିକ, ଆରତୀ ମୁଣ୍ଡାରୀ, ସହଦେବ ମୁଣ୍ଡାରୀଙ୍କ ସମେତ ଅନ୍ୟ ପରିବାରଙ୍କ ଘରଦ୍ୱାର ଓ ଦୋକାନ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ଅନ୍ୟପକ୍ଷରେ ଫୁଲଝର ଗ୍ରାମକୁ ଲାଗି ରହିଥିବା ତଳଗିନିଆ ଓ ଉପରଗିନିଆ ଗ୍ରାମ ମଧ୍ୟ କରାପାଣି ନାଳର ବନ୍ୟାଜଳ ଯୋଗୁଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଉଭୟ ଗ୍ରାମକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଛି। ଫଳରେ ଗ୍ରାମବାସୀ ଦୈନନ୍ଦିନ ଯାତାୟାତ ସହିତ ଜରୁରୀକାଳୀନ ସେବା ପାଇବାରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ହଠାତ୍ ଆସିଥିବା ବନ୍ୟାଜଳରେ ଘରଦ୍ୱାର, ଦୋକାନ ଓ ଘରୋଇ ସାମଗ୍ରୀ ନଷ୍ଟ ହୋଇଥିବାରୁ ପ୍ରଭାବିତ ପରିବାରଗୁଡ଼ିକ ଚିନ୍ତାରେ ରହିଛନ୍ତି। କ୍ଷୟକ୍ଷତିର ତୁରନ୍ତ ଆକଳନ କରି ପ୍ରଭାବିତ ପରିବାରଙ୍କୁ ଜରୁରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବନ୍ୟାଜଳ ହ୍ରାସ ପାଇବା ପର୍ଯ୍ୟନ୍ତ ତଳଗିନିଆ ଓ ଉପଗିନିଆ ଗ୍ରାମର ଯୋଗାଯୋଗ ବ୍ୟବସ୍ଥା ଉପରେ ପ୍ରଶାସନ ନଜର ରଖିବା ସହ ଲୋକଙ୍କ ସୁରକ୍ଷା ଓ ତୁରନ୍ତ ରିଲିଫ୍ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ହସ୍ପିଟାଲରୁ ଚମ୍ପଟ୍ ବିଚାରାଧୀନ କଏଦୀ ଧରାପଡ଼ିଲା



**ରାଉରକେଲା, ୩୧।୮(ସମିସ):** ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଖସି ପଳାଇଥିବା ବିଚାରାଧୀନ କଏଦୀ ଟେକଚାନ୍ଦ ବେହେରାଙ୍କୁ ରବିବାର ସନ୍ଧ୍ୟାରେ ରୁପାବାହାଲ ନିକଟସ୍ଥ ଏକ ଜଙ୍ଗଲିଆ ଅଞ୍ଚଳରୁ ସୁନ୍ଦରଗଡ଼ ଟାଉନ୍ ଥାନା ପୁଲିସ ଧରିବାରେ ସଫଳ ହୋଇଛି।

ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା ରୁପାବାହାଲ ଗ୍ରାମର ଟେକ୍ ଚାନ୍ଦ ବେହେରା ଏକ ହତ୍ୟା ମାମଲାରେ ଗିରଫ ହୋଇ ଗତବର୍ଷ ଏପ୍ରିଲ୍ ମାସରୁ ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ୪ଦିନ ତଳେ ଅସୁସ୍ଥ ହେବାରୁ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସୁରକ୍ଷା ପାଇଁ ୩ ଜଣ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଶନିବାର ଶୌଚାଳୟ ଯିବା ବାହାନାରେ ସୁରକ୍ଷାକର୍ମୀଙ୍କୁ ଚକମା ଦେଇ ଟେକ୍ ଚାନ୍ଦ ହସ୍ପିଟାଲ ପରିସରରୁ ଖସି ପଳାଇଥିଲେ। ଟାଉନ୍ ପୁଲିସ ଏନେଇ ମାମଲା ରୁଜୁ କରିବା ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଥିଲା।

# ସେକ୍ଟର- ୯ ଦୁର୍ଗାପୂଜା କମିଟିର ସାଧାରଣ ପରିଷଦ ବୈଠକ

**ରାଉରକେଲା, ୩୧।୮(ସମିସ):** ଦୁର୍ଗାପୂଜା ନିମନ୍ତେ ସେକ୍ଟର-୯ ଦୁର୍ଗାପୂଜା କମିଟିର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କେଦାର ନାଥ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କୋଷାଧ୍ୟକ୍ଷ ପ୍ରକାଶ ଦାସ ଗତ ଦୁର୍ଗାପୂଜାର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ସଭାପତି ଶ୍ରୀ ପରିଡ଼ା ସ୍ୱାଗତ ଭାଷଣ ଦେଇ ବିଗତ ବର୍ଷ ଆୟୋଜନ ପାଇଁ ସମସ୍ତ ସଦସ୍ୟମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ସଭାପତି ଶ୍ରୀ ପରିଡ଼ା ପୁରୁଣା କମିଟିକୁ ଭଙ୍ଗ କରିଥିଲେ।



ଏହାପରେ ଚଳିତବର୍ଷ ଦୁର୍ଗାପୂଜା ନିମନ୍ତେ କମିଟିର ବରିଷ୍ଠ ସଦସ୍ୟ ବିଜୟ ମହାରଣାଙ୍କ ତତ୍ତ୍ୱାବଧାନରେ ନୂତନ କମିଟି ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। କେଦାର ନାଥ ପରିଡ଼ା ପୁନର୍ବାର ସଭାପତି ମନୋନୀତ ହୋଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ପ୍ରସନ୍ନ ମହାନ୍ତି ମନୋନୀତ ହୋଇଛନ୍ତି। କୋଷାଧ୍ୟକ୍ଷ ପ୍ରକାଶ ଦାସ ଗତ ଦୁର୍ଗାପୂଜା ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ ମଣ୍ଡଳ, ଉପ ସଭାପତି ଭାବେ ଜୟନ୍ତ ମଲ୍ଲିକ, ଭାଗବତ ନାୟକ, ଉମାକାନ୍ତ ମହାପାତ୍ର, କୃଷ୍ଣଚନ୍ଦ୍ର ବେହେରା, ସହ ସମ୍ପାଦକ ଭାବେ ଚନ୍ଦନ ମଜୁମଦାର, ସୂର୍ଯ୍ୟକାନ୍ତ ମହାରଣା, ପ୍ରିୟବ୍ରତ ପରିଡ଼ା, ଅଜୟ ବେହେରା, ବିଶ୍ୱଜିତ୍ ସାହୁ, କୋଷାଧ୍ୟକ୍ଷ ପ୍ରକାଶ ଦାସ, ସାଂଗଠନିକ ସମ୍ପାଦକ ମାନସ ଦାସ ଓ ହିସାବ ନିରୀକ୍ଷକ ଭାବେ ପ୍ରଶାନ୍ତ ଗଡ଼ନାୟକଙ୍କୁ ଚୟନ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଦୁର୍ଗାପୂଜାରେ କର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରୁଥିବା ହୃଦାନନ୍ଦ ପରିଡ଼ାଙ୍କ ପରଲୋକ ହେତୁ ଚଳିତବର୍ଷରୁ କର୍ତ୍ତା ଭାବେ ସତ୍ୟ ନାରାୟଣ ସେଠଙ୍କୁ ଚୟନ କରାଯାଇଥିଲା। ଏହାସହ ଉପସ୍ଥିତ ଅନ୍ୟ ସଦସ୍ୟମାନଙ୍କ ଭିତରୁ ଉପଦେଷ୍ଟା ଓ ସଦସ୍ୟ ଭାବରେ କମିଟିରେ ସ୍ଥାନିତ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପ୍ରସନ୍ନ ମହାନ୍ତି ପରିଚାଳନା କରିଥିଲେ ଓ ଶେଷରେ ପ୍ରଶାନ୍ତ ଗଡ଼ନାୟକ ଧନ୍ୟବାଦ୍ ପ୍ରସ୍ତାବ ଆଗତ କରିଥିଲେ।

# ସୁସ୍ଥ ଜୀବନଶୈଳୀ ପାଇଁ ପୁଲିସ ପକ୍ଷରୁ ସାଇକଲ ଚାଳନା



**ରାଉରକେଲା, ୩୧।୮(ସମିସ):** ସୁସ୍ଥତା, ପରିବେଶ ସଚେତନତା ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଉରକେଲା ପୁଲିସ ପକ୍ଷରୁ 'ରବିବାର ସାଇକେଲରେ' ସ୍ୱତନ୍ତ୍ର ସଂସ୍କରଣ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସାଇକେଲ ରାଲି ଉଦିତନଗର ସ୍ଥିତ ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ରାଉରକେଲା ରିଜର୍ଭ ପୁଲିସ୍ ଲାଇନ୍ ଅନ୍ତର୍ଗତ ରିଜର୍ଭ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ରମାକାନ୍ତ ସାହୁ, ଶ୍ରାବଣୀ ନାୟକଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ, ପୁଲିସ୍ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ବଣାଇଁଗଡ଼, ୩୧।୮ (ସମିସ):** ଚାନ୍ଦିପୋଷ ଥାନା ଅନ୍ତର୍ଗତ ଲୁଧୁଣି ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଗ୍ରାମର ଦୁଃଖିନୀ ଓରାମ (୫୮)। ଦୁଃଖିନୀ ଗ୍ରାମରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଉଥିବାବେଳେ ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ସେତେବେଳକୁ ମୃତ୍ୟୁ ଘଟିସାରିଥିଲା। ଚାନ୍ଦିପୋଷ ପୁଲିସ ପହଞ୍ଚି ମୃତଦେହ ଜବତ କରି ଶବ ସଂରକ୍ଷଣ ଗୃହରେ ବ୍ୟବଚ୍ଛେଦ ପାଇଁ ରଖିଛି।

# ବୈଶାଖୀ ସାହିତ୍ୟ ସଂସଦର ମେହେର ଜୟନ୍ତୀ




**ରାଉରକେଲା, ୩୧।୮ (ସମିସ):** ରାଉରକେଲାର ବୈଶାଖୀ ସାହିତ୍ୟ ସଂସଦ ଦ୍ୱାରା ଗଙ୍ଗାଧର ମେହେରଙ୍କ ୧୬୫ ତମ ଜୟନ୍ତୀ ଛେଣ୍ଡସ୍ଥିତ ମଧୁସୂଦନ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଶୈଳବାଳା ଷଡଙ୍ଗୀ ଯୋଗଦେଇ ମାତୃଭୂମି ମାତୃଭାଷାକୁ ଭଲ ପାଇବା ଓ ତାର ଗୌରବ ବଢ଼ାଇବା ଗଙ୍ଗାଧର ମେହେର ସମସ୍ତଙ୍କୁ ପ୍ରରଣା ଦେଇଛନ୍ତି ବୋଲି କହିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୀତବାସ ପ୍ରଧାନ ଓ ଅନ୍ୟତମ ଅତିଥି ଭାବେ ବିଜୟ କୁମାର ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଗୀତାରାଣୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସମ୍ପାଦକୀୟ ଅଭିଭାଷଣରେ ବୈଶାଖୀ ସାହିତ୍ୟ ସଂସଦର ଆଗାମୀ କାର୍ଯ୍ୟକ୍ରମର ରୂପରେଖ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ କବି କବିବର ପରିଡ଼ା ଓ ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନାଙ୍କ ଅମର ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରା ଯାଇଥିଲା। ସହରର ବିଶିଷ୍ଟ ଗାଳ୍ପିକ ଅଜୟ କୁମାର ମହାନ୍ତି ଏକ ସୁନ୍ଦର ଯୁଗୋପଯୋଗୀ ଗଳ୍ପ ପାଠ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ବିକ୍ରମ ଆଚାର୍ଯ୍ୟଙ୍କ ସଭାପତିତ୍ୱ, କବି ପରେଶ ବିଶ୍ୱାଳ ଓ କବୟିତ୍ରୀ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ କବି ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ସେଲ୍‌କୁ ମିଳିଲା ସମ୍ମାନଜନକ 'ଟପ୍ ଏମ୍ପ୍ଲୋୟର' ସାର୍ଟିଫିକେସନ୍

**ରାଉରକେଲା, ୩୧।୮(ସମିସ):** ମହାରତ୍ନ ସିପିଏସ୍‌ଇ ଏବଂ ଭାରତର ସବୁଠାରୁ ବଡ଼ ସାର୍ବଜନୀନ କ୍ଷେତ୍ର ଇସ୍ପାତ ନିର୍ମାତା ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ), ଟପ୍ ଏମ୍ପ୍ଲୋୟର୍ସ ଇନ୍‌ଷ୍ଟିଚ୍ୟୁଟ୍‌ରୁ ପ୍ରତିଷ୍ଠିତ 'ଟପ୍ ଏମ୍ପ୍ଲୋୟର' ସାର୍ଟିଫିକେସନ୍ ହାସଲ କରିଛି। ଏହି ସାର୍ଟିଫିକେସନ୍ ୨୪ ଅଗଷ୍ଟ ୨୦୨୬ ରେ ପ୍ରଦାନ କରାଯାଇଛି ଏବଂ ଏହା ଡିସେମ୍ବର ୨୦୨୭ ପର୍ଯ୍ୟନ୍ତ ବଳବତ୍ତର ରହିବ।

ଏହି ସଫଳତା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ସେଲ୍‌ଫ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ଲଗାତାର ତୃତୀୟ 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ସାର୍ଟିଫିକେସନ୍ ମଧ୍ୟ ବଜାୟ ରଖିଛି।

ସୂଚନାଯୋଗ୍ୟ ଯେ 'ଟପ୍ ଏମ୍ପ୍ଲୋୟର ସାର୍ଟିଫିକେସନ୍' ଏକ ସଂସ୍ଥାର ମାନବ ସମ୍ବଳ ନୀତିଗୁଡ଼ିକର କଠୋର ଏବଂ ତଥ୍ୟ-ଆଧାରିତ ଆକଳନ ଉପରେ ପର୍ଯ୍ୟବସିତ। ଏଚଆର ବେଷ୍ଟ ପ୍ରାକ୍ଟିସେସ୍ ସର୍ଭେ ସମଗ୍ର କର୍ମଚାରୀ ଜୀବନଚକ୍ରକୁ ଅନ୍ତର୍ଭୁକ୍ତ କରି ଛଅଟି ପ୍ରମୁଖ ଏଚଆର କ୍ଷେତ୍ର ଏବଂ ୨୦ଟି ରଣନୈତିକ ବିଷୟବସ୍ତୁ ଉପରେ କାର୍ଯ୍ୟପଦ୍ଧତିର ମୂଲ୍ୟାଙ୍କନ କରେ। ସଠିକତା, ବିଶ୍ୱସନୀୟତା ଏବଂ ନିରନ୍ତରତା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଆବେଦନ ଯୋଗ୍ୟତାପ୍ରାପ୍ତ ଏଚଆର ଅଡିଟରମାନଙ୍କ ଦ୍ୱାରା ସ୍ୱାଧୀନ ଭାବେ ଯାଞ୍ଚ କରାଯାଏ। ୧୩୧ ଟି ଦେଶର ପ୍ରାୟ ୨, ୫୦୦ ସାର୍ଟିଫାଇଡ୍ ନିଯୁକ୍ତିଦାତାଙ୍କ ସହ ବିଶ୍ୱସ୍ତରୀୟ ତୁଳନାତ୍ମକ ମୂଲ୍ୟାଙ୍କନ ମାଧ୍ୟମରେ ଏହି ଆକଳନକୁ ଅଧିକ ସୁଦୃଢ଼ କରାଯାଏ। ଉଲ୍ଲେଖଯୋଗ୍ୟ ଯେ ଗୋଟିଏ ପ୍ରମାଣପତ୍ର କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରକୁ କିପରି ଅନୁଭବ କରନ୍ତି ତାହା ଦର୍ଶାଉଥିବା ବେଳେ, ଅନ୍ୟଟି ସେହି ଅନୁଭୂତିକୁ ସାହାଯ୍ୟ କରୁଥିବା ଏଚଆର ବ୍ୟବସ୍ଥା ଏବଂ ନୀତିର ଶକ୍ତିକୁ ଆକଳନ କରେ।

# ଭବାନୀପାଟଣା ପୌରପାଳିକାର ସ୍ୱାୟତ୍ତ ଶାସନ ଦିବସ

**ଭବାନୀପାଟଣା, ୩୧।୮ (ସମିସ):** ଭବାନୀପାଟଣା ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ହୋଇଯାଇଛି। ନଗରପାଳ ବିଷ୍ଣୁ ପ୍ରଧାନ ପୌର କାର୍ଯ୍ୟାଳୟ ସମ୍ମୁଖରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଭବାନୀପାଟଣା ସହରକୁ ସ୍ୱଚ୍ଛ, ସୁନ୍ଦର ଓ ନିର୍ମଳ ରଖି ଉନ୍ନତିପଥରେ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗ ପାଇଁ କାମନା କରିଥିଲେ। ସେହିପରି ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀ ଓ ସମସ୍ତ କାଉନସିଲର, ପୌର କର୍ମଚାରୀ ଯୋଗଦେଇଥିଲେ। ମା ମାଣିକେଶ୍ୱରୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ନଗରପାଳ ପ୍ରଧାନଙ୍କ ସମେତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ଓ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।



ଏହି ଅବସରରେ ଭବାନୀପାଟଣା ସହରରେ ନବନିର୍ମିତ ଶୀତଳ ଭଣ୍ଡାରକୁ ସାଂସଦ ମାଳବିକା ଦେବୀ ଉଦ୍‌ଘାଟିତ କରିଥିଲେ। ଏମ୍‌ପି ମାଳିବିକାଙ୍କ ଦ୍ୱାରା ସହରର ଅର୍କବହାଲି ପଡ଼ା ଛକଠାରେ ଏବଂ ଅନ୍ୟ ସ୍ଥାନରେ 'ହାଇମାଷ୍ଟ ଲାଇଟ୍' ଉଦ୍‌ଘାଟନ ହୋଇଯାଇଛି। ଉପରୋକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ମ୍ୟୁନସିପାଲଟି ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

# ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ରାଉରକେଲା, ୩୧।୯(ସମିସ):** ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର ଉଦ୍ୟମରେ ନିର୍ମିତ ଏକ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ 'ପୁଣ୍ୟତୋୟା', ସେକ୍ଟର-୧୯ ସ୍ଥିତ ନେହେରୁ ଟ୍ରାଫିକ୍ ପାର୍କ ଠାରେ ଆଜି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ (ଟିଏସ ଏବଂ ସିଏସଆର) ଟି. ଜି. କାନେକର, ମୁଖ୍ୟ ମହାପ୍ରବନ୍ଧକ (ଟିଇ ଏବଂ ଉଦ୍ୟାନ କୃଷି) ସି. ଏମ. ଚୁଗ, ମହାପ୍ରବନ୍ଧକ (ସିଏସଆର) ବି. ମଲ୍ଲିକ ଏବଂ କାରଖାନା ଓ ସହରାଞ୍ଚଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସୁବିଧା ରାଞ୍ଚିର ସ୍ୱେଚ୍ଛାସେବୀ ସଂସ୍ଥା 'ମେସର୍ସ ଲିଡ୍‌ସ'ର ସହଯୋଗରେ କାର୍ଯ୍ୟକାରୀ କରାଯାଇଛି।



**ନୂଆପଡ଼ାରେ ଜମି ଜାଲିଆତି ପ୍ରସଙ୍ଗ**

# ଦୋଷୀଙ୍କ ଗିରଫ ଦାବିରେ ୭ରୁ ଗଣଧାରଣା ଚେତାବନୀ

**କୋମନା, ୩୧।୮(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଅଧୀନ ଚାନ୍ଦୋପଲା ଗ୍ରାମରେ ଏକ ବଡ଼ଧରଣର ଜମି ଜାଲିଆତି ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାରେ ପୀଡ଼ିତ ପରିବାରବର୍ଗ ତୁରନ୍ତ ନ୍ୟାୟ ଏବଂ ଦୋଷୀଙ୍କ ଗିରଫ ଦାବି କରି ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୭ ତାରିଖରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଚାନ୍ଦୋପଲା ଗ୍ରାମର ପୀଡ଼ିତ ପରିବାରମାନଙ୍କର ମୂଲ୍ୟବାନ ରୟତି ଜମିକୁ ଜାଲ୍ କାଗଜପତ୍ର ଏବଂ ପରିଚୟ ବଦଳାଇ ଠକେଇ ଜରିଆରେ ଅନ୍ୟମାନଙ୍କ ନାମରେ ହଡ଼ପ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ହୋଇଥିବା ତଦନ୍ତରେ ଜାଲିଆତି ପ୍ରମାଣିତ ହେବା ପରେ କୋମନାର ତହସିଲଦାର-ତଥା-ସବ୍-ରେଜିଷ୍ଟ୍ରାର ଏବଂ ସମ୍ପୃକ୍ତ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା। ଏନେଇ କୋମନା ଥାନାରେ ଏଫ୍‌ଆଇଆର୍ ଦିଆଯାଇଥିଲେ ମଧ୍ୟ ଏବଂ ତଦନ୍ତ ରିପୋର୍ଟରେ ପ୍ରକୃତ ଦୋଷୀମାନଙ୍କ ନାମ ସ୍ପଷ୍ଟ ଥିଲେ ମଧ୍ୟ ପୁଲିସ ଏଯାଏଁ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିନାହିଁ, ଯାହାକୁ ନେଇ ପୀଡ଼ିତମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯାହାଫଳରେ ଆସନ୍ତା ୬ ତାରିଖ ମଧ୍ୟରେ ସମସ୍ତ ଦୋଷୀଙ୍କୁ ଗିରଫ ନ କଲେ, ୭ ତାରିଖ ପୂର୍ବାହ୍ନ ୧୧ ଟାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବାଧ୍ୟ ହୋଇ ଗଣଧାରଣା ଦିଆଯିବ ବୋଲି ପରିବାର ବର୍ଗ ପ୍ରକାଶ କରିଛନ୍ତି।



ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଶାନ୍ତିଲତା ପ୍ରଧାନ, ସରିତା ପ୍ରଧାନ, ସତ୍ୟନାରାୟଣ ପ୍ରଧାନ, ନବିନ ଚନ୍ଦ୍ର ପ୍ରଧାନ, ଅଭିନ୍ନ ପ୍ରଧାନ ଓ ପ୍ରବୀଣ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହାର ଏକ ଅନୁଲିପି ନୂଆପଡ଼ା ଏସ୍‌ପି, ନୂଆପଡ଼ା ଥାନା ଅଧିକାରୀ ଏବଂ କୋମନା ଥାନା ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

# ପ୍ଲାଣ୍ଟସାଇଟ୍ ଥାନାରେ ଗଣେଶ ପୂଜା ପ୍ରସ୍ତୁତି ବୈଠକ

**ରାଉରକେଲା, ୩୧।୮ (ସମିସ):** ଆସନ୍ତା ସେପ୍ଟେମ୍ବର ୧୪ରେ ପାଳିତ ହେବାକୁ ଥିବା ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ପାଇଁ ପ୍ଲାଣ୍ଟସାଇଟ୍ ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୋନାଲ ଡିଏସ୍‌ପି



ଯତୀନ୍ଦ୍ର ନାଥ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଗଣେଶ ପୂଜା କମିଟିର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ପୂଜା କମିଟିଗୁଡ଼ିକ ପକ୍ଷରୁ ଚଳିତ ବର୍ଷର ପୂଜା କାର୍ଯ୍ୟକ୍ରମ, ଶୋଭାଯାତ୍ରା ଓ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ପୁଲିସକୁ ଅବଗତ କରାଯାଇଥିଲା। ପ୍ଲାଣ୍ଟସାଇଟ୍ ଥାନା ଇନ୍ସପେକ୍ଟର ବିବସ୍ୱ ପ୍ରଧାନ ସମସ୍ତ ପୂଜା କମିଟିକୁ ଗଣେଶ ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ସହ ଉତ୍ସବ ସମୟରେ ଆଇନଶୃଙ୍ଖଳା ରକ୍ଷା ପାଇଁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ପୂଜା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ନ ଘଟେ, ସେଥିପାଇଁ ପୁଲିସର ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବା ସହ ପୁଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ ପ୍ଲାଣ୍ଟସାଇଟ ଥାନା ଅଞ୍ଚଳରେ ମୋଟ ୪୬ଟି ଗଣେଶ ପୂଜା କମିଟି ପକ୍ଷରୁ ପୂଜା ଆୟୋଜନ କରାଯାଇଥିଲା। ଚଳିତବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ପ୍ରାୟ ୫୦ଟି କମିଟି ପକ୍ଷରୁ ଗଣେଶ ମହୋତ୍ସବ ଆୟୋଜନ କରାଯିବାର ସମ୍ଭାବନା ରହିଛି। ବୈଠକରେ ଗଣେଶ ପୂଜାକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ସମ୍ପନ୍ନ କରିବା, ସାଧାରଣ ଜନତାଙ୍କ ଶୃଙ୍ଖଳିତ ଯାତାୟାତ ଓ ସୁରକ୍ଷା ସୁନିଶ୍ଚିତ କରିବା ସହ ପୁଲିସ ଓ ପୂଜା କମିଟିଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଆନ୍ତଃଜିଲ୍ଲା ଚୋର ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍; ୫ ଗିରଫ

**ରାଉରକେଲା, ୩୧।୮ (ସମିସ)**

ଏକ ଆନ୍ତଃଜିଲ୍ଲା ଅପରାଧୀ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ କରିଛି ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ା ପୁଲିସ। ଏହି ଘଟଣାରେ ଜଣେ ନାବାଳକଙ୍କ ସମେତ ୫ ଜଣଙ୍କୁ ପୁଲିସ କାବୁ କରିଛି। ସେମାନଙ୍କ ଠାରୁ

**୬ ଚୋରି ବାଇକ୍ ସହ ବିପୁଳ ସାମଗ୍ରୀ ଜବତ**

୬ଟି ଚୋରା ବାଇକ୍ ସହ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ଓ ଅନ୍ୟାନ୍ୟ ସ୍ଥାନରୁ ଚୋରି ହୋଇଥିବା ବିପୁଳ ସାମଗ୍ରୀ ଉଦ୍ଧାର କରାଯାଇଛି।



ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ଏକାଧିକ ଚୋରି ଘଟଣାର ତଦନ୍ତ ପାଇଁ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏବଂ ଲେଫ୍ରିପଡ଼ା ଥାନା ଆଇଆଇସି ସୁସ୍ମିତା ଦେବତାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ୫ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଲେଫ୍ରିପଡ଼ା ଥାନା କଦୋମାଲ ବନପଡ଼ାର ରାଜେନ୍ଦ୍ର ରୋହିଦାସ (୪୭), କଦୋମାଲ କର୍ଲାଧିପାର ହେମନ୍ତ ମୁଣ୍ଡା (୨୨), କଦୋମାଲ ଭାଲୁପଡ଼ାର ଅନିଲ ରୋହିଦାସ (୧୮), ହେମଗିର ଥାନା ଗର୍ଜନବାହାଲର ରାଜୁ ବିଶ୍ୱକର୍ମା (୪୯) ଓ କିଞ୍ଜିରିକେଲା ଥାନା ସିକାଜୋରର ପରୀକ୍ଷିତ ମଣ୍ଡଳ (୪୦)। ଏହାଛଡ଼ା ଜଣେ ନାବାଳକଙ୍କୁ ମଧ୍ୟ ପୁଲିସ କାବୁ କରିଛି। ତଦନ୍ତ ବେଳେ ଅଭିଯୁକ୍ତମାନଙ୍କ ନିକଟରୁ ୬ଟି ଚୋରି ବାଇକ୍, ଗୋଟିଏ ଟାବ୍, ୪ଟି ମୋବାଇଲ ଫୋନ୍, ଗୋଟିଏ ସିପିୟୁ ଓ ୧୦ଟି ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ମଧ୍ୟ ଉଦ୍ଧାର କରାଯାଇଛି। ଏହାବ୍ୟତୀତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ହୋଇଥିବା ପ୍ରାୟ ୫୦୦ କିଲୋଗ୍ରାମ ଚାଉଳ, ୮୨ଟି ଷ୍ଟିଲ୍, ପିତ୍ତଳ ଓ କାଂସ୍ୟ ବାସନକୁସନ, ଇନ୍‌ଭର୍ଟର ବ୍ୟାଟେରି, କମ୍ପ୍ୟୁଟର ସାମଗ୍ରୀ, ପଙ୍ଖା, ପ୍ରେସର କୁକର, ଖେଳ ସାମଗ୍ରୀ ସମେତ ଅନ୍ୟାନ୍ୟ ଚୋରି ସାମଗ୍ରୀ ପୁଲିସ ଉଦ୍ଧାର କରିଛି।

# ୭ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଗିରଫ



ଦେବଗଡ଼,୩୧।୮(ସମିସ): କୁଣ୍ଢେଇଗୋଳା ଥାନା ଅଞ୍ଚଳରେ ଜଣେ ୭ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ଅଭିଯୋଗରେ ଆଜି ପୁଲିସ ଅଭିଯୁକ୍ତ ଖଇରପାଲି ଗ୍ରାମର ସୁର ଓରଫ ସୁରେନ୍ଦ୍ର ବିଶ୍ୱାଳ (୪୦)କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ପଠାଇ ଦିଆଯାଇଛି। ଜୁଲାଇ ୨୩ ତାରିଖ ଦିନ ଶିଶୁ କନ୍ୟାର ପରିବାର ଲୋକ ଚାଷ କାମ ପାଇଁ ବିଲକୁ ଯାଇଥଲେ। ଶିଶୁ କନ୍ୟାଟି ଘରେ ଏକୁଟିଆ ଥିଲା। ଅଭିଯୁକ୍ତ ବଳ ପୂର୍ବକ ଦୁଷ୍କର୍ମ କରିଥିଲା। ଅଭିଭାବକ ଘରକୁ ଆସିବା ପରେ ଝିଅଟି ଘଟଣା ସମ୍ପର୍କରେ କହିଥିଲା। ତେବେ ଲୋକ ଲଜ୍ଜା ଭୟରେ ପରିବାର ଘଟଣା ସମ୍ପର୍କରେ ପୁଲିସ ନିକଟରେ ଅଭିଯୋଗ କରି ନ ଥିଲେ। ପରେ କୁଣ୍ଢେଇଗୋଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଆଜି ଅଭିଯୁକ୍ତ ସୁରେନ୍ଦ୍ରକୁ ଗିରଫ କରିଥିଲା।

# ପାରିଶ୍ରମିକ ନ ଦେଲେ ପାନୀୟ ଜଳ ଯୋଗାଣ ବନ୍ଦ କରିଦେବାକୁ ଚେତାବନୀ

ତରଭା,୩୧।୮(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକର ଗ୍ରାମାଞ୍ଚଳରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗରମାନଙ୍କୁ ୬ ମାସ ହେଲା ପାରିଶ୍ରମିକ ମିଳିନି। ସେମାନେ ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ଆଜି ତରଭା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଏହି ସ୍ୱାବଲମ୍ବୀ କାରିଗରମାନେ ଆସି ନୂଆଖାଇ ପୂର୍ବରୁ ପାରିଶ୍ରମିକ ନ ଦେଲେ ଗ୍ରାମାଞ୍ଚଳରେ ଜଳ ଯୋଗାଣ କାର୍ଯ୍ୟ ବନ୍ଦ କରିଦେବେ ବୋଲି ଲିଖିତ ଜଣାଇଛନ୍ତି। ତରଭା ବ୍ଲକର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ତାଲିମପ୍ରାପ୍ତ ଏସଇଏମ କମ ପମ୍ପ ଅପରେଟର ଭାବେ ୧୩ ଜଣ, ତାଲିମ ପ୍ରାପ୍ତ ଏସଇଏମ ଭାବେ ୨୦ ଜଣ ଓ ପମ୍ପ ଅପରେଟର ଭାବେ ୨୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏସଇଏମ କମ ପମ୍ପ ଅପରେଟରମାନଙ୍କୁ ମାସିକ ୬ ହଜାର ୫ ଶହ ଟଙ୍କା ପାରିଶ୍ରମିକ ମିଳୁଥିବା ବେଳେ ଏସଇଏମ ଓ ପମ୍ପ ଅପରେଟରମାନଙ୍କୁ ୩ ହଜାର ୨୫୦ ଟଙ୍କା ପାରିଶ୍ରମିକ ମିଳୁଛି। ତେବେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ ପ୍ରଦାନ ସମୟରେ ତରଭା ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘର ସଭାପତି ରାଧାକାନ୍ତ ଦରୁଆନ ଓ ସମ୍ପାଦକ ଅଶୋକ ସେଠୀ ଉପସ୍ଥିତ ଥିଲେ।

# ଖମନମୁଣ୍ଡା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ବୌଦ୍ଧ,୩୧।୮(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ୧୧ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କ ମଧ୍ୟରୁ ୮ ଜଣ ସଦସ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୨୮ ତାରିଖରେ ଏହି ଦାବିପତ୍ର ଦାଖଲ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଅଭିଯୋଗ ହୋଇଛି। ଆବଶ୍ୟକ ସଂଖ୍ୟକ ସଦସ୍ୟଙ୍କ ଦସ୍ତଖତ ସମ୍ବଳିତ ଏହି ଦାବିପତ୍ର ଉପଜିଲ୍ଲାପାଳ ବିନୟ ଭୋଇଙ୍କ ନିକଟରେ ପ୍ରଦାନ କରାଯାଇଛି। ଦାବିପତ୍ରରେ ଗୁରୁଦେବ ବନଛୋର (୧୦ ନମ୍ବର ୱାର୍ଡ), ନୀଳାମ୍ବର ପୁଟା (୫ ନମ୍ବର), ମଧୁ ଘିବେଲା (୩ ନମ୍ବର), ଅଶୋକ କୁଦେଇ (୭ ନମ୍ବର), ମନ୍ଦାକିନୀ ନାଗ (୨ ନମ୍ବର), ହେମା ବାଘ (୬ ନମ୍ବର), ଲୋଚନା ଆଡ଼ଜୁଆଳି (୧ ନମ୍ବର) ଓ ମାଘବତୀ ଭୋଇ (୮ ନମ୍ବର) ପ୍ରମୁଖ ୮ ଜଣ ୱାର୍ଡ ସଦସ୍ୟଙ୍କ ଦସ୍ତଖତ ରହିଛି। ଆଇନ ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ଉପରେ ବିଚାର ପାଇଁ ପଞ୍ଚାୟତର ସ୍ୱତନ୍ତ୍ର ବୈଠକ ଡାକିବା, ବୈଠକର ତାରିଖ, ସମୟ ଓ ସ୍ଥାନ ନିର୍ଦ୍ଧାରଣ କରିବା ସହ ସମସ୍ତ ସଦସ୍ୟଙ୍କୁ ଆବଶ୍ୟକ ନୋଟିସ୍ ଜାରି କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ, ୪, ୯ ଓ ୧୧ ନମ୍ବର ୱାର୍ଡର ସଦସ୍ୟମାନଙ୍କ ସଭ୍ୟପଦ ରଦ୍ଦ ସମ୍ପର୍କରେ ମଧ୍ୟ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ଆଇନଜୀବୀ ରମା ରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ।

# ବ୍ଲାକ୍‌ସ୍ପଟ୍‌ରେ ଲୋକଙ୍କୁ ସଚେତନ କରାଯିବ

ତରଭା,୩୧।୮(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମିନି କନଫରେନ୍ସ ହଲରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେପ୍ଟେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯିବ। ସମସ୍ତଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଯିବ। ତେବେ ଏହି ସଚେତନତା କାର୍ଯ୍ୟକ୍ରମ ସମସ୍ତ ବ୍ଲାକ୍‌ସ୍ପଟ୍‌ଗୁଡ଼ିକରେ ନୂତନ ଉପାୟରେ ଆୟୋଜନ କରାଯାଇ ଲୋକଙ୍କୁ ସଚେତନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ନିଖୋଜ ଯୁବକଙ୍କ ଶବ ଉଦ୍ଧାର



ମନମୁଣ୍ଡା,୩୧।୮(ସମିସ): ଭୋଜି କରିବାକୁ ଯାଇ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି। ମୃତକ ଜଣକ ମନମୁଣ୍ଡା ଥାନା ବିଳାସପୁର ଗ୍ରାମର ଗୁପ୍ତେଶ୍ୱର ନାଏକ (୨୯)। ଶନିବାର ସେ ତାଙ୍କ ସାଙ୍ଗ ମାନଙ୍କ ସହ ପର୍ଯ୍ୟଟନ ସ୍ଥଳ ଖଣ୍ଡିକନପା ବାଘନଦୀକୁ ଭୋଜି କରିବାକୁ ଯାଇଥିଲେ। ରନ୍ଧା ସରିଲା ପରେ ଗାଧୋଇବାକୁ ନଦୀ ଭିତରକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ତାକୁ ଖୋଜିବାକୁ ଅନ୍ୟ ସାଙ୍ଗମାନେ ଯାଇଥିଲେ। ମୋବାଇଲ ଓ ବସ୍ତ୍ର କୂଳରେ ରଖାଯାଇଥିବାବେଳେ ତାଙ୍କ କୌଣସି ପତ୍ତା ମିଳି ନ ଥିଲା। ସେ ନଦୀରେ ଭାସି ଯାଇଥିବା କିମ୍ବା ବୁଡି ଯାଇଥିବା ସନ୍ଦେହ କରାଯାଇଥିଲା। ତାଙ୍କ ଭିଣୋଇ ସୁଧୀର ଦନାୟକ ଥାନାରେ ଏତଲା ଦେଇଥିଲେ। ରବିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବାଉଁଶୁଣି ଦମକଳ ବାହିନୀ ନଦୀରେ ଖୋଜାଖୋଜି କରିଥିଲା; ହେଲେ ପାଇ ନ ଥିଲେ। ତେବେ ଆଜି ଅପରାହ୍ନରେ ଘଟଣା ସ୍ଥଳରୁ ପ୍ରାୟ ୧.୫ କିମି ତଳେ ଜୋରାନାଲି ତଳ ମାଙ୍କଡ କେନ୍ଦାଠାରେ ନଦୀ କୂଳ ଏକ ଗଛରେ ଶବଟିଏ ଲଟକି ଥିବା ଜଣେ ଛେଳି ଚରାଳି ଦେଖିବାକୁ ପାଇ ଖବର ଦେଇଥିଲେ। ଶବ ଉଦ୍ଧାର କରାଯାଇ ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଥିଲା।

# ପାନୀୟ ଜଳ ଯୋଗାଣ ଓ ପରିମଳ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୩୧।୮(ସମିସ): ଝାରସୁଗୁଡ଼ା ଜିଲ୍ଲାରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ ତଥା ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ମାସିକ ସମନ୍ୱୟ ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ମାରାଣ୍ଡି, ଏସଡିଓ ସୁରେଶ ଚନ୍ଦ୍ର କିସାନ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ଲେଙ୍କା, ଟିପିଡବ୍ଲୁଓଡିଏଲର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ବେହେରା, ପୂର୍ତ୍ତ ବିଭାଗର ଏସଡିଓ ବନମାଳୀ ନାଏକ ଏବଂ ଏଲ୍‌ଆଣ୍ଡଟି କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ଅଙ୍କ ମୁନେନ୍ଦ୍ର ଏମ୍. ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ

କଣ୍ଟାମାଳ,୩୧।୮(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳି ପଦର ପଂଚାୟତ ଅନ୍ତର୍ଗତ ଗବଯୋରସ୍ଥିତ ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଶ୍ରୀପତି ଚରଣ କମ୍ପଙ୍କ ସଭାପତିତ୍ୱରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କବିନ୍ଦ୍ର ମେହେର, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଲକ୍ଷ୍ମଣ ମହାପାତ୍ର, ନାଟ୍ୟକାର ହରିହର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବସନ୍ତ ଦାଶ ସଭା ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଦିବ୍ୟଲୋଚନ ମହାନନ୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ। ଲଛମନ ମିଶ୍ର, ଲିଙ୍ଗରାଜ ଭୋଇ, ଜଗନ୍ନାଥ ପାତ୍ରୀ ସହଯୋଗ କରିଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲେ ସରକାରୀ ଅଧିକାରୀ

ଦେବଗଡ଼,୩୧।୮(ସମିସ)





ରିଆମାଳ ବ୍ଲକ ତେନ୍ତଳାବାହାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜିଲ୍ଲାପାଳ କବିନ୍ଦ୍ର ସାହୁ, ଏସ୍‌ପି କିଶୋରଚନ୍ଦ୍ର ମୁଣ୍ଡ, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଅତିରିକ୍ତ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦିଲ୍ଲୀପ ପ୍ରଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ରିଆମାଳ ବିଡିଓ ଆଦିତ୍ୟ ପଣ୍ଡା ଓ ତହସିଲଦାର ବିଜୟଲକ୍ଷ୍ମୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ତରଭା: ସୁବର୍ଣ୍ଣପୁର ଜିଲ୍ଲାର ତରଭା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲଳିତା ଲିଲିମା ବାର୍ଲା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ୨୩ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଦରଖାସ୍ତ ଥିଲା। ବିଡ଼ିଓ ଶିବାନନ୍ଦ କର୍ମୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଅଶ୍ୱିନୀ ମେହେର, ତରଭା ତହସିଲଦାର ଶ୍ୱେତାଲିନା ମାହାଣା, ସହକାରୀ କଲେକ୍ଟର (ଜନ ଅଭିଯୋଗ) ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କଣ୍ଟାମାଳ: ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ସାମ୍ମୀ ରେଡ୍ଡୀ ଜୟଶ୍ରୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଡେପୁଟି କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ୪୫ ଗୋଟି ବ୍ୟକ୍ତିଗତ ଓ ୧୪ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି ହୋଇଥିଲା। ୨୧ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା।

ଝାରସୁଗୁଡ଼ା: ସ୍ଥାନୀୟ କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଏକ ବ୍ଲକସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇ ସାଧାରଣ ଜନତାଙ୍କ ବିଭିନ୍ନ ଆପତ୍ତି ଓ ଅଭିଯୋଗର ଶୁଣାଣି କରିଥିଲେ। ତାଙ୍କ ସହିତ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଉପସ୍ଥିତ ରହି ଆବେଦନଗୁଡ଼ିକର ସମୀକ୍ଷା କରିଥିଲେ। ଆଜିର ଏହି ଶିବିରରେ ମୋଟ ୪୬ଟି ଅଭିଯୋଗ ପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୂହିକ ଅଭିଯୋଗ ଦାଖଲ ହୋଇଥିଲା। ୩ଟି ଅଭିଯୋଗର ଘଟଣାସ୍ଥଳରେ ହିଁ ସମାଧାନ କରାଯାଇଥିଲା।

# ଦେବଗଡ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ସମାରୋହ



ଦେବଗଡ,୩୧।୮(ସମିସ): ଦେବଗଡ ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଆଜି ପବିତ୍ର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପଦାର, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ ଯୋଗ ଦେଇଥିଲେ। ପୂର୍ବରୁ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ, ବକ୍ତୃତା ଓ ମିନି ସଂସଦ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯିବା ସହ ପୌରପରିଷଦର ପାରିଷଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୌରପରିଷଦରେ ଉତ୍ତମ କର୍ଯ୍ୟ କରିଥିବା କର୍ମଚାରୀ ଧନୁର୍ଜୟ ସାହୁ, ଗୋଷ୍ଠୀ ସଂଗଠିକା ମୋନାଲିସା ପଣ୍ଡା, ହିସାବ ରକ୍ଷକ ଆଶିଷ ଟେଟେ, କାର୍ଯ୍ୟାଳୟ ସହାୟକ ଚନ୍ଦନ ଦେହୁରୀ, କନିଷ୍ଠ ଯନ୍ତ୍ରୀ କମଳ ବାଗ ଓ ନିରୀକ୍ଷଣ ଏବଂ ମୂଲ୍ୟାୟନ ବିଶେଷଜ୍ଞ ଏମ୍ ବିଶ୍ୱଜିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୌର ପରିଷଦ କର୍ମଚାରୀଙ୍କ ବକେୟା ଅର୍ଥ ମଧ୍ୟ ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କଣ୍ଟାବାଞ୍ଜି ତହସିଲରେ ଓକିଲଙ୍କ ଧାରଣା

କଣ୍ଟାବାଞ୍ଜି,୩୧।୮(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ତହସିଲରେ ଗତ କିଛି ମାସ ହେଲା ସାଧାରଣ ଲୋକଙ୍କ କାମ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ମ୍ୟୁଟେସନ ହେଉ, ପଟ୍ଟା, ଜାତି, ଆୟ, ବାସିନ୍ଦା ପ୍ରମାଣପତ୍ର, ସାର୍ଟିଫାଏଡ କପି କିମ୍ବା ୮(୧)(ସି) ମାମଲା ସବୁ ଫାଇଲ ଧୂଳି ଖାଉଛି। ଏହି ଅବ୍ୟବସ୍ଥା ବିରୋଧରେ ସୋମବାରଠାରୁ ବିସ୍ଫୋରଣ ହୋଇଛି। ଆଇନଜୀବୀମାନେ ଧାରଣା ଦେଇଛନ୍ତି। କଣ୍ଟାବାଞ୍ଜି ଓକିଲ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧର୍ମଘଟ ଆରମ୍ଭ ହୋଇଛି। ସୋମବାର କଣ୍ଟାବାଞ୍ଜି ତହସିଲଦାର ବିଶ୍ୱାନାଥ ଖାଲକୋ ଏବଂ କର୍ମଚାରୀ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିବା ବେଳେ ଅଫିସ ଭିତରକୁ ପ୍ରବେଶ କରାଇ ଦିଆଯାଇ ନ ଥିଲା। ଜିଲ୍ଲାପାଳ ଆସି ଆଲୋଚନା କଲେ ଛଡ଼ାଯିବ ବୋଲି କୁହାଯାଇଥିଲା। ଏନେଇ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି ଏବଂ ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ଯାଇ ବୁଝାସୁଝା କରିବା ପରେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ଥିଲେ। ଓକିଲ ସଂଘ ସଭାପତି ବରିଷ୍ଠ ଓକିଲ ପ୍ରଫୁଲ୍ଲ ନାୟକ, ସମ୍ପାଦକ ମନୋଜ ଦାସ, ଜଗଦୀଶ ଦିକ୍ଷୀତ, ପର୍ଶୁରାମ ସଗରିଆ, କାନୁନ କିଶୋର ପଣ୍ଡା, ସହଦେବ ନାଗ, ବିଷ୍ଣୁ ପ୍ରସାଦ ଶର୍ମା, ଜଗନ୍ନାଥ ରାଓ, ମୋହନ ଲାଲ ଶର୍ମା, ଦୁଃଖୀଶ୍ୟାମ ଗୁରୁ, ରମାକାନ୍ତ ଦାସ, ବିଭୂତି ଭୂଷଣ ବାଗ, ଦାମୋଦର ସାହୁ, ରାଜେଶ ଶର୍ମା, ସୁଶାନ୍ତ ବାଗ, ଏସ୍.କେ. ସମିମ, ମନୀଷ ହଂସ, ଫକୀର ମୋହନ ବେହେରା, ପ୍ରମୋଦ ପାଣିଗ୍ରାହୀ, ପ୍ରେମ ବାଗ, ଦେବାଶିଷ ମିଶ୍ର, ନବୀନ ଦୀପ, ଜଗନ୍ନାଥ ନାୟକ, ଦୀପ ଦେବ ବେହେରା, ଅଭିଷେକ ପୁରୋହିତ ପ୍ରମୁଖ ଧାରଣାରେ ବସିଥିଲେ। ଅନ୍ୟପକ୍ଷେ ବିଜେଡିର ଅମଜାଦ ଖାଁ, କିଶୋର ମଝଖଣ୍ଡ, ନରେନ୍ଦ୍ର ସୁନା, ଟ୍ରକ ମାଲିକ ସଂଘର ସଭାପତି ପ୍ରବିଜିତ ସିଂ ସାଲୁଜା, ରୁଦ୍ର ସୁନାନୀ ଧାରଣା ସ୍ଥଳକୁ ଯାଇ ସମର୍ଥନ ଜଣାଇଛନ୍ତି।

# ସରକାରୀ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଦିବସ

ବଲାଙ୍ଗିର,୩୧।୮(ସମିସ): ବଲାଙ୍ଗିର ସରକାରୀ ମହାବିଦ୍ୟାଳୟ ପକ୍ଷରୁ ସଂସ୍କୃତ ସପ୍ତାହ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୌତୁକ ପନ୍ଦର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ଶ୍ରୀକାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା। ଏଥିରେ ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ତଥା ବିଭାଗ ମୁଖ୍ୟ ଏଲ୍. ଟି. କୁଶା କହଁର ଏବଂ ଇଂରାଜୀ ବିଭାଗର ବିଭାଗ ମୁଖ୍ୟ ତଥା ସହକାରୀ ପ୍ରଫେସର ବନ୍ଦନା ବାର ଉପସ୍ଥିତ ଥିଲେ।

କଣ୍ଟାବାଞ୍ଜି: ଚଟୁଆନକା ପିଏମଶ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର କୁଅଁର ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୁଦତ୍ତ ସାହୁ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଦୁର୍ଲ୍ଲଭ ତାଣ୍ଡୀ, ହିଆଲ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ, ସଂସ୍କୃତ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ, ସୁଧୀର କୁମାର ସଗ୍ରୀଆ, ପରିଚାଳନା କମିଟିର ସଭାପତି ଚମରୁ ବଏ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ମାନସୀ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶିକ୍ଷକ ସରୋଜ ବରିହା ସଭା ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଅନୀତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

କଣ୍ଟାମାଳ,୩୧।୮(ସମିସ): କଣ୍ଟାମାଳ ବ୍ଲକ୍ ବରଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ସାହୁଙ୍କ ଅବସର ନିମନ୍ତେ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ବାନ୍ଧବ ନାଏକଙ୍କ ସଭାପତିତ୍ୱରେ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବରଗାଁ ସରପଞ୍ଚ ରଶ୍ମିତା ରଣା, ଘଣ୍ଟାପଡ଼ା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ପଣ୍ଡା, ନୂଆଁପାଲି ହାଇ ସ୍କୁଲର ପ୍ରଧାନ ଶିକ୍ଷକ ଅନନ୍ତ କ୍ଷେତି, ଖୁଣ୍ଟିଗୋରା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋମନାଥ ସାହୁ, ଦିଗୁନମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ନେତ୍ରାନନ୍ଦ କର୍ମୀ, ଶିମିଳିଯୋରା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରକାଶ ପଧାନ ଓ ଆମ୍ବଗାଁ ହାଇ ସ୍କୁଲର ପ୍ରଧାନ ଶିକ୍ଷକ ଶୁକଦେବ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମୃତ୍ୟୁଞ୍ଜୟ ପ୍ରଧାନ ଏବଂ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଜିତୁଞ୍ଜୟ ମହାନନ୍ଦ ମଧ୍ୟ ଯୋଗ ଦେଇଥିଲେ। ନିତେଶ ବାରିକ ପରିଚାଳନା କରିଥିଲେ। ଉତ୍ତମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

● ଅନ୍ଧାରରେ ବେହେରେନସିଲେଟ ଆମ୍ବେଦକର ପଡ଼ା

# ଷ୍ଟ୍ରିଟ୍ ଲାଇଟ ପାଇଁ ଦୀର୍ଘ ଦିନର ଅପେକ୍ଷା, ପ୍ରଶାସନ ନିଦାବିଷ୍ଟ

 କଣ୍ଟାବାଞ୍ଜି,୩୧।୮(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁର ଆମ୍ବେଦକର ପଡ଼ାକୁ ଅନ୍ଧାରରେ ରହିଛି। ଷ୍ଟ୍ରିଟ ଲାଇଟ ନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏଠି ପ୍ରାୟ ୪୦ରୁ ଅଧିକ ପରିବାର ବସବାସ କରନ୍ତି। ଦିନରେ ସବୁ ଠିକ ଥାଏ। ରାତି ହେଲେ ସେମାନଙ୍କ ପାଇଁ ଯନ୍ତ୍ରଣା ଆରମ୍ଭ ହୁଏ। ପଡ଼ାଟି ଅନ୍ଧାରରେ ବୁଡି ରହେ। ମହିଳାମାନେ ବାହାରକୁ ବାହାରି ପାରନ୍ତି ନାହିଁ। ବୃଦ୍ଧ ଲୋକେ ଅନ୍ଧାରରେ ପଡି ଆହତ ହେଉଛନ୍ତି। ସାପ ବିଛା ଭୟ ତ ଅଲଗା। ପୂର୍ବରୁ ଏଠାରେ କିଛି ଇଲେକ୍ଟ୍ରିକ ଲାଇଟ ଲାଗିଥିଲା। ତାହା ବହୁ ଦିନ ହେଲା ଅଚଳ ହୋଇ ପଡିଛି। ଖମ୍ବରେ ଲାଇଟ ଅଛି; ହେଲେ ଜଳୁନି। ଏହି ପଡ଼ାବାସୀ ସମସ୍ୟା ନେଇ ବାରମ୍ବାର ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ସମସ୍ତେ କେବଳ ପ୍ରତିଶ୍ରୁତି ଦେଉଛନ୍ତି; ହେଲେ କେହି କଥା ରଖୁନାହାନ୍ତି। ନିର୍ବାଚନ ବେଳେ ନେତାମାନେ ଆସି ଆମ୍ବେଦକର ପଡ଼ାର ବିକାଶ ପାଇଁ ବଡ ବଡ ପ୍ରତିଶ୍ରୁତି ଦିଅନ୍ତି; ହେଲେ ଜିତିବା ପରେ ସେମାନେ ଏ ପଡ଼ାର ରାସ୍ତା ଭୁଲି ଯାଆନ୍ତି। ତୁରନ୍ତ ଷ୍ଟ୍ରିଟ ଲାଇଟ ଲଗାଇବା ସହ ଅଚଳ ଲାଇଟଗୁଡ଼ିକୁ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ପ୍ରଶାସନ ଏଥିପ୍ରତି ଧ୍ୟାନ ନ ଦିଏ ତେବେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



# ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କୁ ଜେଲ୍

ବୌଦ୍ଧ,୩୧।୮(ସମିସ): ବୌଦ୍ଧ ଜିଲ୍ଲା ପୁରୁଣାକଟକର ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ (ଅବସରପ୍ରାପ୍ତ) କାର୍ତ୍ତିକେଶ୍ୱର ସାହୁ ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଶ୍ରୀ ସାହୁଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ଧାରା ୧୩(୧)(ଇ) ଅନୁଯାୟୀ ମାମଲା ରୁଜୁ କରାଯାଇ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଆଜି ମାମଲାର ବିଚାର କରି ଫୁଲବାଣୀର ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) କାର୍ତ୍ତିକେଶ୍ୱରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

# ସଫିନଙ୍କ ବିୟୋଗରେ ଶୋକସଭା

ଦେବଗଡ଼,୩୧।୮(ସମିସ): ଓଡିଶା କ୍ୟାଡରର ୨୦୦୩ ବ୍ୟାଚର ବରିଷ୍ଠ ଆଇପିଏସ ତଥା ଦେବଗଡ଼ ଜିଲ୍ଲାର ପୂର୍ବତନ ଆରକ୍ଷୀ ଅଧୀକ୍ଷକ ସଫିନ୍ ଅହମ୍ମଦ କେଙ୍କ ବିୟୋଗରେ ଆଜି ସନ୍ଧ୍ୟାରେ ରିଜର୍ଭ ପୁଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପୁଲିସ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ଅତିରିକ୍ତ ଏସପି ଧୀରଜ ଚୋପଦାର, ଡିଆଇବି ଡିଏସପି ପବିତ୍ର କିଷାନ ପୁଲିସ ବିଭାଗର ଅନେକ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

# ମାସିକ ସାହିତ୍ୟ ଆସର

ବୌଦ୍ଧ,୩୧।୮ସମିସ): ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ମାସିକ ସାହିତ୍ୟ ଆସର ଓ ଗଙ୍ଗାଧର ମେହେର ଜୟନ୍ତୀ ଏକାଡେମୀର ଉପସଭାପତି ଟଙ୍କଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧିବକ୍ତା ସୁଧୀର କର୍ଣ୍ଣ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ପ୍ରତାପ ରଥ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସଂପାଦକ ରାଧାମୋହନ ମାହାଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ତପନ ନାୟକ, ପ୍ରତାପ ରଥ, ରାଜକୁମାର ପ୍ରଧାନ, ରାଧାମୋହନ ମାହାଣା, ସଂସାର ଅମାତ, ଟଙ୍କଧର ସାହୁ ପ୍ରମୁଖ କବିତା ଆବୃତ୍ତି କରିଥିଲେ। ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ନିଶାମୁକ୍ତ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୩୧।୮(ସମିସ): ବାରକୋଟ ଥାନା ପୁଲିସ ପକ୍ଷରୁ ଆଜି ଆମ୍ବକଟା ଗ୍ରାମ ସ୍ଥିତ ସରକାରୀ ଆଇଟିଆଇ ପରିସରରେ ନିଶାମୁକ୍ତ ଓଡିଶା ଗଠନ ଓ ସାଇବର କ୍ରାଇମ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଢେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା ସଭାରେ ଏସଆଇ ସନାତନ ନାୟକ,ଏଏସଆଇ ଅଞ୍ଜୁଲତା ନାଏକ, ଆଇଟିଆଇର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାମସି, ଡେପୁଟି ଟ୍ରେନିଂ ଅଫିସର ବିକାଶ ରଞ୍ଜନ ଦର୍ଜୀ, ହେନା ମାଳିନୀ ମହନ୍ତ ଓ ମଣ୍ଟୁ ନଗବଂଶୀ ପ୍ରମୁଖ ମଞ୍ଚାସୀନ ଥିଲେ।

# ପାରଦର୍ଶୀ ପରିଚାଳନା ଓ ସମ୍ବଳ ସଞ୍ଚାଳନ ପ୍ରଶିକ୍ଷଣ ଉଦ୍‌ଯାପିତ

ବୌଦ୍ଧ,୩୧।୮(ସମିସ): ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସମ୍ମିଳନୀ କକ୍ଷରେ ସମବାୟ ସମିତିର ସଭାପତି, ଉପ ସଭାପତି ଓ ନିର୍ଦ୍ଦେଶକମାନଙ୍କ ପାରଦର୍ଶୀ ପରିଚାଳନା ଓ ସମ୍ବଳ ସଞ୍ଚାଳନ ପାଇଁ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ଭାବେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଭାରପ୍ରାପ୍ତ ସିଇଓ ଇନ୍ଦିରା ପ୍ରଧାନ ଯୋଗ ଦେଇଥିଲେ। ବି ଏନ ହେମ୍ବ୍ରମ ଓ ଉପେନ୍ଦ୍ର ମହାରଣା ପ୍ରଶିକ୍ଷଣ ଦେଇଥିଲେ।

# ନୂତନ ଫାଣ୍ଡି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ବୌଦ୍ଧ,୩୧।୮(ସମିସ):ବୌଦ୍ଧଥାନାଜହ୍ନାପଙ୍କଫାଣ୍ଡିରନୂତନଅଧିକାରୀଭାବେଏଏସଆଇ ଶୂନ୍ୟବାସୀ ସାହୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବ୍ରହ୍ମାନନ୍ଦ ପ୍ରଧାନଙ୍କୁ ବଘିଆପଡା ଫାଣ୍ଡିକୁ ବଦଳି ହୋଇଥିବାବେଳେ ବୌଦ୍ଧ ଆଦର୍ଶ ଥାନାରେ ଏଏସଆଇ ଥିବା ଶ୍ରୀ ସାହୁଙ୍କୁ ଆରକ୍ଷୀ ଅଧୀକ୍ଷକ ଜହ୍ନାପଙ୍କ ଫାଣ୍ଡିକୁ ବଦଳି କରିଥିଲେ।

# ଜିଲ୍ଲା କୃଷକ ସଂଘ ପକ୍ଷରୁ ଦାବିପତ୍ର

ଦେବଗଡ଼,୩୧।୮(ସମିସ): ଚାଷୀଙ୍କ ଧାନ ବିକ୍ରି ବ୍ୟବସ୍ଥାରେ ସରକାରଙ୍କ ଚାଷୀ ମାରଣ ନୀତି ପ୍ରତିବାଦରେ ଆଜି ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଜିଲ୍ଲା କୃଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା କୃଷକ ସଂଘର ସଭାପତି ପ୍ରମୋଦ ଝାଙ୍କରଙ୍କ ନେତୃତ୍ୱରେ ସଂଘର ଆଇନ ପରାମର୍ଶଦାତା ବିଭୂତି ଗଙ୍ଗଦେବ, ସଦସ୍ୟ ପାଞ୍ଜିଆ ଭୋଇ, ପବିତ୍ର ମୋହନ ପ୍ରଧାନ, ନିରଞ୍ଜନ ବେହେରା, ସଚ୍ଚିଦାନନ୍ଦ ପଟ୍ଟନାୟକ, ବିନୋଦ ନାୟକ, ସୁଶାନ୍ତ ସାହୁ, ସୀମାଞ୍ଚଳ ଦ୍ୱିବେଦୀ, କାହ୍ନୁଚରଣ ପ୍ରଧାନ ପ୍ରମୁଖ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ୮ ହେକ୍ଟର ଜମିରେ ୬୪ ହଜାର ଚାରା ରୋପଣ

ଝାରସୁଗୁଡ଼ା,୩୧।୮(ସମିସ): କୋଲାବିରା ବ୍ଲକ୍ ଗ୍ରାମ୍ୟ ଜଙ୍ଗଲ କିସମ ଜମିରେ "ମିଆୱାକି' ପଦ୍ଧତିରେ ଚାରାରୋପଣ ହୋଇଛି। ଆଜି ଜିଲ୍ଲାପାଳ ନିଜେ ସେହି ସ୍ଥାନ ପରିଦର୍ଶନ କରିବା ସହିତ ଚାରା ରୋପଣ କରିଥିଲେ। କମ୍ ସ୍ଥାନରେ ଅତି ଶୀଘ୍ର ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। କୋଲାବିରା ବନାଞ୍ଚଳ ଅଧୀନରେ ଥିବା କୋଲାବିରା ଭିଏଫ୍‌ର ପ୍ରାୟ ୮ ହେକ୍ଟର ପରିମିତ ଗ୍ରାମ୍ୟ ଜଙ୍ଗଲ ଜମିରେ ଏହି ଅଭିନବ ପ୍ରକଳ୍ପ ହାତକୁ ନିଆଯାଇଛି। ଏହି ଅଞ୍ଚଳରେ ବିଭିନ୍ନ ପ୍ରଜାତିର ସମୁଦାୟ ୬୪ ହଜାର ଉପଯୋଗୀ ଚାରା ରୋପଣ କରାଯାଇଛି। ମିଆୱାକି ଶୈଳୀରେ ଗଛଗୁଡ଼ିକ ଅତି ପାଖାପାଖି ଲଗାଯାଇଥିବାରୁ ଏହା ପାରମ୍ପରିକ ଜଙ୍ଗଲ ତୁଳନାରେ ଦଶ ଗୁଣ ଶୀଘ୍ର ବୃଦ୍ଧି ପାଇବ ଏବଂ ଜୈବବିବିଧତା ବୃଦ୍ଧି କରିବାରେ ସହାୟକ ହେବ। କୋଲାବିରା ରେଞ୍ଜର ସୁଦାମ ଜଗଦଲାଙ୍କ ତତ୍ତ୍ୱାବଧାନରେ ଏହା ସମ୍ପାଦିତ ହୋଇଛି। ଫରେଷ୍ଟର ଆଶାରାଣୀ ବେହେରା ଏବଂ କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଜୀବଜନ୍ତୁମାନଙ୍କ ପ୍ରତି ଜନତାଙ୍କ ଦୃଷ୍ଟିକୋଣରୁ ଦେଶର ମହାନତାର ପରିଚୟ ମିଳିପାରିବ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଧନିକଙ୍କ ଚୁଟି କଟା

ଶିଳ୍ପପତି ସୁଭାଷ ଚନ୍ଦ୍ରାଙ୍କ ମାର୍ଫତରେ ଥିବା ପ୍ରାୟ ୨୨ ହଜାର କୋଟି ଟଙ୍କାର ଅନାଦେୟ ଋଣର ମାତ୍ର ୦.୦୩ ପ୍ରତିଶତ ଅର୍ଥାତ୍ ୬ .୫ କୋଟି ଟଙ୍କା ପରିଶୋଧ ପାଇଁ ଦେବାଳିଆ ସଂହିତା(ଇନ୍‌ସୋଲ୍‌ଭାନ୍ସି ଆଣ୍ଡ ବ୍ୟାଙ୍କ୍ରପଟ୍‌ସି କୋଡ୍) ଆଧାରରେ କରିଥିବା ଆବେଦନକୁ 'ଜାତୀୟ କମ୍ପାନୀ ବିଧି ଟ୍ରିବ୍ୟୁନାଲ୍(ଏନ୍‌ସିଏଲ୍‌ଟି)' ମଞ୍ଜୁର କରିଛନ୍ତି। ଏହି ରାୟ ଆଧାରରେ ମାତ୍ର ୬ କୋଟି ୨୫ ଲକ୍ଷ ଟଙ୍କା ଏବଂ ମାମଲା ପରିଚାଳନା ବାବଦରେ ଆଉ ୨୫ ଲକ୍ଷ ଟଙ୍କା - ଏହିପରି ୬ କୋଟି ୫୦ ଲକ୍ଷ ଟଙ୍କା ପରିଶୋଧ କରି ସୁଭାଷ ଋଣମୁକ୍ତ ହୋଇଯିବେ। ଅର୍ଥାତ୍ ସେ ନେଇଥିବା ପ୍ରତି ଶହେ ଟଙ୍କାର ଋଣ ପାଇଁ ମାତ୍ର ୩ ପଇସା ପରିଶୋଧ କରିବେ।

ଏହା ଜଣାପଡ଼ିବା ପରେ ବ୍ୟାଙ୍କ ଋଣ ମଞ୍ଜୁର ଓ ପରିଶୋଧ ପ୍ରକ୍ରିୟାରେ ଧନୀ-ଗରିବ ପାତରଅନ୍ତର ନୀତିକୁ ନେଇ ବିବାଦ ଓ ବିତର୍କ ସୃଷ୍ଟି ହୋଇଛି। ପ୍ରତିକ୍ରିୟାରେ ଚନ୍ଦ୍ରା କହିଛନ୍ତି ଉକ୍ତ ଋଣ ସେ ବ୍ୟକ୍ତିଗତ ଭାବେ ନେଇ ନାହାନ୍ତି ବରଂ ଋଣଗ୍ରହୀତାଙ୍କ ପାଇଁ ମାର୍ଫତଦାର ବା ଗ୍ୟାରେଣ୍ଟର ଥିଲେ। ସେ ଅଧିକନ୍ତୁ ମଧ୍ୟ କହିଛନ୍ତି ଯେ ସେ ନେଇଥିବା ୩, ୯ ୯୨ କୋଟି ଟଙ୍କା ଋଣ ପରିଶୋଧରେ ରିହାତି ପାଇଁ ଆବେଦନ କରିଥିଲେ। ତଥାପି ଏହା କମ୍ ନୁହେଁ। ପ୍ରଶ୍ନ ଉଠିଛି ଯେ ମଧ୍ୟବିତ୍ତ କିମ୍ବା ନିମ୍ନ-ମଧ୍ୟବିତ୍ତଟିଏ ମାତ୍ର କେତେ ଲକ୍ଷ କିମ୍ବା କେତେ ହଜାର ଟଙ୍କାର ଋଣ ପରିଶୋଧରେ ଖିଲାପ କଲେ ତାଙ୍କର ବନ୍ଧକ ସମ୍ପତ୍ତି ବାଜ୍ୟାପ୍ତି କରାଯାଏ, ଘରେ ତାଲା ପଡ଼ିଯାଏ। ଯେଉଁଠି ଋଣ ଗ୍ରହୀତା ସମ୍ପୂର୍ଣ୍ଣ ଦେବାଳିଆ ହୋଇଯାଇଥିବେ ବା ଋଣ ପୈଠ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡ଼ିଥିବେ କିମ୍ବା ବନ୍ଧକ ମୂଲ୍ୟ ଋଣ ଭରଣା କରିବାରେ ନିଅଣ୍ଟ ପଡୁଥିବ ସେଭଳି କ୍ଷେତ୍ରରେ ଋଣ ଗ୍ରହୀତାଙ୍କ ପାଇଁ ଯିଏ ଗ୍ୟାରେଣ୍ଟର(ମାର୍ଫତଦାର) ଥିବେ ତାଙ୍କଠାରୁ ବକେୟା ଅସୁଲ କରାଯାଏ। କିନ୍ତୁ ଧନିକଙ୍କ ପାଇଁ ଏହି ବ୍ୟବସ୍ଥା କେତେ ଯେ କୋହଳ ଓ ଉଦାର ତାହା ସୁଭାଷ ଚନ୍ଦ୍ରାଙ୍କ ଘଟଣା ଭାରତ ପାଇଁ ଏକ ବିରଳ ଉଦାହରଣ ସୃଷ୍ଟି କରିଛି।

୨୦୧୬ରେ ପ୍ରଣୀତ ଦେବାଳିଆ ସଂହିତାର ଲକ୍ଷ୍ୟ ଥିଲା ଯେଉଁ ଋଣ ଗ୍ରହୀତାମାନେ ଦୀର୍ଘବର୍ଷ ଧରି ଋଣ ପରିଶୋଧ କରିପାରୁ ନଥିବେ ସେମାନଙ୍କ ପାଇଁ ଏକକାଳୀନ ଦେୟ ବା କ୍ଷମା ଯୋଜନା ଲାଗୁ ହେବ। ଯଦି ଋଣ ଦାତାମାନେ ମତାଧିକ୍ୟରେ କ୍ଷମାପ୍ରସ୍ତାବକୁ ପାରିତ କରନ୍ତି ତେବେ ଋଣ ଗ୍ରହୀତାଙ୍କ ଅନାଦେୟ ଋଣକୁ କୋହଳ କରିଦିଆଯିବ। ଏଥିରେ ଋଣଦାତାମାନଙ୍କର ସହମତି ଆବଶ୍ୟକ। 'ନାହିଁ ମାମୁଠାରୁ କଣା ମାମୁ ଭଲ' ନ୍ୟାୟରେ ପ୍ରଣୀତ ଏହି ସଂହିତା ବଳରେ ବ୍ୟାଙ୍କମାନଙ୍କର ଏନ୍‌ପିଏ ହ୍ରାସ କରିବା ପାଇଁ ଦୀର୍ଘ ଆଇନଗତ ଜଟିଳତାକୁ ଏଡ଼ାଇବାର ଲକ୍ଷ୍ୟ ରଖାଯାଇଥିଲା। ଋଣ ପରିମାଣ ହ୍ରାସର ଏହି ପ୍ରକ୍ରିୟା ହେୟାର କଟ୍(ଚୁଟି କଟା) ଭାବେ ବିଦିତ। କିନ୍ତୁ ବିଧି/ଆଇନକୁ କିଭଳି ମୋଡ଼ି ମକଚି ଧନୀ, ପ୍ରତିପତ୍ତି ଓ ପ୍ରଭାବଶାଳୀମାନେ ନିଜ ପଟକୁ ନେଇଆସୁଛନ୍ତି ତାହାର ଉଦାହରଣ ହେଉଛି - ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ୧, ୦୭୭ଟି ମାମଲାର ବିଚାର ହୋଇ ୨.୪୭ ଲକ୍ଷ କୋଟି ଟଙ୍କା ବା ମୋଟ ଋଣ ପରିମାଣର ମାତ୍ର ୨୯% ଅସୁଲ ହୋଇଛି।

ସୁଭାଷ ଚନ୍ଦ୍ରାଙ୍କ ମାମଲାରେ ୨୩ ଜଣ ଋଣଦାତାଙ୍କ ମଧ୍ୟରୁ ଋଣ କ୍ଷମା ନିଷ୍ପତ୍ତି ସପକ୍ଷରେ ଭୋଟ ଦେଇଥିବା ମାତ୍ର ୫ଟି ସଂସ୍ଥାଙ୍କର ମୋଟ ଭୋଟ ମୂଲ୍ୟ ୬୧.୭୮% ଥିବା ବେଳେ ବ୍ୟାଙ୍କମାନଙ୍କର ମିଳିତ ଭୋଟ ମୂଲ୍ୟ ଥିଲା ୧୯.୧୮ ୬%। ତେଣୁ କ୍ଷମା ପ୍ରସ୍ତାବ ଗୃହୀତ ହୋଇଗଲା। କିନ୍ତୁ ଋଣ କ୍ଷମା ସପକ୍ଷରେ ଭୋଟ ଦେଇଥିବା ସଂସ୍ଥାମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପର୍କ ସୁଭାଷ ଚନ୍ଦ୍ରାଙ୍କ ମୂଳ କମ୍ପାନୀ ସହିତ ରହିଛି। ତେଣୁ ଆଇନ ଆଖିରେ କିଭଳି ଧୂଳି ଦେଇ କରଦାତାଙ୍କ ସମ୍ପତ୍ତି ଲୁଟ୍ ହୋଇପାରୁଛି ତାହାର ନୂଆ ବାଟଟିଏ ଖୋଲିଛି।

ଦେବାଳିଆ ସଂହିତା ଆଧାରରେ 'ଏନ୍‌ସିଏଲ୍‌ଟି' ନାମକ ସେଲୁନ୍‌ରେ ଋଣଗ୍ରହୀତାଙ୍କ ସମ୍ପତ୍ତି, ଦେୟ, ବକେୟା କିଭଳି ମୂଲ୍ୟାୟନ ହୁଏ ବା 'ହେୟାର କଟ୍' ହୁଏ, 'ଏନ୍‌ସିଏଲ୍‌ଟି' କିଭଳି ମାମଲା ପରିଚାଳନା କରି ରାୟ ଦିଅନ୍ତି ତାହା ଖୁବ୍ ଜଟିଳ, ଯାହା ସାଧାରଣ ଲୋକ ପକ୍ଷରେ ସହଜରେ ବୁଝିବା ସମ୍ଭବ ନୁହେଁ। କିନ୍ତୁ ସାଧାରଣ ଲୋକଟିଏ ପ୍ରଶ୍ନ କରିବାରେ ଅସୁବିଧା ନାହିଁ ଯେ ବଡ଼ ଲୋକଙ୍କ ପାଇଁ ଉପଲବ୍ଧ ଏହି ସେଲୁନରେ ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତଙ୍କ ପାଇଁ ଚୁଟି କଟା(ଅନାଦାୟ ଋଣ ପରିମାଣରେ ରିହାତି) ଅଧିକାର ଅଛି କି? ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ଘରୁ ବିପୁଳ ନଗଦ ଜବତ ହେବା ଏବଂ ସେ ସଂସଦୀୟ କମିଟି ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ନ୍ୟାୟମନ୍ଦିରରେ ବିଚାରର ନିରପେକ୍ଷତା ନେଇ ପ୍ରଶ୍ନ ଉଠିଛି। ଏହି ଆଧାରରେ 'ଏନ୍‌ସିଏଲ୍‌ଟି'ରେ ବିଚାର ପ୍ରକ୍ରିୟା ସନ୍ଦେହ ଘେରକୁ ଆସିବା ସ୍ୱାଭାବିକ। ୨୨ ହଜାର କୋଟି ଟଙ୍କାର ଋଣକୁ 'ହେୟାର କଟ୍' ଜରିଆରେ ଯଦି ୬ କୋଟି ୫୦ ଲକ୍ଷ କରାଯାଇପାରୁଛି ସେ କ୍ଷେତ୍ରରେ ସେଲୁନ୍‌ର ହେୟାର କଟ ପ୍ରକ୍ରିୟା ଏବଂ ଏହାର ସମର୍ଥକମାନେ କେତେ ସ୍ୱଚ୍ଛ ହୋଇଥିବେ ଅନୁମେୟ।

୨୦୧୬ରେ ସରକାର ଏହି ଆଇନ କେଉଁ ଉଦ୍ଦେଶ୍ୟରେ ଏବଂ କାହା ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଣୟନ କରିଥିଲେ ତାହା ଜନସାଧାରଣଙ୍କୁ ଅଗୋଚର। କିନ୍ତୁ ଏହାଦ୍ୱାରା ଯେ ଇଚ୍ଛାକୃତ ଖିଲାପକାରୀ(ୱିଲ୍‌ଫୁଲ୍ ଡିଫଲଟର)ଙ୍କ ସଂଖ୍ୟା ବଢ଼ିବ ତାହା ନିଶ୍ଚିତ। ୧୦୦ ଟଙ୍କାର ଋଣ ନେଇ ଯଦି ମାତ୍ର ୩ ପଇସା ପୈଠ କରିବାକୁ ଆମ ଦେଶର ଆଇନ ମଞ୍ଜୁରୀ ଦେଇପାରୁଛି, ସେଥିପାଇଁ ୧୦ ପଇସା ଖର୍ଚ୍ଚ କରି ଭୋଟର କିଣିବା ସୁଯୋଗକୁ କିଏ କାହିଁକି ହାତଛଡ଼ା କରିବ? ବିଶ୍ୱରେ ଯେତିକି ପରିମାଣରେ କଳାଟଙ୍କା ରହିଛି ସେଥିରେ ସମଗ୍ର ବିଶ୍ୱବାସୀ(୮୦୦ କୋଟି)ଙ୍କୁ ଗୋଟିଏ ଲେଖାଏଁ ଲାପ୍‌ଟପ୍ ମାଗଣାରେ ବଣ୍ଟାଯାଇପାରିବ ବୋଲି ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ବିଦେଶରେ କହିଛନ୍ତି। ସୁଭାଷ ଚନ୍ଦ୍ରାଙ୍କ ଭଳି ଧନାଢ଼୍ୟଙ୍କ 'ହେୟାର କଟ୍' ପ୍ରକ୍ରିୟା କ'ଣ ଆଇନ ଅନୁମୋଦିତ ହୋଇଥିବାରୁ କଳାଟଙ୍କା ପଦବାଚ୍ୟ ନୁହେଁ? - ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। ଏଭଳି 'ହେୟାର କଟ୍' ପ୍ରକ୍ରିୟାରେ ବ୍ୟାଙ୍କ ବା ଋଣଦାତାମାନେ ଯେ ସମ୍ପୂର୍ଣ୍ଣ ମୁଣ୍ଡନ ବା ଚନ୍ଦା ହୋଇଯାଇପାରନ୍ତି ତାହା ବିଚାର କରିବା କ'ଣ ତତ୍କାଳୀନ ଆଇନ ପ୍ରଣୟନକାରୀମାନଙ୍କର କର୍ତ୍ତବ୍ୟ ନ ଥିଲା। ବ୍ୟାଙ୍କ ଦେବାଳିଆ ହୋଇଗଲେ ଗରିବର ଟିକସ ପଇସାରେ ସମୃଦ୍ଧ ରାଜକୋଷରୁ ହିଁ ପୁଣି ପରିପୁଷ୍ଟ ହୁଅନ୍ତି। ତେଣୁ ଧନିକଙ୍କ ସେଲୁନ୍‌ରେ ଚୁଟି କଟା ବୋଝ ଗରିବ ଲୋକମାନେ ମୁଣ୍ଡାଇବାକୁ ଏବଂ ବୋଝ ଚାପରେ ଚନ୍ଦା ବା ଲଣ୍ଡା ହେବାକୁ ପଡ଼େ। ଏହା ହିଁ ଭାରତ ଓ ଇଣ୍ଡିଆ ଭିତରେ ବଡ଼ ଫରକ।

## ବିକଳ୍ପ ସମାଜର ଆହ୍ୱାନ

ଜୟ ନାରାୟଣ ମହାପାତ୍ର

ବିଶ୍ୱବାସୀ ଆଜି ଯୁଦ୍ଧର ଘନଘଟା ମଧ୍ୟରେ ହନ୍ତସନ୍ତ। ଜୀବନ ଜୀବିକା ଦୁର୍ବିସହ। ବିଶ୍ୱାସ ସଙ୍କଟ ସବୁଠିଁ ଅନୁଭୂତ। ଅସତ୍ୟ, ଅନ୍ୟାୟ, ଅତ୍ୟାଚାର, ଅହଙ୍କାର ଓ ଅପରିଣାମଦର୍ଶିତା ସବୁକ୍ଷେତ୍ରରେ ପରିସ୍ଫୁଟ। ଧନର ପ୍ରାଚୁର୍ଯ୍ୟରେ ଭରପୂର କେତେକ ଦେଶ ସାମ୍ରାଜ୍ୟବାଦୀ ଚିନ୍ତାଧାରାର ବଶବର୍ତ୍ତୀ ହୋଇ ଅନ୍ୟଦେଶର ସାର୍ବଭୌମତ୍ୱ ଉପରେ ଆକ୍ରମଣ କରିବାର ନିଶାରେ ପାଗଳସମ ହୋଇ ଉଠିଛନ୍ତି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆଜିର ସଚେତନ ନାଗରିକ, ଦରଦୀ ମଣିଷମାନେ ମାନବ ଜୀବନର ସୁରକ୍ଷା ଓ ପରିବେଶର ସନ୍ତୁଳନ ପାଇଁ ଯୁବପିଢ଼ିଙ୍କୁ ସାଥୀ କରି ସତ୍ୟ, ଧର୍ମ, ନ୍ୟାୟ ଓ ଅହିଂସା ମାର୍ଗରେ ନୂତନ ବିକଳ୍ପ ସମାଜ ଗଠନ ପାଇଁ ଆଗେଇ ଆସୁଛନ୍ତି।

ଆମ ଦେଶ ଭାରତ କଥା ଚିନ୍ତା କଲାବେଳେ ଅଧିକ ବ୍ୟଥିତ ହେବାକୁ ହୁଏ। ସ୍ୱାଧୀନତାର ଦୀର୍ଘ ୮୦ ବର୍ଷ ପୂରଣ କରିଥିବା ଦେଶର ନାଗରିକଙ୍କ ମଧ୍ୟରୁ ୮୦%ଙ୍କୁ ଆଜି ମଧ୍ୟ ରାସନ୍ ଦେବାକୁ ପଡୁଛି। ଗଣତନ୍ତ୍ରର ଡିଣ୍ଡିମ ପିଟୁଥିବା ସରକାରମାନେ ଦେଶ ଓ ପ୍ରଦେଶ ସ୍ତରରେ ଶତାଧିକ ଯୋଜନା ପ୍ରଣୟନ କରି ଚାଲିଥିଲା ବେଳେ ଗରିବୀର କଷାଘାତରେ ଅନେକେ ଜର୍ଜରିତ। ସୁଶାସନର ସ୍ଲୋଗାନ ଭିତରେ କୁଶାସନ ଜଳଜଳ ପରିଦୃଷ୍ଟ। ଗଣତନ୍ତ୍ରର ଗ୍ୟାରେଣ୍ଟି ଆଜି ଭୂଲୁଣ୍ଠିତ। ଗଣତନ୍ତ୍ରର ଗଣ୍ଡିଭିତରେ ମୁକ୍ତ, ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନର ଗ୍ୟାରେଣ୍ଟି ଦେଉଥିବା ଭାରତର ନିର୍ବାଚନ ଆୟୋଗ ସନ୍ଦେହ ଘେରରେ। ବିଭିନ୍ନ ପ୍ରକାର ନିର୍ବାଚନ ପ୍ରକ୍ରିୟା ଆଳରେ ଲକ୍ଷ ଲକ୍ଷ ଭୋଟରଙ୍କ ମୌଳିକ ଅଧିକାର ଛିନ୍ନ ହେଉଥିବା ବେଳେ ବିଚାରାଳୟ ମୂକସାକ୍ଷୀ ସାଜିଛି ଏବଂ 'ଏଥର ନ ହେଲେ ଆରଥରକୁ ଭୋଟ ଦେବା'କୁ ପରାମର୍ଶ ଦେଉଛି।

ଦେଶର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ବର୍ଷ ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ କରି ଭେଷଜ ଡାକ୍ତରୀ ପାଠ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ଦେଲା ବେଳେ ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ହେଉଛି, ଯେଉଁଥିପାଇଁ ପରୀକ୍ଷା ବାତିଲ୍ ହେଉଛି ଏବଂ ଛାତ୍ରଛାତ୍ରୀମାନଙ୍କର ମନୋବଳ ଭାଙ୍ଗିଯାଉଛି। ଅନେକେ ଦୁଃଖ ଓ ହତାଶାରେ ମ୍ରିୟମାଣ ହୋଇ ଜୀବନ ହାରି ଦେଉଛନ୍ତି। ସତେଯେମିତି ଶିକ୍ଷିତ ଯୁବଶକ୍ତିର ଜୀବନ ଅତି ତୁଚ୍ଛ ଓ ଅଦରକାରୀ। ଏଥିପାଇଁ କିନ୍ତୁ କାହାରି ଉତ୍ତରଦାୟିତ୍ୱ ନାହିଁ। ଦେଶବାସୀ ତେଣୁ ଜାଣିବାକୁ ଚାହାନ୍ତି ଏହା କ'ଣ ଦେଶପ୍ରେମ? ସୁଶାସନର ଜ୍ୱଳନ୍ତ ନିଦର୍ଶନ? ଆଜି ଜଳସେଚନର ପର୍ଯ୍ୟାପ୍ତ ସୁବିଧା ନଥିବାରୁ ବର୍ଷର ୭-୮ ମାସ ଜମି ଚାଷହୀନ ହୋଇ ପଡ଼ିଆ ପଡୁଛି। ଫଳସ୍ୱରୂପ ଖାଇବା ତେଲଠାରୁ ଆରମ୍ଭ କରି ଗହମ ପର୍ଯ୍ୟନ୍ତ ଅନେକ ଶସ୍ୟ ଅନ୍ୟ ଦେଶରୁ ଆମଦାନୀ ଉପରେ ଦେଶ ନିର୍ଭର କରୁଛି। ଓଡ଼ିଶାରେ ଧାନ ବିକ୍ରୟ ପାଇଁ ମଣ୍ଡିରେ ଚାଷୀଙ୍କୁ କଟନି ଛଟନିର ଶିକାର ହେବାକୁ ପଡୁଛି। ରାସ୍ତାଘାଟରେ ରାହାଜାନି, ଦୁଷ୍କର୍ମ, ହତ୍ୟା, ଲୁଣ୍ଠନ, ଚୋରିର ପାରଦ କ୍ରମବର୍ଦ୍ଧମାନ ଗତିରେ ବଢ଼ିଚାଲିଛି।

କେବଳ ସରକାରଙ୍କ ଦ୍ୱାରା ପରିଚାଳିତ ଅର୍ଥନୈତିକ ସର୍ଭେ ରିପୋର୍ଟକୁ ଭିତ୍ତିକରି ଯେନତେନ ପ୍ରକାରେ ଜିଡିପି ବୃଦ୍ଧିକୁ ନେଇ ଆମେ ବିଶ୍ୱରେ ଆଘୋଷିତ ଯେତେତମ ସ୍ଥାନରେ ପହଞ୍ଚିଥିଲେ ବି ଗ୍ରାମାଞ୍ଚଳର ଉତ୍କଟ ଦାରିଦ୍ର୍ୟ ଓ ମାନବ ସମ୍ବଳ ସୂଚକାଙ୍କ ସ୍ପଷ୍ଟ ସୂଚାଇଦିଏ ଆମେ ବାସ୍ତବରେ ବିକାଶ ରାସ୍ତାରେ କେଉଁଠି ଦଣ୍ଡାୟମାନ। ଦୁର୍ନୀତି, ଭ୍ରଷ୍ଟାଚାର, ମିଥ୍ୟାଚାର ଦେଶର କୋଣ ଅନୁକୋଣରେ ଦୃଷ୍ଟିଗୋଚର। କର୍ମନିଯୁକ୍ତିର ଅଭାବ ଆଜି ଶିକ୍ଷିତ ଯୁବସମାଜକୁ ହତାଶା ମଧ୍ୟକୁ ଠେଲିଦେଇଛି। କିନ୍ତୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ସର୍ବୋଚ୍ଚ ବିଚାରପତି ଏହି ବେରୋଜଗାର ଯୁବଶକ୍ତିକୁ 'ଅସରପା' ଓ 'ପରଜୀବୀ(ପରାଙ୍ଗପୁଷ୍ଟ ଜୀବ)' ବୋଲି ଆଖ୍ୟା ଦେଇ ସେମାନଙ୍କ ମାନସିକ ସ୍ତରରେ ଆଘାତ ଦେବାକୁ ପଛାଇ ନାହାନ୍ତି।

ନିର୍ବାଚନ ପୂର୍ବରୁ ଦେଶର ଜନସାଧାରଣଙ୍କୁ ନାନାପ୍ରକାର ମନଭୁଲାଣିଆ ପ୍ରଲୋଭନ ଦେଖାଇ ଶାସନକୁ ଆସିଲା ପରେ ନିର୍ବାଚନ ପ୍ରତିଶ୍ରୁତି ପାଳନ ନ କରିବା କିମ୍ବା ବିଭିନ୍ନ ପ୍ରକାର ଆଳ କରି ସେଥିରୁ ବଞ୍ଚିତ କରିବାର ବାହାନା ସୃଷ୍ଟି କରିବା ଅତି ସାଧାରଣ ଘଟଣା ବୋଲି ମନେହୁଏ। ଦେଶର ସମ୍ବିଧାନକୁ ନିଜ ଇଚ୍ଛା ଅନୁଯାୟୀ ବ୍ୟବହାର କରିବା ପାଇଁ ବାରମ୍ବାର ସଂଶୋଧନ କରିବା, ଦଳବଦଳ ନିରୋଧ ଆଇନକୁ ସଶକ୍ତ କରିବା ପରିବର୍ତ୍ତେ ଦଳବଦଳକୁ ପ୍ରୋତ୍ସାହନ ଦେବା, ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ଶାସନ କରିବାର ହୀନ ମାନସିକତା ଆଜି ରାଜନୀତିକୁ କଳୁଷିତ କରିବାରେ ଲାଗିଛି। ଅଳ୍ପକିଛିଙ୍କୁ ବାଦ୍ ଦେଲେ ଅଧିକାଂଶ ଯୁବଶକ୍ତି ଆଜି ଦିଗହରା, ବିପଥଗାମୀ, ନିଶାଗ୍ରସ୍ତ। ସେମାନଙ୍କୁ ହାତବାରିସି କରି ଦେଶର ରାଜନେତାମାନେ ନିଜ ନିଜ ସ୍ୱାର୍ଥ ହାସଲରେ ବ୍ୟସ୍ତ। ଦେଶକୁ ନିଶାମୁକ୍ତ ଘୋଷଣା କରିବା ବଦଳରେ ଯୁବଶକ୍ତି କେମିତି ଅଧିକ ନିଶାଗ୍ରସ୍ତ ହୋଇ ତାଙ୍କ ପଛରେ ସବୁଦିନ ଗୋଡ଼ାଇବେ ତାହର ସୁବନ୍ଦୋବସ୍ତ ହୋଇଛି। ଯେଉଁ ମୁଷ୍ଟିମେୟ ଯୁବଗୋଷ୍ଠୀ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ କର୍ମନିଯୁକ୍ତି ପ୍ରାପ୍ତ ହେଉଛନ୍ତି, ସେମାନଙ୍କର ଅହଂକାର ଚରମ ସୀମାରେ। ସେମାନଙ୍କର ଚାଲିଚଳଣ, ହାବଭାବ, ବେଶଭୂଷା, ଖାଦ୍ୟପେୟ ଓ ଗାଡ଼ିଘୋଡ଼ା, ଜୀବନକୁ ଉପଭୋଗ କରିବାର ଶୈଳୀ ସତେଯେମିତି ଅନ୍ୟ ବେରୋଜଗାରମାନଙ୍କୁ ଉପହାସ କରୁଛି।

ଗ୍ରାମାଞ୍ଚଳର ଅଧିବାସୀମାନେ ଆଜି ବି ଉତ୍ତମ ରାସ୍ତା, ବିଶୁଦ୍ଧ ପାନୀୟ ଜଳ, ସର୍ବଦା ବିଜୁଳି ଆଲୁଅ ପାଇବାରୁ ବଞ୍ଚିତ। ଶହ ଶହ କୋଟି ଟଙ୍କା ବ୍ୟୟରେ ରାସ୍ତା, ପୋଲ ଇତ୍ୟାଦି ନିର୍ମାଣ ହେଉଥିଲେ ବି ନିମ୍ନମାନର କାର୍ଯ୍ୟ ପାଇଁ ଅତି ଅଳ୍ପଦିନ ମଧ୍ୟରେ ନଷ୍ଟ ହେଉଛି। କାରଣ ଆଜିର ଠିକାଦାର/କାର୍ଯ୍ୟନିର୍ବାହୀମାନେ ରାଜନୈତିକ ବାଛବିଚାରର ଶରବ୍ୟ। ଗଣମାଧ୍ୟମମାନେ ରାଜନୈତିକ ମୁଖାପେକ୍ଷୀ। ବିଚାରପତିମାନଙ୍କର ସ୍ୱର ଦବି ଦବି ଆସୁଛି। ଗଣତନ୍ତ୍ରର ଅଙ୍ଗପ୍ରତ୍ୟଙ୍ଗ ଯେତେବେଳେ ରୋଗାକ୍ରାନ୍ତ ଓ ନିର୍ବେଦଗ୍ରସ୍ତ, ସେତେବେଳେ ସାଧାରଣ ଜନଗଣଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅବସ୍ଥା ଶୋଚନୀୟ ହେବା ସ୍ୱାଭାବିକ।

ଏ କ୍ଷେତ୍ରରେ ଦେଶର ବିରୋଧୀ ରାଜନୈତିକ ଦଳମାନଙ୍କର ଭୂମିକା ନିଶ୍ଚୟ ପ୍ରଶ୍ନବାଚୀ ସୃଷ୍ଟିକରେ। ଦେଶରେ ଏକ ମିଳିତ ସଶକ୍ତ ବିରୋଧୀଦଳ ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସରକାରଙ୍କୁ ଗଠନମୂଳକ ସହଯୋଗ ପ୍ରଦାନ କରେ ଏବଂ ସରକାରଙ୍କ ଅନ୍ୟାୟ ନିଷ୍ପତ୍ତିର ପ୍ରତିରୋଧ ପାଇଁ ଖଣ୍ଡ-ବିଖଣ୍ଡିତ ବିରୋଧୀ ଦଳମାନଙ୍କର ଏକତାର ଅଭାବ ସରକାରୀ ଦଳକୁ ଏକଛତ୍ରବାଦୀ କାର୍ଯ୍ୟ ପାଇଁ ବାଟ ଫିଟାଇଥାଏ, ଯାହା ଆଜି ଅନୁଭୂତ ହେଲାଣି। ତେଣୁ ସାମ୍ବିଧାନିକ ନିଷ୍ପତ୍ତି ଗ୍ରହଣକାରୀ ପଦବୀରେ ଆସୀନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନେ ସମ୍ବିଧାନର କ୍ଷୁଦ୍ର କ୍ଷୁଦ୍ର ଛିଦ୍ରର ସାହାରା ନେଇ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନେଉ ନଥିବାରୁ ଗଣତନ୍ତ୍ରର ଚରମ ଅଧୋଗତି ଦେଖାଦେଉଛି।

ଏସବୁରୁ ମୁକ୍ତିଲାଭ କରିବାକୁ ହେଲେ ଦେଶର ବେରୋଜଗାର ଯୁବଶକ୍ତି, ମହିଳାଶକ୍ତି, କୃଷକ, ଶ୍ରମଜୀବୀ ଓ ସର୍ବୋପରି ଚିନ୍ତାଶୀଳ ଦେଶଭକ୍ତ ଦରଦୀ ମଣିଷମାନେ ଏକଜୁଟ ହୋଇ ଦେଶର ପ୍ରକୃତ ଶୋଷଣକାରୀ ଗୋଷ୍ଠୀ, ଯେଉଁମାନଙ୍କ ପାଖରେ ଦେଶର ମୋଟ ସମ୍ପତ୍ତି/ଐଶ୍ୱର୍ଯ୍ୟର ୯୦ ଭାଗ ଉପଲବ୍ଧ, ସେମାନଙ୍କ ବିରୋଧରେ ଶାନ୍ତିପୂର୍ଣ୍ଣ ଅହିଂସ ସତ୍ୟାଗ୍ରହ ଆରମ୍ଭ କରିବାକୁ ହେବ। ଏପରି ଏକ ବୈପ୍ଳବିକ ବିକଳ୍ପ ସମାଜ ଗଠନ କରିବାକୁ ହେବ, ଯାହା ମୂଳରେ ରହିବ ସ୍ୱାଧୀନ ବିଚାରକ୍ରାନ୍ତି ଅଭିଯାନ, ସତ୍ୟ-ଶାନ୍ତି-ନ୍ୟାୟ ଓ ସହଯୋଗିତାର ମନ୍ତ୍ର, ପ୍ରଦୂଷଣମୁକ୍ତ ମାଟି-ପାଣି-ପବନ, କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି, ପ୍ରତ୍ୟେକ ଗ୍ରାମ ଏକ ଆଦର୍ଶ ଗ୍ରାମର ପରିକଳ୍ପନା, ସମସ୍ତଙ୍କ ପାଇଁ କର୍ମସଂସ୍ଥାନ, ସଶକ୍ତ ଗଣତନ୍ତ୍ର ପାଇଁ ସମ୍ବିଧାନ ସମ୍ପର୍କିତ ଅତ୍ୟାବଶ୍ୟକୀୟ ପ୍ରଶିକ୍ଷଣ, ଅବାଧ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ସଂକ୍ରାନ୍ତୀୟ ଧାରଣା, ବିକଳ୍ପ ସ୍ୱାସ୍ଥ୍ୟ ସେବା, ଶାସନରେ ସ୍ୱଚ୍ଛତା, ପାରଦର୍ଶିତା ଓ ଉତ୍ତରଦାୟିତ୍ୱ, ସରଳ ଓ ନିରାଡ଼ମ୍ବର ଜୀବନ ଶୈଳୀ, ଦୁର୍ନୀତିମୁକ୍ତ ଦାୟିତ୍ୱଶୀଳ ପ୍ରଶାସନ, ପ୍ରଶାସନିକ ଓ ସେବାଗତ ଅବହେଳା ପାଇଁ ତ୍ୱରିତ କଠୋର ଶାସ୍ତି ବ୍ୟବସ୍ଥା, ଉତ୍ତମ ସେବା ଦେଇଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ପୁରସ୍କୃତ କରିବା, ସରକାରୀ ଅପବ୍ୟୟ ସମାପ୍ତି, ପ୍ରତ୍ୟେକ ଅଭାବୀ ପରିବାରକୁ ଏକ ନିଶ୍ଚିତ ସରକାରୀ କର୍ମଯୋଗାଣ, ସମ୍ପୂର୍ଣ୍ଣ ଦେୟମୁକ୍ତ ନାରୀଶିକ୍ଷାର ପ୍ରଚଳନ, ଦେଶରେ ସମ୍ପୂର୍ଣ୍ଣ ନିଶା ନିବାରଣ, ପ୍ରତି କୃଷି କ୍ଷେତ୍ରକୁ ଜଳସେଚନ, ଶ୍ରମିକମାନଙ୍କର ଦକ୍ଷତାଭିତ୍ତିକ ପଞ୍ଜୀକୃତ ଗୋଷ୍ଠୀ ଗଠନ, ସମସ୍ତ ନାଗରିକଙ୍କ ପାଇଁ ୫ ବର୍ଷ ବୟସରୁ ଜୀବନବୀମା, ଶାସନ ସଂସ୍କାର ଓ ନିର୍ବାଚନ ସଂସ୍କାର ଜରିଆରେ ପ୍ରଚଳିତ ବ୍ୟବସ୍ଥାର ଆବଶ୍ୟକୀୟ ପରିବର୍ତ୍ତନ, ଆର୍ଥିକ ଭିତ୍ତିରେ ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା, ଜାତି ଓ ଶ୍ରେଣୀଭିତ୍ତିକ ସମାଜର ବିଲୋପ ସାଧନ, ଯୋଗ୍ୟବ୍ୟକ୍ତିଙ୍କୁ ଉପଯୁକ୍ତ ପଦବୀ, ବ୍ୟାଙ୍କ୍ ଓ ବୀମା ଶିଳ୍ପରେ ବ୍ୟାପକ ସଂସ୍କାର, ବିଦ୍ୟାଳୟ ସ୍ତରରୁ ସ୍ୱଚ୍ଛତା ଓ ନୈତିକଶିକ୍ଷାର ଗୁରୁତ୍ୱ, ପ୍ରତି ବିଦ୍ୟାଳୟରେ ପ୍ରାଦେଶିକ ମାତୃଭାଷା ଓ ରାଷ୍ଟ୍ରୀୟ ଭାଷାର ବାଧ୍ୟତାମୂଳକ ପ୍ରଚଳନ, ବିଚାରାଳୟରେ ନିର୍ଦ୍ଦିଷ୍ଟ ସମୟଭିତ୍ତିକ ନିଷ୍ପତ୍ତି, ବିଚାର ବ୍ୟବସ୍ଥାର ବ୍ୟାପକ ସଂସ୍କାର, ଗଣମାଧ୍ୟମ ସଂସ୍ଥା ପ୍ରତିଷ୍ଠା ପରିଚାଳନା ନିରପେକ୍ଷତା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ପାରିବାରିକ ସଂସ୍କୃତି ପରମ୍ପରା ଓ ନୈତିକ ମୂଲ୍ୟବୋଧର ଅବକ୍ଷୟ ରୋକିବା, ପ୍ରତି ଗ୍ରାମରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ଓ ଜଳ ସଂରକ୍ଷଣ ପ୍ରତି ଗୁରୁତ୍ୱ, ଗ୍ରାମ୍ୟ ଉନ୍ନୟନ କମିଟି ଗଠନ, ସାମ୍ପ୍ରଦାୟିକ ସଦ୍ଭାବ ସୁରକ୍ଷା ସମିତି ଗଠନ, ସବୁ ଯୋଜନାର ବିଧିବଦ୍ଧ ନିୟମିତ ବାସ୍ତବ ସମୀକ୍ଷା, ବିଶ୍ୱ ଶାନ୍ତି ଓ ସହଯୋଗ ପାଇଁ ପ୍ରତି ଦେଶରେ ଶାନ୍ତିଦୂତ ସୃଷ୍ଟି ଓ ବିଶ୍ୱ ଶାନ୍ତି ସଂସଦ ପ୍ରତିଷ୍ଠା ପାଇଁ ପରିକଳ୍ପନା ଇତ୍ୟାଦି।

ରୁପ୍‌ସା(ବାଲେଶ୍ୱର), ମୋ: ୯୪୩୮୧୭୭୬୩୪

## ନିଶାମୁକ୍ତ ସମାଜ: ପ୍ରଶ୍ନ, ପ୍ରତିଶ୍ରୁତି ଓ ଦାୟିତ୍ୱ

ଶ୍ରୀମତୀ ବନିତା ମହାରଣା

ଶ୍ରୀମଦ୍ ଭାଗବତର ସେହି ମହାନ ପଂକ୍ତି କୁହେ - 'ମନୁଷ୍ୟ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ।' ଯଦି ମନୁଷ୍ୟ ସକଳବିଦ୍ୟାର ଅଧିକାରୀ ଏବଂ ତା'ର ଜ୍ଞାନକୁ ଦେଖି ସ୍ୱୟଂ ଭଗବାନ ଆନନ୍ଦିତ ହୁଅନ୍ତି, ତେବେ ସେହି ଜ୍ଞାନୀ ମଣିଷ ଆଜି ନିଶାରୂପକ ବିଷକୁ ଆପଣାଇବାକୁ ଟିକିଏ ବି କୁଣ୍ଠାବୋଧ କରୁନାହିଁ କାହିଁକି? ତା'ର ଏହି ଆତ୍ମଘାତୀ ପଦକ୍ଷେପ ସମଗ୍ର ସମାଜକୁ କେତେ ଭୟଙ୍କର ଭାବେ ପ୍ରଭାବିତ କରୁଛି, ତାହା ବର୍ତ୍ତମାନ ଏକ ଗଭୀର ଚିନ୍ତାର ବିଷୟ।

ଆଜିର ସହରଗୁଡ଼ିକ ଯେମିତି ଗୋଟିଏ ଗୋଟିଏ ଧଳା ଜହରର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଯାଇଛି। ଯେଉଁ ଭାରତବର୍ଷକୁ ଦିନେ 'ରାମରାଜ୍ୟ'ରେ ପରିଣତ କରିବାର ପରିକଳ୍ପନା କରାଯାଉଥିଲା, ସେହି ସ୍ୱପ୍ନରେ ଆଜି ବୁଢ଼ିଆଣୀ ଜାଲ ଲାଗିଗଲାଣି। ଆମେ ଦେଖିଥିବା ଏକ ସୁସ୍ଥ ଓ ସୁନ୍ଦର ସମାଜର ଚିତ୍ର ଏବେ ଧୀରେ ଧୀରେ ଝାପସା ହେବାକୁ ବସିଲାଣି। ଆବାଳବୃଦ୍ଧବନିତା କେଉଁଠି ନା କେଉଁଠି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏହି ନିଶାର କରାଳ ଛାୟାରେ କବଳିତ। ଏହା ଏକ ସୁପ୍ତ ସମାଜକୁ ଜାଗ୍ରତ କରିବା ବଦଳରେ ସମ୍ପୂର୍ଣ୍ଣ ଲୁପ୍ତ କରିଦେବାର ଏକ ବଡ଼ ଚକ୍ରାନ୍ତ ନୁହେଁ କି?

କେବଳ ପୁରୁଷ ନୁହନ୍ତି, ଆଜିର ସମାଜରେ ଉଗ୍ର ଆଧୁନିକତାର ପ୍ରତିଯୋଗିତାରେ ଘରର ଲକ୍ଷ୍ମୀ କୁହାଯାଉଥିବା ନାରୀମାନେ ମଧ୍ୟ ନିଶାଦ୍ରବ୍ୟ ସେବନ କରିବାକୁ ବା ମଦ କାଉଣ୍ଟର ଆଗରେ ଠିଆ ହେବାକୁ ସଙ୍କୋଚ କରୁନାହାନ୍ତି। ପରିବାରର ଦାୟିତ୍ୱ ନେବା ପରିବର୍ତ୍ତେ ବାର୍ ବା କ୍ଲବ୍‌ରେ ମଦ୍ୟପାନ କରି ନିଜକୁ ଆଧୁନିକ ବୋଲାଇବାର ଏକ ନକଲି ପ୍ରୟାସ ଚାଲିଛି। ଯଦି ଭବିଷ୍ୟତର ମାଆମାନେ ଏହିପରି ନିଶାଗ୍ରସ୍ତ ହୁଅନ୍ତି, ତେବେ ସେମାନେ କିପରି ଏକ ସୁସ୍ଥ ଓ ସଂସ୍କାରବନ୍ତ ପିଢ଼ିକୁ ଜନ୍ମ ଦେଇପାରିବେ? ଆମ ସମାଜ ଆଜି ପ୍ରକୃତରେ ସୁସ୍ଥ ଅଛି ନା ଧୀରେ ଧୀରେ ଜରାଜୀର୍ଣ୍ଣ ହୋଇ ପତନ ଆଡ଼କୁ ଗତି କରୁଛି, ତାହା ଆଜିର ସବୁଠାରୁ ବଡ଼ ପ୍ରଶ୍ନ।

ପେଟର ଭୋକ ମେଣ୍ଟାଇବା ପାଇଁ ଛୋଟିଆ ପକ୍ଷୀଟିଏ ପ୍ରାତଃକାଳରୁ ନିଦ ଭାଙ୍ଗି ଦୂର ଆକାଶର ଛାତିରୁ, ଜନମଭୂଇଁର ମାଟିରୁ ଓ ନୀଳ ସାଗରର ବକ୍ଷରୁ ନିଜ ପାଇଁ ଏବଂ ନିଜ ଛୁଆଙ୍କ ପାଇଁ ଆହାର ଅନ୍ୱେଷଣ କରି ବୁଲେ। ଏହି ସୁନ୍ଦର ପୃଥିବୀରେ ସମସ୍ତ ଜୀବଜନ୍ତୁଙ୍କ ବଞ୍ଚିବା ପାଇଁ ପ୍ରକୃତି ପାଖରେ କୌଣସି ଜିନିଷର ଅଭାବ ନାହିଁ। କିନ୍ତୁ ଅଭାବ ଅଛି ତ କେବଳ ମଣିଷର ମାନସିକତାରେ। ଜୀବନ ହେଉଛି ଏକ ନିରନ୍ତର ସଂଘର୍ଷ। ଏଠି କର୍ମର ଜୁଇରେ ଜଳିବାକୁ ପଡ଼େ ଏବଂ ପ୍ରତିଦିନ ନୂତନ ଜନ୍ମ ନେଇ ବଞ୍ଚିବାକୁ ପଡ଼େ। ତେବେ ଏମିତି କେଉଁ ଅଭାବ ରହିଯାଏ ଯେ ମଣିଷ ନିଶାଗ୍ରସ୍ତ ହୁଏ? ଅନେକ ଥର ନିଶାର କାରଣ ଖୋଜିବାକୁ ଗଲେ ଗୋଟିଏ ସାଧାରଣ ଉତ୍ତର ମିଳେ - 'ମାନସିକ ଚାପରୁ ମୁକ୍ତି' ଏବଂ 'କଷ୍ଟ ଲାଘବ'। କିନ୍ତୁ ଏହା କେବଳ ଏକ ଆତ୍ମପ୍ରତାରଣା ମାତ୍ର। ନିଶା କଦାପି ସମସ୍ୟାର ସମାଧାନ ହୋଇ ନ ପାରେ, ବରଂ ଏହା ମୃତ୍ୟୁଆଡ଼କୁ ଟାଣି ନେଉଥିବା ଏକ ଖସଡ଼ା ବାଟ।

କେବେ ଦେଖିଛନ୍ତି ଜଣେ ବୃଦ୍ଧା ମାଆର ଏକମାତ୍ର ଆଶାବାଡ଼ି ସାଜିଥିବା ଭେଣ୍ଡିଆ ପୁଅଟି ନିଶାସକ୍ତ ହୋଇ ରାସ୍ତାକଡ଼ ଡ୍ରେନ୍‌ରେ ପଡ଼ିଥିବାର ଦୃଶ୍ୟ? ବିଷାକ୍ତ ମଦ୍ୟପାନ ହେତୁ ଅକାଳ ମୃତ୍ୟୁବରଣ କରିଥିବା ସ୍ୱାମୀର ଶବ ପାଖରେ ଜଣେ ଅଳ୍ପବୟସ୍କା ନାରୀର ବୈଧବ୍ୟର କରୁଣ ଚିତ୍କାର କେବେ ଶୁଣିଛନ୍ତି? ନିଶାଖୋର ବାପାର ଅତ୍ୟାଚାର କିମ୍ବା ମୃତ୍ୟୁ ଯୋଗୁଁ ବାପଛେଉଣ୍ଡ ହୋଇ ରାସ୍ତାରେ ବୁଲୁଥିବା ଅନାଥ ଶିଶୁଙ୍କ ଅବସ୍ଥା କେବେ ହୃଦୟଙ୍ଗମ କରିଛନ୍ତି? ମଣିଷ ପାଇଁ ନିଶା କ'ଣ ଏତେ ଜରୁରୀ, ଯାହା ଗୋଟେ ମାଆଠାରୁ ତା' ପୁଅକୁ, ସ୍ତ୍ରୀଠାରୁ ତା' ସ୍ୱାମୀକୁ ଏବଂ ଛୁଆଠାରୁ ତା' ବାପାକୁ ଚିରଦିନ ପାଇଁ ଛଡ଼ାଇ ନିଏ? ଆଜି ଆମ ସମାଜ କଳୁଷିତ କେବଳ ଏହି ନିଶା ପାଇଁ। ନିଶାଗ୍ରସ୍ତ ଅବସ୍ଥାରେ ହିତାହିତ ଜ୍ଞାନ ହରାଇ କେତେ ଯେ ନରରାକ୍ଷସ ନିରୀହ ନାରୀମାନଙ୍କୁ ନିଜର ପାଶବିକ କାମନାର ଶିକାର କରୁଛନ୍ତି, ଖବରକାଗଜର ପ୍ରଥମ ପୃଷ୍ଠାଗୁଡ଼ିକ ତାହାର ମୂକସାକ୍ଷୀ ସାଜିଛନ୍ତି।

ଏବେ ଆତ୍ମସମୀକ୍ଷା ଓ ବିଚାର କରିବାର ପ୍ରକୃତ ସମୟ ଆସିଯାଇଛି। ଯଦି ଏ ପୃଥିବୀରେ ସବୁକିଛି ପରିବର୍ତ୍ତନଶୀଳ, ମନୁଷ୍ୟର ଏହି ନିମ୍ନଗାମୀ ମାନସିକତା କାହିଁକି ପରିବର୍ତ୍ତନ ହୋଇପାରିବ ନାହିଁ? ଆମର ଏ ସୁନ୍ଦର ଦେଶର ଉଜ୍ଜ୍ୱଳ ଭବିଷ୍ୟତ କ'ଣ ପୌରାଣିକ ଯଦୁବଂଶ ପରି ନିଶାଗ୍ରସ୍ତ ହୋଇ ନିଜେ ନିଜ ଭିତରେ ଲଢ଼ି ନାଶ ହୋଇଯିବ? ନିଶା ନିବାରଣ ମାଧ୍ୟମରେ ମାଆ କୋଳରେ ପୁଅକୁ, ସ୍ତ୍ରୀ ପାଖରେ ସ୍ୱାମୀକୁ ଏବଂ ଶହ ଶହ ନିରୀହ ଶିଶୁ ତଥା ନାରୀଙ୍କୁ ସୁରକ୍ଷିତ ରଖିବା କ'ଣ ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ ନୁହେଁ? ସମାଜକୁ ଦୋଷ ଦେବା ପୂର୍ବରୁ ଆସନ୍ତୁ ଏହି ପରିବର୍ତ୍ତନର ପ୍ରୟାସ ନିଜଠାରୁ ହିଁ ଆରମ୍ଭ କରିବା। ନିଜେ ନିଶାମୁକ୍ତ ରହିବା ଏବଂ ଅନ୍ୟକୁ ଏହି ମୃତ୍ୟୁଫାଶରୁ ବଞ୍ଚାଇବା ପାଇଁ ସଚେତନତା ସୃଷ୍ଟି କରିବା। ଏକ ସୁନ୍ଦର, ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ଆମର ଏକତ୍ରିତ ପ୍ରତିଶ୍ରୁତି ହିଁ ଆମକୁ ଠିକ୍ ବାଟ ଦେଖାଇବ। ଯଦ୍ୱାରା ପ୍ରତ୍ୟେକ ପରିବାରରେ ପୁଣିଥରେ ହସର ଲହରୀ ଖେଳିଉଠିବ ଏବଂ ଏକ ମଜବୁତ୍ ଓ ସୁନ୍ଦର ଭବିଷ୍ୟତର ନିର୍ମାଣ ହୋଇପାରିବ।

ଘୁ.ଉଦୟଗିରି(କନ୍ଧମାଳ)
ମୋ: ୭୬୫୬୦୫୮ ୯୫୨

## ଖାଲି ପାଦରେ ଚାଲି

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ସମୟ ଥିଲା ଯେତେବେଳେ ଅଧିକାଂଶ ଲୋକ ଖାଲିପାଦରେ ଚାଲୁଥିଲେ। ବିଶେଷକରି, ଗ୍ରାମାଞ୍ଚଳମାନଙ୍କରେ ଯୋତା ବା ଚପଲର ବ୍ୟବହାର ପ୍ରାୟତଃ ନଥିଲା। ଏବେ ମଧ୍ୟ ଅଧିକାଂଶ ପରିବାରରେ ଘର ଭିତରେ ଚପଲ ପିନ୍ଧିବାରେ ବାରଣ ରହିଛି। ବୈଜ୍ଞାନିକମାନଙ୍କ ମତରେ ଏହା ଅନେକ ସୁଫଳ ଅଛି।

ଖାଲିପାଦରେ ଚାଲିବା ଆମ ପାଦକୁ ଶକ୍ତ କରେ। ଚାଲିବା ସମୟରେ ଅଧିକ ଭାରସାମ୍ୟ ରକ୍ଷା କରେ। ଗଣ୍ଠି ଉପରେ ଚାପ ହ୍ରାସ କରେ। କାରଣ ଯୋତା ନ ପିନ୍ଧିବା ପାଦକୁ ପ୍ରାକୃତିକ ଭାବେ ପରିବେଶ ସହିତ ପାରସ୍ପରିକ କ୍ରିୟା କରିବାକୁ ଦିଏ। ଯାହାକି କମ ବ୍ୟବହୃତ ମାଂସପେଶୀ ଏବଂ ସଂବେଦନ ଗ୍ରାହକ(ସେନ୍‌ସରି ରିସିପ୍‌ଟର)ମାନଙ୍କୁ ସକ୍ରିୟ କରେ। ମୋଟାମୋଟି ଭାବେ ଏହାର ଶାରୀରିକ, ମାନସିକ ଓ ସ୍ନାୟୁବ୍ୟବସ୍ଥା ଉପରେ ଅନେକ ଉପାଦେୟ ପ୍ରଭାବ ରହିଛି।

**ଶାରୀରିକ ପ୍ରଭାବ:** - (କ) ଯୋତା ପିନ୍ଧିବା ପାଦର ଚାଳନାକୁ ସୀମିତ କରେ। ଅନ୍ୟପକ୍ଷରେ ଖାଲି ପାଦରେ ଚାଲି ମାଂସପଶୀଗୁଡ଼ିକୁ ସକ୍ରିୟ ସ୍ନାୟୁରଜ୍ଜୁକ(ଲିଗାମେଣ୍ଟ)ଗୁଡ଼ିକୁ ଦୃଢ଼ କରେ ଏବଂ ପାଦର ବକ୍ରଭାଗକୁ ଶକ୍ତ କରେ। (ଖ) ପାଦର ଗୋଇଠିରେ ରହିଛି ହଜାର ହଜାର ସ୍ନାୟୁର ଶେଷାଂଶ। ତାହା ଖୋଲା ରହିଲେ ମସ୍ତିଷ୍କକୁ ଉନ୍ନତ ସ୍ପର୍ଶଯୋଗ୍ୟ ତଥ୍ୟ ଯୋଗାଏ। ଯାହାକି ସ୍ଥାନଟିର ଆକରପ୍ରକାର ସଂପର୍କରେ ସଚେତନତା ବଢ଼ାଏ ଏବଂ ବୟସ ସଂଗେ ସଂଗେ ଏ ଅନୁଭୂତି ହ୍ରାସ ପାଇବା ପ୍ରକ୍ରିୟାର ପ୍ରତିରୋଧ କରେ। (ଗ) ଆଣ୍ଠୁର ସାମଗ୍ରିକ ସ୍ୱାସ୍ଥ୍ୟ ତଥା ଆଣ୍ଠୁବାତ ଭଳି ଅବସ୍ଥା ପାଇଁ ଖାଲିପାଦରେ ଚାଲିବା ଉପାଦେୟ। ଏହା ପ୍ରାକୃତିକ ଝଟକା ସହ୍ୟ କରିବାକୁ ସହଜ କରି ନିମ୍ନ ଶେଷାଂଶ ଗଣ୍ଠିମାନଙ୍କ ଉପରେ ଭାର କମ କରେ। (ଘ) ଯୋତା ନ ପିନ୍ଧିବା ପାଦକୁ ଖୋଲି ହୋଇ ରହିବାକୁ ଦିଏ। ଫଳରେ ଆଂଗୁଠିଗୁଡ଼ିକ ବଙ୍କା ହୁଏ ନାହିଁ।

**ମାନସିକ ଓ ସ୍ନାୟୁବିକ ପ୍ରଭାବ:** - (କ) ଖାଲିପାଦରେ ଚାଲିବା ଫଳରେ ମାନସିକ ଚାପ ଏବଂ ଦୁଶ୍ଚିନ୍ତା କମ ହୁଏ। କାରଣ ପାଦର ଚର୍ମ ଘାସ, ମାଟି କିମ୍ବା ବାଲି ଭଳି ପ୍ରାକୃତିକ ଭୂପୃଷ୍ଠ ସ୍ପର୍ଶ କଲେ 'ପ୍ରାଥମିକ ଚାପ ହରମୋନ' ବୋଲି କୁହାଯାଉଥିବା କୋର୍ଟିସଲର କ୍ଷରଣ ହ୍ରାସ ପାଏ। (ଖ) ପିଲାମାନଙ୍କଠାରେ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ଖୋଲାପାଦରେ ଚାଲିଲେ ମସ୍ତିଷ୍କର 'ସେନସରି କୋରଟେକସ', ଥାଲାମସ୍ ଓ ସେରେବେଲମ ଅଂଶର ସ୍ନାୟୁଗୁଡ଼ିକ ସକ୍ରିୟ ହୁଏ। ଫଳରେ ମସ୍ତିଷ୍କ ମଧ୍ୟକୁ ରକ୍ତପ୍ରବାହ ବୃଦ୍ଧି ପାଏ ଏବଂ ସାମଗ୍ରିକ ଭାବେ ବୌଦ୍ଧିକ ସଚେତନତାର ବିକାଶ ଘଟେ। (ଗ) ଭୂମି ସହିତ ପାଦର ସଂଯୋଗ ଆମ ଆଭ୍ୟନ୍ତରୀଣ ଜୈବିକ ଛନ୍ଦକୁ ସୁସ୍ଥିର ଓ ନିୟମିତ କରେ। ଫଳରେ ଠିକ୍ ସମୟରେ ଭଲ ନିଦ ହୁଏ ଏବଂ କ୍ଳାନ୍ତି ଦୂର ହୁଏ। (ଘ) ଭୂମି ଉପରେ ଖାଲି ପାଦରେ ଚାଲିବା ମନ ଓ ଦେହର ସଂପର୍କ ଅଧିକ ମାତ୍ରାରେ ବୃଦ୍ଧି କରେ। ଏହା ମାନସିକ ଚାପ ହ୍ରାସକାରୀ ହରମୋନ ଏଣ୍ଡରଫିନସ ର କ୍ଷରଣ ଘଟାଏ। ଏଣୁ ମନ ହାଲୁକା ଓ ପ୍ରଫୁଲ୍ଲ ରହେ।

**ସାବଧାନତା:** - (କ) ପ୍ରଥମେ ଘର ଭିତରେ ବା ଆଗଣାରେ ବାଲି, ଘାସ ଆଦି ଭଳି ନରମ ପୃଷ୍ଠଭୂମିରେ ଦିନକୁ ୧୫/୨୦ ମିନିଟ ଖାଲିପାଦରେ ଚାଲିବା ଅଭ୍ୟାସ ଆରମ୍ଭ କରିବା ଦରକାର। (ଖ) ପାଦ କିପରି ଭୂମିକୁ ସ୍ପର୍ଶ କରୁଛି ଦେଖ। ଏହା ପାଦ ଠାରୁ ଗୋଇଠି ପର୍ଯ୍ୟନ୍ତ ହେବା ଉଚିତ। ତେବେ ତାହା କଠୋର ଭାବେ ନୁହେଁ, ଧୀରଭାବେ। ପାଦକୁ ଭୂମିରେ କଚାଡ଼ି କଚାଡ଼ି ଚାଲିବା ଠିକ ନୁହେଁ। (ଗ) ଉତ୍ତପ୍ତ ପିଚୁ ବା ଢଳେଇ ଅତ୍ୟଧିକ ଥଣ୍ଡା କଂକ୍ରିଟ, କଠିନ କିମ୍ବା ତୀକ୍ଷ୍ଣ ପଦାର୍ଥ ଥିବା ଆବର୍ଜନା ଆଦି ଉପରେ ଚାଲିବାକୁ ଏଡ଼ାଇ ଯିବା ଭଲ। (ଘ) ଶରୀରର ମାଂସପେଶୀର ସକ୍ରିୟକରଣର ଲକ୍ଷଣ ହେଲା ତାହା ହାଲିଆ ଲାଗିବା କିମ୍ବା ଝିମିଝିମ ହେବା। ଏହା ହେଲେ କିଛିସମୟ ବିଶ୍ରାମ ନେବା ଦରକାର। କିନ୍ତୁ ଯଦି ଗଣ୍ଠି ବା ସ୍ନାୟୁରଜ୍ଜୁକରେ ଯନ୍ତ୍ରଣା ହେଲା, ଖାଲିପାଦରେ ଚାଲି କମ କରି ଦେବା କିମ୍ବା ବନ୍ଦ କରିଦେବା ଉଚିତ। (ଚ) ମଧୁମେହ ରୋଗୀ ହୋଇଥିଲେ କିମ୍ବା ପାଦରେ କିଛି କ୍ଷତ ଥିଲେ ଏଥିପାଇଁ ବିଶେଷ ସାବଧାନତା ଲୋଡ଼ା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମୟୂରଭଞ୍ଜର ସାନ୍ତାଳୀ ପୁଅ ଶ୍ୟାମଙ୍କ ଇସ୍ରୋ ଯାତ୍ରା

ବାରିପଦା, ୩୧।୮(ସମିସ): ମୟୂରଭଞ୍ଜ ଜିଲ୍ଲାର ବହଳଦା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଶ୍ୟାମଚରଣ ଟୁଡୁ ଆଜି ସମଗ୍ର ରାଜ୍ୟ ପାଇଁ ଗୌରବର ପ୍ରତୀକ ହୋଇଛନ୍ତି। ସୀମିତ ସୁବିଧା ଭିତରେ ବଢ଼ିଥିବା ଏହି ସାନ୍ତାଳୀ ପୁଅ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ଆୟୋଜିତ ଜାତୀୟସ୍ତରୀୟ 'ୟୁଭିକା-୨୦୨୬' କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥ ସତୀଶ ଧୱନ ମହାକାଶ କେନ୍ଦ୍ର (ଏସଡିଏସସି)ରେ ପହଞ୍ଚିଛନ୍ତି। ବହଳଦା ମାଟିରୁ ଶ୍ରୀହରିକୋଟାର ଲଞ୍ଚପ୍ୟାଡ୍ ପର୍ଯ୍ୟନ୍ତ ଶ୍ୟାମଙ୍କ ଯାତ୍ରା କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ, ଏହା ସୁଯୋଗ ମିଳିଲେ ସ୍ୱପ୍ନର କୌଣସି ସୀମା ନ ଥାଏ ବୋଲି ପ୍ରମାଣ କରିଛି। ପ୍ରଥମଥର ଘରଠାରୁ ଏତେ ଦୂର ଓ ଅନ୍ୟ ରାଜ୍ୟକୁ ଯିବାର ଭୟ ଥିଲେ ମଧ୍ୟ ବହଳଦା



ମାଟିର ପୁଅ ଶ୍ୟାମ ସାହସ ଦେଖାଇଛନ୍ତି। ଆମ ସାନ୍ତାଳି ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କ ପାଇଁ ଏଠାରେ ପହଞ୍ଚିବା କଷ୍ଟସାଧ୍ୟ। କିନ୍ତୁ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦରେ ମୁଁ ଇସ୍ରୋ ବୁଲିବାର ଗୌରବ ହାସଲ କରିଛି ବୋଲି ଶ୍ୟାମ କହିଛନ୍ତି। ୧୦ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଶ୍ୟାମ ସାଟେଲାଇଟ୍ ନିୟନ୍ତ୍ରଣ, ଗ୍ରାଉଣ୍ଡ ସେଣ୍ଟର, ରକେଟ୍ ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ଶିଖିଛନ୍ତି। ମିଶନ କଣ୍ଟ୍ରୋଲ ରୁମ୍, ଲଞ୍ଚ ପ୍ୟାଡ୍-୧ ଓ ୨ ଦେଖିବାର ସୁଯୋଗ ମଧ୍ୟ ମିଳିଛି। ଶ୍ରେଣୀ ଗୃହରେ ପାଠ ପଢ଼ିବା ଓ ନିଜ ଆଖିରେ ଦେଖିବା ଭିତରେ ବହୁତ ତଫାତ ରହିଛି ବୋଲି ସେ କହିଛନ୍ତି। ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଓଡ଼ିଶାରୁ ୧୪ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶ୍ୟାମଙ୍କ ଏହି ଯାତ୍ରା ଅସଂଖ୍ୟ ଗ୍ରାମୀଣ ପିଲାଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି।

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, I, Jashoda Bissoyi, W/o Gopalbandhu Bissoyi, resident of Village-Mentri, P.O.-Mentri, P.S.-Tentulikhunti, Dist. Nabarangpur-764070, declare that my minor daughter name has been changed from PUJA BISHOI to PUJARANI BISSOYI. Henceforth, she shall be known as **PUJARANI BISSOYI** for all purposes.

Sd/- Jashoda Bissoyi

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1117, dated 20-08-2026, I, GAJAMATI MALI, W/o - Matising Mali, permanent resident of Village - Sargiguda, PO - Madeigam, PS - Kodinga, Dist - Nabarangpur, Odisha, Pin - 764058, declare that I have changed the name of my Son from HAMO MALI to OMM MALI. Henceforth, he shall be known as **OMM MALI** for all purposes.

Sd/- Gajamati Mali

**AFFIDAVIT**

By virtue of an affidavit sworn before the Notary public, Angul vide No.277 dated 29.08.2026, I, Akshaya Kumar Samant, S/o Late Chandra Sekhar Samant, Resident of Amlapada 6th Lane, Angul, PIN-759122, declare that **Akhaya Kumar Samant** and **Akshaya Kumar Samant** both are one and same person. Henceforth, I shall be known as **AKSHAYA KUMAR SAMANT** for all future purposes.

**AFFIDAVIT**

I, **Sri GANESH NAIK**, S/o- Late Krupasindhu Naik residing at Jagat Janani Line, Po./Ps.-Jeypore, Dist.- Koraput, Pin-764001, Odisha state that, I Sri Ganesh Naik being single and un- married have voluntarily decided to adopt **Sri Krupasindhu Naik** as my son out of my own free will and with the consent of his biological parents vide adoption deed being executed before the DSR, Koraput at Jeypore, bearing document No.-41172302598/ 2023 in book no.4, Volume 54 Dated 02.11.2023.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no-1157, dated 31.08.2026, I, MANAHAR PENTHIA, Son of - Ratan Penthia, permanent resident of Village - Dhaudapala, PO - Sasahandi, PS - Kotpada, Dist - Koraput, Odisha, Pin - 764056, declare that I have changed my name from MANAHAR PENTIA to MANAHAR PENTHIA. Henceforth, I shall be known as **MANAHAR PENTHIA** for all purposes.

Sd/- Manahar Penthia

**AFFIDAVIT**

By Virtue of an Affidavit Sworn Before The Executive Magistrate Anugola vide Affidavit No.: 6534 on Dated 31.08.2026 I, **Lili Mohalik**, W/o.: Sudam Mahalik, Permanent/Currently Residing At: Kumanda, PO: Kumanda, PS: Anugola Sadar, Dist.: Anugola, Odisha-759127, declare that I have changed my name from Liki Burgi to Lili Mohalik. Liki Burgi and Lili Mohalik is one and same person. Henceforth I shall be known as **Lili Mohalik** for all purposes.

### ୟୁନିଭର୍ସିଟି ଟାଉନସିପ୍ ପ୍ରୋଜେକ୍ଟରେ ପଶ୍ଚିମ ଓଡ଼ିଶା ତଥା ଦକ୍ଷିଣ ଓଡ଼ିଶାର କୌଣସି ସହରର ନାମ ନାହିଁ

## ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ପ୍ରତିଫଳନ: ରୋହିତ ପୂଜାରୀ

ସମ୍ବଲପୁର, ୩୧।୮(ସମିସ) : ପ୍ରସ୍ତାବିତ ୟୁନିଭର୍ସିଟି ଟାଉନସିପ୍ ପ୍ରୋଜେକ୍ଟ ପାଇଁ ପ୍ରାରମ୍ଭିକ ଭାବେ ଆଲୋଚନା ହୋଇଥିବା ସ୍ଥାନ ଗୁଡ଼ିକରେ ପଶ୍ଚିମ ଓଡ଼ିଶା ତଥା ଦକ୍ଷିଣ ଓଡ଼ିଶାର ସହରଗୁଡ଼ିକୁ ସ୍ଥାନ ନମିଳିବାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜୁ ଜନତା ଦଳ ସଭାପତି ଇଂ ରୋହିତ ପୂଜାରୀ ଉଦବେଗ ପ୍ରକାଶ କରିଛନ୍ତି। ଓଡ଼ିଶା ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ପ୍ରାରମ୍ଭିକ ପ୍ରସ୍ତାବରେ ପଶ୍ଚିମ ଓଡ଼ିଶାର କୌଣସି ସହର କିମ୍ବା ଜିଲ୍ଲାର ନାମ କାହିଁକି ଆସିଲା ନାହିଁ? ସେହିପରି ଦକ୍ଷିଣ ଓଡ଼ିଶାକୁ ମଧ୍ୟ ଏଥିରେ ସ୍ଥାନ ନମିଳିବା ଦୁର୍ଭାଗ୍ୟଜନକ ବୋଲି ଇଂ. ପୂଜାରୀ କହିଛନ୍ତି। ପଶ୍ଚିମ ଓଡ଼ିଶା ପ୍ରତି ସବୁବେଳେ ଅବହେଳା ଓ ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ଭଳି ଅନୁଭବ ହେଉଛି। ଦୀର୍ଘଦିନ ଧରି ଏହି ଅଞ୍ଚଳର ଲୋକେ ନିଜର ନ୍ୟାୟସଙ୍ଗତ ଦାବି ଉଠାଇ ଆସୁଥିଲେ ମଧ୍ୟ ଅନେକ ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ହାଇକୋର୍ଟ ବେଞ୍ଚ, ଏମ୍ସ, ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା, ଡବ୍ଲୁଓଡିସି କାର୍ଯ୍ୟାଳୟର ପଶ୍ଚିମ ଓଡ଼ିଶାକୁ ସ୍ଥାନାନତରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ସହ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରସଙ୍ଗରେ ପଶ୍ଚିମ ଓଡ଼ିଶାକୁ ବାରମ୍ବାର ଅଣଦେଖା କରାଯାଉଛି। ଏବେ ୟୁନିଭର୍ସିଟି ଟାଉନସିପ୍ ପ୍ରୋଜେକ୍ଟ ଭଳି ଏକ ମହତ୍ୱାକାଂକ୍ଷୀ ପ୍ରକଳ୍ପର ପ୍ରାରମ୍ଭିକ ପ୍ରସ୍ତାବରେ ମଧ୍ୟ ପଶ୍ଚିମ ଓଡ଼ିଶାର କୌଣସି ସହରର ନାମ ନଆସିବା ଏହି ବୈମାତୃକ ମନୋଭାବକୁ ପୁଣିଥରେ ପ୍ରଶ୍ନବାଚୀ କରିଛି।

ଇଂ. ପୂଜାରୀ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଅନେକ ସହରରେ ଏପରି ଏକ ବଡ଼ ଶିକ୍ଷାଗତ ପ୍ରକଳ୍ପ ସ୍ଥାପନ ପାଇଁ ଯଥେଷ୍ଟ ସମ୍ଭାବନା ରହିଛି। ସମ୍ବଲପୁର, ବଲାଙ୍ଗିର, ରାଉରକେଲା ଏବଂ ଭବାନୀପାଟଣା ଭଳି ସହରଗୁଡ଼ିକରେ ଏହି ପ୍ରକଳ୍ପ ହୋଇପାରିବ। ପ୍ରତ୍ୟେକ ସହରର ନିଜସ୍ୱ ସାମର୍ଥ୍ୟ ରହିଛି। ଚୂଡ଼ାନ୍ତ ନିଷ୍ପତ୍ତି ପୂର୍ବରୁ ସରକାର ସମସ୍ତ ସମ୍ଭାବ୍ୟ ସ୍ଥାନର ନିରପେକ୍ଷ ମୂଲ୍ୟାୟନ କରିବା ଉଚିତ। ସମ୍ବଲପୁର ସମ୍ପର୍କରେ ସେ କହିଛନ୍ତି ଯେ, ବୁର୍ଲା-ଧନକଉଡା ଅଞ୍ଚଳ ପୂର୍ବରୁ ଏକ ସୁଦୃଢ଼ ଶିକ୍ଷାଗତ ପରିବେଶ ସୃଷ୍ଟି କରିଛି। ବୁର୍ଲା ଦୀର୍ଘଦିନ ଧରି ଏକ ଏଜୁକେଶନାଲ ହବ୍ ଭାବେ ପରିଚିତ। ସମ୍ବଲପୁର ଅଞ୍ଚଳରେ ୟୁନିଭର୍ସିଟି ଟାଉନସିପ୍ ପ୍ରୋଜେକ୍ଟ ସ୍ଥାପନ ହେଲେ ଉଚ୍ଚଶିକ୍ଷା, ଗବେଷଣା, ନବୋନ୍ମେଷ, ଦକ୍ଷତା ବିକାଶ ଓ ନିଯୁକ୍ତି କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ଯୁବପିଢ଼ି ନୂତନ ସୁଯୋଗ ପାଇପାରିବେ। ସେ କହିଛନ୍ତି ଯେ ପ୍ରକଳ୍ପ ପାଇଁ ସ୍ଥାନ ଚୟନରେ ସମସ୍ତ ଅଞ୍ଚଳକୁ ସମାନ ସୁଯୋଗ ମିଳିବା ଦରକାର। ଓଡ଼ିଶାର ବିକାଶ ପ୍ରତ୍ୟେକ ଅଞ୍ଚଳର ବିକାଶ ସହିତ ଜଡ଼ିତ। ତେଣୁ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ସମ୍ଭାବନାକୁ ଗୁରୁତ୍ୱର ସହ ବିଚାର କରନ୍ତୁ ଏବଂ ସରକାରୀ ଦଳର ସାଂସଦ ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଏହି ଦାବି ଉଠାଇଛନ୍ତି ବୋଲି ଇଂ. ପୂଜାରୀ କହିଛନ୍ତି।

## ବେଗୁନିଆ ବିଧାୟକଙ୍କ ପିତୃ ବିୟୋଗ

ବେଗୁନିଆ, ୩୧।୮(ସମିସ): ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଦୀପ କୁମାର ସାହୁଙ୍କ ପିତା ତଥା ବିଶିଷ୍ଟ ବ୍ୟବସାୟୀ ଲକ୍ଷ୍ମୀଧର ସାହୁଙ୍କ ସୋମବାର ପୂର୍ବାହ୍ନରେ

● ସମବେଦନା ଜଣାଇଲେ ନବୀନ ପଟ୍ଟନାୟକ



ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଥିଲା। ଏହି ଦୁଃଖଦ ଖବର ପାଇ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ବେଗୁନିଆ-ବୋଲଗଡ଼ ବ୍ଲକର ବହୁ ନିର୍ବାଚିତ ଜନପ୍ରତିନିଧି, ବରିଷ୍ଠ ନେତା ଓ ଶୁଭେଚ୍ଛୁ ସାରୁଅସ୍ଥିତ ବାସଭବନରେ ପହଁଚି ଶେଷ ଦର୍ଶନ କରିଥିଲେ। ଖବର ପାଇ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ବିଧାୟକ ଅରୁଣ ସାହୁ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ବିଜେଡି ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ, ବିଧାୟକ ବିଭୁତି ବଳବନ୍ତରାୟ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ଭୁବନେଶ୍ୱରସ୍ଥିତ ବାସଭବନରେ ପହଁଚି ଶେଷ ଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ, ଦୁଇ ଝିଅଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରେ ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ପୈତୃକ ଗ୍ରାମ ସାରୁଅକୁ ଅଣାଯାଇଥିଲା। ସେଠାରେ ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଓ ବହୁ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ସାରୁଅ ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ପୁଅ ପ୍ରଦୀପ ଓ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ।

**ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡା**

(୧) ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
(୨) ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହାନ ଗାଡିରେ ଦିଅନ୍ତୁ।
(୩) ବାହ୍ୟ ମଳ ତ୍ୟାଗ କରନ୍ତୁ ନାହିଁ।
(୪) ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ।
(୫) ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ।
(୬) ଆପଣମାନଙ୍କଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍କୃଷ୍ଟମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି ଏହାର ଉପଯୋଗ କରନ୍ତୁ।
(୭) ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇନିଅନ୍ତୁ।
(୮) ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ।
(୯) ବର୍ଷା ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷ ରୋପଣ କରନ୍ତୁ।
(୧୦)ବ୍ୟବସାୟୀ ମାନେ ନିଜ ନିଜର ବ୍ୟବସାୟ ପାଇଁ ଟ୍ରେଡ ଲାଇସେନ୍ସ କରାଇନିଅନ୍ତୁ।
(୧୧) ବିଭିନ୍ନ ଟିକସ ଯଥା- Holding Tax, User Fee, Trade Licence ଠିକ ସମୟରେ ପଇଠ କରନ୍ତୁ।
(୧୨)ରାସ୍ତା ପାର୍ଶ୍ୱରେ ଯାନ ବାହାନ ରଖନ୍ତୁ ନାହିଁ।
(୧୩) ସ୍ୱଚ୍ଛ ବାଲିଗୁଡା ଓ ସୁସ୍ଥ ବାଲିଗୁଡା ଗଠନରେ ସହାୟକ ହୁଅନ୍ତୁ।

ସ୍ୱା / ଶ୍ରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନ / ଅଧକ୍ଷ
ସ୍ୱା / ଶ୍ରୀମତୀ ଶାନ୍ତି କୁମାରୀ ନାୟକ / ଉପାଧକ୍ଷା
ସ୍ୱା / ଶ୍ରୀଯୁକ୍ତ ବିବେକାନନ୍ଦ ଦଲାଇ / କାର୍ଯ୍ୟ ନିର୍ବାହୀ ଅଧିକାରୀ

**ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର**

ନିଖିଳ ଭାରତ ସ୍ୱାୟତ ଶାସନ ଦିବସ -୨୦୨୬ ଉପଲକ୍ଷେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବରେ ଗଢିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ।

୧. ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
୨. ଭାରତର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ନିୟମ- ୨୦୨୬ କୁ ସମ୍ମାନର ସହ ପାଳନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି।
୩. ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ।
୪. ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ।
୫. ଗୃହପାଳିତ ପଶୁ ମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ।
୬. ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟ ପାଇଁ Trade License କରାଇ ନିଅନ୍ତୁ।
୭. ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଟିକସ ଯଥା –HoldingTax,User Fee ଠିକ ସମୟରେ ପଇଠ କରନ୍ତୁ।
୮. ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ।ଗୃହ କାର୍ଯ୍ୟ ସମୟରେ ବାଲି,ଇଟା ଗୋଡି ଗଦାନ୍ତୁ ନାହିଁ କି ରାସ୍ତାର ସୌନ୍ଦର୍ଯ୍ୟ ନଷ୍ଟ କରନ୍ତୁ ନାହିଁ।
୯. ସହରରେ ରହୁଥିବା ସମସ୍ତ ଉଠାଦୋକାନୀ ମାନଙ୍କୁ ସରକାରଙ୍କ PMSVANIDHI ଯୋଜନାରେ ଋଣ ସହାୟତା ଏବଂ ଆର୍ଥିକ ଅନଗ୍ରସର ଓ ଗରିବ ପରିବାରଗୁଡ଼ିକୁ ସହଯୋଗ ଯୋଜନାରେ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ କରାଯାଉଛି।
୧୦. ସ୍ୱଚ୍ଛ ରଣପୁର ଓ ସୁସ୍ଥ ରଣପୁର ଗଠନରେ ସହାୟକ ହୁଅନ୍ତୁ।

ଶ୍ରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର / ନିର୍ବାହୀ ଅଧିକାରୀ / ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର / ଓ / ସମସ୍ତ କର୍ମଚାରୀ ବୃନ୍ଦ
ଶ୍ରୀମତୀ ରଙ୍ଗୀନ ମହାନ୍ତି / ଅଧକ୍ଷା / ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର / ଓ / ସମସ୍ତ ପରିଷଦ ବର୍ଗ

## ହୀରାକୁଦ ଜଳସ୍ତର ୬୨୪.୮୩ ଫୁଟ୍, ୮ ଗେଟ୍ ଖୋଲା

ସମ୍ବଲପୁର, ୩୧।୮ (ସମିସ): ହୀରାକୁଦ ଜଳସ୍ତର କ୍ରମାଗତ ଭାବେ ୬୨୪ ଫୁଟ୍ ଉପରେ ରହିଥିବାବେଳେ ଗତକାଲି ଆଉ ୩ଟି ଗେଟ୍ ଖୋଲାଯାଇଛି। ସମ୍ପ୍ରତି ନଦୀବନ୍ଧର ୮ଟି ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୮୩ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଏବଂ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୬୨,୮୯୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୮,୩୦୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨୦୦୪ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୯,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୫୬,୮୨୯ କ୍ୟୁସେକ୍, ଖଇରମାଳଠାରେ ୨,୪୧,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୭୭,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୦୯,୫୩୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୭.୬୫ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୯.୯୬ ମିମି ବର୍ଷା ରେକର୍ଡ କରାଯାଇଛି।

**ପୌର ପରିଷଦ କାର୍ଯ୍ୟାଳୟ, ଫୁଲବାଣୀ**

ଫୁଲବାଣୀ ପୌର ପରିଷଦ ପ୍ରଗତିପଥେ ଆଗକୁ ବଢେଇ ନେବା ପାଇଁ , ଆପଣମାନଙ୍କୁ ଅନୁରୋଧ କରାଯାଉଅଛି ଯେ , ଆପଣ ମାନେ

- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ।
- ରାସ୍ତା କଡ଼ର ନାଳ ଉପରେ ଉଠା ଦୋକାନ ବା କ୍ୟାବିନ ପକାଇ ଜବର ଦଖଲ କରନ୍ତୁ ନାହିଁ।
- ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡିରେ ଦିଅନ୍ତୁ।
- ରାସ୍ତା ଏବଂ ଡ୍ରେନ ଉପରେ ନିର୍ମାଣଧିନ ସାମଗ୍ରୀ ଯଥା ବାଲି, ଗୁଡ଼ି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ।
- ଗାଈ ଗୋରୁ ଓ ଅନ୍ୟ ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡି ନିଜ ହେପାଯତରେ ରଖନ୍ତୁ।
- ଫୁଲବାଣୀ ପୌରପରିଷଦ ଦ୍ୱାରା ନିର୍ଦ୍ଧାରିତ ଟିକସ ସଠିକ ସମୟରେ ପଇଠ କରନ୍ତୁ।
- ସର୍ବସାଧାରଣ ରାସ୍ତା ଉପରେ କୌଣସି ସାର୍ବଜନୀନ ସ୍ଥାନରେ ବିନା ଅନୁମତିରେ ଖାଲ କରିବା କିମ୍ବା ତୋରଣ ନିର୍ମାଣ କାମରୁ ନିବୃତ ରୁହନ୍ତୁ।
- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦ ବିଧିବଦ୍ଧ ଅନୁମତି ନିଅନ୍ତୁ।
- ପ୍ରତେକ ଶନିବାର ଦିନ ଘରୁ ବାହାରୁ ଥିବା ଇଲେକଟ୍ରିକ ବର୍ଜ୍ୟବସ୍ତୁ ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ଗାଡି ମାନଙ୍କରେ ଦିଅନ୍ତୁ।
- ଫୁଲବାଣୀ ପୌରପରିଷଦରେ ଫେକାଲ୍ ସ୍ଲେଜ୍ ମ୍ୟାନେଜମେଣ୍ଟର ଅପରେସନ୍ ମଡେଲ୍ ନିର୍ମାଣ ହୋଇଅଛି, ଯେଉଁଠି ସହରର ପରିମଳ ସଂଗ୍ରହ ହେବା ସେବା ସହ ପରିମଳକୁ ଖତ ରୂପେ ପରିବର୍ତନ କରାଯାଉଅଛି।
- ଘରେ ରହି ପୌର ପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ ସମ୍ପତ୍ତି କର, ଜଳ ଏବଂ ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇବା ପାଇଁ https://sujog.odisha.gov.in/ ୱେବ ସାଇଟ ଯାଇ ସେବା ନିଅନ୍ତୁ।

ଶ୍ରୀ ସମରେଶ ମହାନ୍ତି / ନିର୍ବାହୀ ଅଧିକାରୀ , / ଫୁଲବାଣୀ ପୌରପରିଷଦ
ସମସ୍ତ ପାରିଷଦ ବୃନ୍ଦ, / ଫୁଲବାଣୀ ପୌରପରିଷଦ
ଶ୍ରୀମତୀ ପାୟେଲ ବେହେରା / ଅଧକ୍ଷା, / ଫୁଲବାଣୀ ପୌରପରିଷଦ

**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
13001/1712/2627
**OFFICE OF THE MUNICIPAL COUNCIL: JAYAPUR**
Phone No. : 06854-231098, e-Mail: ulbjeypore@gmail.com

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ଦ୍ୱିତୀୟ ଦୈନିକ ବଜାର ଠାରେ ଦୋକାନ ସରଣୀରେ ଥିବା ନୂତନ ଦୋକାନ ଗୃହ ଗୁଡିକୁ ନିଲାମ ଜରିଆରେ ଆବଣ୍ଟନ କରାଯିବ। ଏଥିରେ ନିମ୍ନ ଆୟକାରୀ ବର୍ଗ, Ex-Service Man / Para Military / Army, ଶାରୀରିକ ବିକଳାଙ୍ଗ ଙ୍କ ପାଇଁ ସଂରକ୍ଷଣ ରହିଛି । ଖାଦ୍ୟ ସୁରକ୍ଷା ଆଇନ ପରିସରଭୁକ୍ତ ହିତାଧିକାରୀଙ୍କୁ ନିମ୍ନଆୟକାରୀ ବର୍ଗ ରୂପେ ବିବେଚନା କରାଯିବ । ନିଲାମ ଯୋଗେ ଆବଣ୍ଟନ ପ୍ରକ୍ରିୟା /ଦରଖାସ୍ତ ଯୋଗେ ଆବଣ୍ଟନ ପ୍ରକ୍ରିୟା ( ନିମ୍ନ ଆୟକାରୀ ବର୍ଗ /ଶାରୀରିକ ବିକଳାଙ୍ଗ ଏବଂ ଅନ୍ୟ ବର୍ଗଙ୍କ) ପାଇଁ ସର୍ତାବଳି ଆବେଦନ ପତ୍ରରେ ଏବଂ କାର୍ଯ୍ୟାଳୟ ଅଧିସୂଚନାରେ ବିଶଦ ଭାବରେ ଦର୍ଶାଯାଇଛି । ଇଚ୍ଛୁକ ବ୍ୟକ୍ତି ପରିଷଦ କାର୍ଯ୍ୟାଳୟରୁ ଆବେଦନ ଫର୍ମ ଏବଂ ସବିଶେଷ ତଥ୍ୟ ତା ୦୧.୦୯.୨୦୨୬ ରିଖଠାରୁ ତା ୦୯.୦୯.୨୦୨୬ ରିଖ ମଧ୍ୟରେ ପୌରକାର୍ଯ୍ୟାଳୟରୁ କ୍ରୟ କରିପାରିବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ, / ଜୟପୁର ପୌରପରିଷଦ
OIPR-13001/13079/1/26-27/0026

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଘୁ.ଉଦୟଗିରି**

ସ୍ୱାୟତ ଶାସନ ଦିବସ ଉପଲକ୍ଷେ ଘୁ. ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସକରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶରେ ଗଢ଼ିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ ।

୧. ସହରକୁ ପରିଷ୍କାର ପରିଛନ୍ନ ରଖନ୍ତୁ ।
୨. ପୌର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ ।
୩. ବିଭିନ୍ନ ଟିକସ ଯଥା ସମୟରେ ପୈଠକରି ରିହାତି ପାଇବାର ସୁଯୋଗ ନିଅନ୍ତୁ ।
୪. ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ ।
୫. ରାସ୍ତା ଓ ନାଳରେ ଅଳିଆ ଆବର୍ଜନା ନ ପକାଇ ଡ଼ଷ୍ଟବିନରେ ପକାନ୍ତୁ ।
୬. ପଲିଥିନ ବ୍ୟବହାର କରନ୍ତୁ ନାହିଁ ।
୭. ଗୃହ ନିର୍ମାଣ ସମୟରେ ଉପକରଣ ରାସ୍ତା ଉପରେ ଜମା କରନ୍ତୁ ନାହିଁ ।
୮. ବାହାରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରନ୍ତୁ ।
୯. ଗୃହପାଳିତ ପଶୁମାନଙ୍କୁ ବାହାରେ ଛାଡ଼ନ୍ତୁ ନାହିଁ ।
୧୦. ଓଦା ଓ ଶୁଖିଲା ବର୍ଜ୍ୟ ବସ୍ତୁକୁ ଭିନ୍ନ ଭିନ୍ନ ଡଷ୍ଟବିନରେ ପକାନ୍ତୁ ।
୧୧. ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁଯାୟୀ ଧାର୍ଯ୍ୟ ୟୁଜର୍ ଫିଜ୍ ପ୍ରଦାନ କରନ୍ତୁ ।

ଶ୍ରୀ ଆଶୁତୋଷ ଗୌରବ କର, (ଓ.ପ୍ର.ସେ-୧) / ନିର୍ବାହୀ ଅଧିକାରୀ
ଶ୍ରୀ ସନ୍ତୋଷ କୁମାର ବାଘ / ଉପାଧକ୍ଷ
କୁମାରୀ ଦେବସ୍ମିତା ଶତପଥୀ / ଅଧକ୍ଷା

34001/709/2627
E-mail: eekalahandi@gmail.com
FAX No. 06670-230512

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA**
**E-Procurement Notice**
*Bid Identification No. BC KLD-05/2026-2027*
No. 6774 Dated. 25.08.2026

| | | | |
|---|---|---|---|
| 1 | No. of the work: | : | 01 (One) Electrical works |
| 2 | Estimated cost: | : | Rs 28.18 Lakhs |
| 3 | Period of completion: | : | 03(Three) calendar Months |
| 4 | Date and time of availability of bid document in the portal: | : | 11.00 hrs of 03.09.2026 to 17.00 hrs of 10.09.2026 |
| 5 | Last date/Time for receipt of bid in the portal: | : | 17.00hour of 10.09.2026 |
| 6 | Name and address of the Officer Inviting Bid: | : | Superintending Engineer, Kalahandi (R&B) Division, Bhawanipatna |
| 7 | Opening of the Single Cover Bid | : | On 11.09.2026 at 11.00 AM in the Office of the Superintending Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer / Kalahandi (R&B) Division
OIPR-34001/34017/1/26-27/0005

**OFFICE OF THE POLASARA MUNICIPALITY, GANJAM**
13001/1714/2627 Email ID – nacpolasara72@gmail.com Ph. No. 06810 – 450451
Letter: 2604 Dt: 29.08.2026

**QUOTATION CALL NOTICE**

Sealed quotations are invited from the registered reputed agencies/firms for **supply and installation of decorative strip LED light** on main road street light divider electric pole at Polasara Municipality. The rate should be quoted inclusive of all taxes. **The E.M.D for Rs.10,000/- (Rupees Ten thousand only) which is refundable and non refundable of Tender Paper cost Rs.1000/- (One Thousand) only can be submitted by way of DD in favour of Executive officer, NAC Polasara payable at Polasara** separately. No other mode of payment will be entertained. The Estimated quotation along with all relevant documents should reach before the undersigned **through Regd. Post/ Speed Post** in presence of the quotationer or their authorized representatives who to remain present. The authority shall not be held responsible for missing or delay in receiving of quotation beyond specified period as per the critical dates in below. The authority reserves the right to reject any or all of the quotations without assigning any reason thereof.

**The Critical dates for the above Short Tender Call notice are as follows:**

| Sl No. | Particulars | Critical dates | Time |
|---|---|---|---|
| 1 | Tender Start date | 01.09.2026 | 10:00 AM onwards |
| 2 | Last date of submission of Quotation Documents through(speed post/Registered Post/Droping box) | 10.09.2026 | Up to 01:00 PM |
| 3 | Date of opening | 10.09.2026 | 04:00 PM |
| 4 | Date of agreement & Issue of work order | 10.09.2026 | Tentatively |

Executive Officer, / Polasara Municipality
OIPR-13001/13214/1/26-27/0005

**GOVERNMENT OF ODISHA** 25001/1053/2627
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
E - mail - eerw_kuchinda@yahoo.com

**Identification No Online Tender /08 / RWD, Kuchinda / 2026-27.**

| | | | |
|---|---|---|---|
| 1. | The Superintending Engineer Rural Works Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** Only for Building Works. | | |
| 2. | No. of work | : | 02 Nos. |
| 3. | Nature of Work | : | Building Works (Approach road) |
| 4. | Class of Contractor | : | "D" & "C" |
| 5. | Approx Value of Work | : | 16.80 & 16.81 Lakhs |
| 6. | Tender Cost | : | 6000 |
| 7. | Availability of Bid Documents in the Website | : | **05.09.2026 at 11. A.M to 18.09.2026 at 5.00 P.M** |
| 8. | Last date & time for seeking clarification | : | **17.09.2026 at 5.00 P.M** |
| 9. | Date of Opening of Bid | : | **19.09.2026 at 11.00 A.M** |
| 10. | Other details can be Seen in the Bidding documents from the website : https://tendersodisha.gov.in | | |

Superintending Engineer / Rural Works Division, / Kuchinda
OIPR-25001/25151/1/26-27/0011

**OFFICE OF THE CHIEF CONSTRUCTION ENGINEER KATAKA (R&B) CIRCLE, KATAKA**
Email ID – sectcrb_2006@yahoo.co.in 34001/717/2627
Letter No. 4930 Date 28.08.2026

**REQUEST FOR PROPOSAL**
**RFP Identification No.: CCE.KTK-1/2026-27**

| | | | |
|---|---|---|---|
| 1. | The Chief Construction Engineer, Kataka(R&B) Circle invites proposal through online mode for the works, **"COMPREHENSIVE FACILITY MANAGEMENT SERVICES (CFMS) FOR ODISHA JUDICIAL ACADEMY, CUTTACK".** The tender document can be downloaded from the website: www.tendersodisha.gov.in | | |
| 2. | Nature of work | : | Operation and Maintenance Services |
| 3. | No. of work | : | 01 No. |
| 4. | Bid Cost. (Online) | : | ₹10,000/- (Each) |
| 5. | Availability of Bid Documents in the website | : | From dt.02.09.2026 to 17:00 Hours of dt.18.09.2026 in www.tendersodisha.gov.in (online mode only) |
| 6. | Date of Pre-Bid meeting | : | 11.09.2026 at 11:30 A.M. |
| 7. | Date of Opening of Bid | : | 19.09.2026 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. Any addendum / corrigendum / cancellation of tender can be seen in the said website only. | | |

Chief Construction Engineer / Kataka (R&B) Circle, Kataka
OIPR-34001/34012/1/26-27/0028

**OFFICE OF THE SUPERINTENDINGENGINEER DEBAGADA (R&B) DIVISION, DEBAGADA**
**INVITATIONS FOR BIDS (IFB)** 34001/720/2627
Letter No.3131 **Invitation for Bids** Dtd. 28.08.2026
**Bid Identification No. SE PWD DGR No. 06 of 2026-27**

1. The Superintending Engineer, Debagada (R&B) Division, Debagada, on behalf of Government of Odisha, invites percentage rate bids in Double cover system in **ONLINE MODE** only, for STMC Road Work as detailed below.

| | | | |
|---|---|---|---|
| 2. | **Nature of work** | : | **Road work** |
| 3. | **No. of works** | : | **Road 01 No.** |
| 4. | **Bid Cost.** | : | **Rs.10,000/-** |
| 5. | **Class of Contractor** | : | **"B" Class** |
| 6. | **Availability of Bid Documents in the website** | : | **From dt. 09.09.2026 to 17:00 hours of dt. 23.09.2026** |
| 7. | **Date of Opening of Technical Bid** | : | **Dt. 24.09.2026 at 11.30 AM.** |
| 8. | The Bidders have to participate in ONLINE bidding only. Further details can be seen from the website: **http://www.tendersorissa.gov.in**. Any addendum / corrigendum / cancellation of tender can also be seen in the said website only. | | |

Superintending Engineer / Debagada (R&B) Division
OIPR-34001/34061/1/26-27/0007

### ବର୍ଷା ଯୋଗୁଁ ମାଳିଗାଁ ଉଚ୍ଚ ପ୍ରାଥମିକ ସ୍କୁଲରେ ତାଲା

# ବିପଦସଂକୁଳ କୋଠାରେ ୧୧୦ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

**ଥୁଆମୂଳ ରାମପୁର, ୩୧।୮ (ସମିସ)**



କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମାଳିଗାଁ ପଞ୍ଚାୟତର ମାଳିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲଗାଣ ବର୍ଷା ଯୋଗୁଁ ଶିକ୍ଷାଦାନ ବ୍ୟାହତ ହୋଇଛି। ସୋମବାର ବିଦ୍ୟାଳୟରେ

## ଅଛନ୍ତି ମାତ୍ର ଜଣେ ଶିକ୍ଷକ

ତାଲା ପଡ଼ିଥିବା ଦେଖିବାକୁ ମିଳିଥିବା ବେଳେ, ବିଦ୍ୟାଳୟ କୋଠାର ଦୁର୍ବଳ ଅବସ୍ଥାକୁ ନେଇ ଚିନ୍ତାରେ ଅଛନ୍ତି ଅଭିଭାବକ ଓ ଗ୍ରାମବାସୀ। ବର୍ଷା ହେଲେ ବିଦ୍ୟାଳୟ ଛାତରୁ ପାଣି ଝରୁଛି। ପାଣି ଛାତ୍ରଛାତ୍ରୀଙ୍କ ଉପରେ ପଡ଼ି ସେମାନଙ୍କ ପୋଷାକ ଓଦା ହେବା ସହ ବହିପତ୍ର ମଧ ନଷ୍ଟ ହେଉଥିବା ଗ୍ରାମବାସୀ କହିଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୧୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ଦୁଇଟି ଶ୍ରେଣୀ ଓ ଜଣେ ଶିକ୍ଷକ ରହିଥିବା ଜଣାପଡ଼ିଛି। ଶିକ୍ଷକ ମଙ୍ଗଳ ତାଣ୍ଡି ଦାୟିତ୍ୱ ତୁଲାଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ନିୟମିତ ଶିକ୍ଷାଦାନରେ ମଧ ବାଧାସୃଷ୍ଟି ହେଉଛି। ଚଳିତବର୍ଷ ବିଦ୍ୟାଳୟରେ ଅତିରିକ୍ତ ଭାବେ ଶିଶୁ ବାଟିକା ସାମିଲ ହୋଇଛି। ଏହି ଛୋଟ ଛୋଟ ପିଲାଙ୍କ ପାଇଁ ଜଣେ ଶିଶୁ ସେବିକା ମଧ ନିଯୁକ୍ତ ହୋଇଛନ୍ତି। କିନ୍ତୁ ବିଦ୍ୟାଳୟ କୋଠାର ଦୁର୍ବଳ ଅବସ୍ଥା ଯୋଗୁଁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଆଶଙ୍କା ବଢ଼ିଛି। ବିଦ୍ୟାଳୟ କୋଠାର ମରାମତି ଓ ଆବଶ୍ୟକୀୟ ବ୍ୟବସ୍ଥା ପାଇଁ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ ଏଯାଏଁ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି।

# ଲାଞ୍ଜିଗଡ଼ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଲାଞ୍ଜିଗଡ଼, ୩୧।୮ (ସମିସ):** ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକଣ୍ଡା, ଉତ୍ତର ବନଖଣ୍ଡ ବନ ଅଧିକାରୀ ଆର୍ କଲେଇଭନନ, ଦକ୍ଷିଣ ବନଖଣ୍ଡ ବନ ଅଧିକାରୀ ପ୍ରଭାକର ବର୍ମା, ବ୍ଲକ ଅଧକ୍ଷା କମଳା ପାତ୍ର, ଉପାଧକ୍ଷ ସଞ୍ଜୀବ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀନେଶ କୁମାର କହଁର, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ଦୀପ କୁମାର ମାଝୀ, ବ୍ଲକ ମଙ୍ଗଳ ଅଧିକାରୀ ଶ୍ୟାମ ସୁନ୍ଦର ନାୟକ, ଯୋଗାଣ ଅଧିକାରୀ ଦିଲୀପ କୁମାର ନାୟକ, ବ୍ଲକ ଶିକ୍ଷାଧିକାରୀ ରକ୍ଷିଆ ମେହେର, ବିଶ୍ୱନାଥପୁର ବନ ଅଧିକାରୀ ନରୋତ୍ତମ ମାଝୀ, ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ଦଶମତ ମାଝୀ, ଏପିଓ ସଞ୍ଜିତ ପରିଡ଼ା ସମେତ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ବନ, ପୂର୍ତ୍ତ, ଜଳ, ଶିଶୁ ବିକାଶ, ବିଦ୍ୟୁତ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୪୬ ବ୍ୟକ୍ତିଗତ ଓ ୧୧ ସାମୁହିକ ସମେତ ୫୭ ଅଭିଯୋଗ ପଞ୍ଜିକୃତ ହୋଇଥିଲା।




# କେସିଙ୍ଗା ଏନ୍ଏସିରେ ସ୍ୱାୟତ୍ତଶାସନ ଦିବସ



**କେସିଙ୍ଗା, ୩୧।୮ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱାୟତ୍ତଶାସନ ଦିବସ ପାଳନ ହୋଇଯାଇଛି। ୮.୩୦ରେ ପରିଷଦ କାର୍ଯ୍ୟାଳୟରେ ନଗରପାଳ ପତାକା ଉତ୍ତୋଳନ କରିଥିଲେ ପରେ ପାରିଷଦ ବୃନ୍ଦ, ଏନ୍ଏସି କର୍ମଚାରୀ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ପାଇଁ ସହର ପରିକ୍ରମା କରାଯାଇଥିଲା। କେସିଙ୍ଗା ନଗରପାଳ ନୃପରାଜ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ଚିନ୍ମୟ ଆଚାର୍ଯ୍ୟ, ସମସ୍ତ ୱାର୍ଡ କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ; ୭୫୦୦ଟଙ୍କା ଜରିମାନା ଆଦାୟ

**ଧର୍ମଗଡ଼, ୩୧। ୮ (ସମିସ):** ଧର୍ମଗଡ଼ ଏନ୍ଏସି ଅଞ୍ଚଳରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଏକ ଯାଞ୍ଚ ଓ ଏନ୍ଫୋର୍ସମେଣ୍ଟ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ମୋଟ ୧୩ ଗୋଟି ଖାଦ୍ୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୭, ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଯାଞ୍ଚ ସମୟରେ ଖାଦ୍ୟ ଅନୁପଯୁକ୍ତ ପ୍ରାୟ ୧୮ କିଲୋଗ୍ରାମ ଖାଦ୍ୟ ସାମଗ୍ରୀ ଚିହ୍ନଟ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ଏଥିସହିତ ୦୩ଟି ଖାଦ୍ୟ ନମୁନା ଲାବୋରେଟୋରୀ ବିଶ୍ଳେଷଣ ପାଇଁ ସଂଗ୍ରହ କରାଯାଇଥିଲା। ପନିରରେ ଷ୍ଟାର୍ଚ୍ଚ ଚିହ୍ନଟ ପାଇଁ ୪ଟି ପନିର ନମୁନାରେ ଆୟୋଡିନ୍ ଦ୍ରବଣ ଦ୍ୱାରା ଦ୍ରୁତ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ କୌଣସି ନମୁନାରେ ଷ୍ଟାର୍ଚ୍ଚ ଉପସ୍ଥିତିର ସକାରାତ୍ମକ ପ୍ରତିକ୍ରିୟା ମିଳି ନ ଥିଲା। ବୈଧ ଖାଦ୍ୟ ଲାଇସେନ୍ସ ବିନା ବ୍ୟବସାୟ କରୁଥିବା ୦୩ଜଣ ଖାଦ୍ୟ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଏଥିସହିତ ଖାଦ୍ୟ ବ୍ୟବସାୟୀମାନଙ୍କୁ ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା, ସୁରକ୍ଷିତ ଖାଦ୍ୟ ପରିଚାଳନା ଓ ନିୟମାନୁସାରେ ବ୍ୟବସାୟ ପରିଚାଳନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଯାଞ୍ଚ ଅଭିଯାନରେ ବିଶ୍ୱଜିତ ନାଏକ, ରାଜୀବ ଲୋଚନ ରଣା, ଗଜେନ୍ଦ୍ର କୈବର୍ତ୍ତ ଓ ନିମାଇ ଚରଣ ନାଏକ ଏବଂ ପଲିସ କର୍ମଚାରୀମାନେ ସାମିଲ ହୋଇଥିଲେ।



# ସାର୍ବଜନୀନ ଦୁର୍ଗାପୂଜା କମିଟି ଗଠିତ

**ମ.ରାମପୁର, ୩୧।୮ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ସାର୍ବଜନୀନ ଦୁର୍ଗା ପୂଜା ନିମନ୍ତେ ଏକ ସାଧାରଣ ବୈଠକ ସହିତ ନୂତନ କର୍ମକର୍ତ୍ତା ଗଠନ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ବିଭୂ ପ୍ରସାଦ ସାହୁ, ଉପସଭାପତି ରାକେଶ ଶତପଥୀ, ସମ୍ପାଦକ ହେମନ୍ତ ସାହୁ, ସହ-ସମ୍ପାଦକ ଦୀନେଶ ଜୈନ, ସାଜସଜ୍ଜା ଭାରତ ଭୂଷଣ ଜୈନ ଓ ନବୀନ ଅଗ୍ରୱାଲ, ସାନ୍ଧ୍ୟ ମନୋରଞ୍ଜନ ଚିରାଗ ସିଂହଦେଓ, ରାହୁଲ ପଟ୍ଟନାୟକ, ରାତ୍ର ମନୋରଞ୍ଜନ ସତ୍ୟ ନାରାୟଣ ସାହୁ, ପପୁ ଅଗ୍ରୱାଲ, ପୂଜା ପ୍ରଶାନ୍ତ ସାମନ୍ତରା, ବିଭୂତିଭୂଷଣ ପ୍ରହରାଜ, ଶିବପ୍ରସାଦ ଶତପଥୀ, ଭାଗବତ ଘିଭେଲା, ଶିବରାମ ସାହୁ, ବିସର୍ଜନ ଉଦ୍ଧବ ପଣ୍ଡା, ରଶ୍ମୀ ରଞ୍ଜନ ପ୍ରହରାଜଙ୍କୁ ମନୋନୀତ କରାଯାଇଥିବାବେଳେ କର୍ତ୍ତା ଭାବରେ ପୁଷ୍ପେନ୍ଦ୍ର ସିଂହଦେଓ ଉପଦେଷ୍ଟା ମଣ୍ଡଳୀଭାବେ ଗଙ୍ଗାଧର ମହାନ୍ତି, ବୁଧେନ୍ଦ୍ର ପ୍ରତାପ ସିଂହଦେଓ, ପୁଷ୍ପେନ୍ଦ୍ର ସିଂହଦେଓ, କମ୍ବୁପାଣି ମିଶ୍ର, ବିକାଶ ରଞ୍ଜନ ସିଂହଦେଓ, ଭଗବାନ ଭୋଇଙ୍କୁ ମନୋନୀତ କରାଯାଇଛି।

# ବେହେରା କଲେଜରେ ନବ ପଲ୍ଲବ କାର୍ଯ୍ୟକ୍ରମ



**ଧର୍ମଗଡ଼, ୩୧।୮ (ସମିସ):** ଧର୍ମଗଡ଼ ବ୍ଲକ ଅଧୀନ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବପଲ୍ଲବ ଶିରୋନାମାରେ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। କଲେଜ ଅଧକ୍ଷ ନିର୍ମଳ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ କଲେଜର ପୂର୍ବତନ ଛାତ୍ର ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମଧୁସୂଦନ ନାଗ, ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରେମଲାଲ କାଣ୍ଡ, ନେଗିଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ବିଭାଗର ଅତିଥି ଅଧ୍ୟାପିକା ତନୁଜା ସାହୁଙ୍କ ସହିତ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ଅଧ୍ୟାପକ ନିକୁଞ୍ଜ ସାହୁ, ଅଧ୍ୟାପକ ଅକ୍ଷୟ ପଟ୍ଟନାୟକ, ଅଧ୍ୟାପକ ମୋହନ ଚରଣ ବିଶି, ଗ୍ରନ୍ଥାଗାର ସହାୟକ ଫକିର ଚଣ୍ଡି, ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ ଯୋଗଦେଇ ଥିଲେ। ଏହି ଅବସରରେ ଦ୍ୱିତୀୟବର୍ଷ ଛାତ୍ରୀ ଅମ୍ବିକା ସାହୁ, ଲଭଲି ଦୁର୍ଗା, ମମତା ଛତ୍ରିଆ, ବବିତା ନିଆଲ, ଶିବାନୀ ବାଗ, ରଶ୍ମୀତା ତାଣ୍ଡି ସ୍ୱାଗତସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟବର୍ଷର ରେଣୁକା ନାଏକ, ଖିରମତି ଜୁଏଡ, ଝରଣା ପଟେଲ, ମେଘାଳୟ ଭୋଇ, ମନିଷା ମେହେର ତାଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମକୁ ବିକାଶ ରାଉତ, ଦ୍ରୌପଦୀ ଗୋପାଳ ସଂଯୋଜନା କରିଥିବାବେଳେ ଦୁହିତା ଗୋପାଳ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିନି ୬ ମାସର ପାରିଶ୍ରମିକ ; ଧାରଣାରେ ଆଶାକର୍ମୀ

**ଖଡ଼ିଆଳ, ୩୧।୮ (ସମିସ):** ଖଡ଼ିଆଳ ବ୍ଲକରେ କାର୍ଯ୍ୟରତ ଆଶକର୍ମୀ ୬ ମାସର ପାରିଶ୍ରମିକ ପାଇ ନ ଥିବା ଅଭିଯୋଗ କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଖଡ଼ିଆଳ ବ୍ଲକ ଆଶା କର୍ମୀ ସଂଘ ପକ୍ଷରୁ ସୋମବାର ଧାରଣା ଦିଆଯାଇଛି। ନୂଆଖାଇ ପର୍ବ ପୂର୍ବରୁ ବକେୟା ପାରିଶ୍ରମିକ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଧାରଣାରେ ଖଡ଼ିଆଳ ବ୍ଲକର ୨୦୩ ଜଣ ଆଶା କର୍ମୀ ସାମିଲ ହୋଇଥିଲେ। ଦୀର୍ଘ ୬ ମାସ ଧରି ପାରିଶ୍ରମିକ ମିଳି ନ ଥିବାରୁ ଆଶା କର୍ମୀମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ସଂଘ ପକ୍ଷରୁ କୁହାଯାଇଛି। ନୂଆଖାଇ ଭଳି ଗଣପର୍ବ ପୂର୍ବରୁ ବକେୟା ପାରିଶ୍ରମିକ ମିଳିଲେ ଆଶା କର୍ମୀମାନେ ଉପକୃତ ହେବେ ବୋଲି ସଂଘ ଦାବି କରିଛି। ଧାରଣାରେ ସଂଘର ସଭାନେତ୍ରୀ ମଧୁମତି ମେହେର, ସମ୍ପାଦିକା ହେମକନ୍ତି ମାଝୀଙ୍କ ସମେତ ବସନ୍ତି ମାଝୀ, ମାଧୁରୀ ଶବର, ସଂଯୁକ୍ତା ଯୋଶୀ, ବସୁମତୀ ସୁନା, ଡାଲିମ୍ବ ବାଗ, ଲକ୍ଷ୍ମୀ ପଟେଲ, ମଥୁରା ଦୁରିଆ ଓ ହେମନ୍ତିନି ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ।



# କଣ୍ଟାମାଳ ଗ୍ରାମରେ ସାପ୍ତାହିକ ବଜାର ଉଦ୍‌ଘାଟିତ

**ଗୋଲାମୁଣ୍ଡା, ୩୧।୮ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ କଣ୍ଟାମାଳ ଗ୍ରାମରେ ଆଜି ଏକ ନୂତନ ସାପ୍ତାହିକ ବଜାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅଞ୍ଚଳର ଚାଷୀ ଓ ବ୍ୟବସାୟୀଙ୍କ ଆର୍ଥିକ ଉନ୍ନତି ତଥା ଜନସାଧାରଣଙ୍କ ସୁବିଧା ପାଇଁ ଏହି ସାପ୍ତାହିକ ବଜାରର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିନ୍ଧ୍ୟମିନା ସେବା ଫାଉଣ୍ଡେସନ ଅଧକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷ ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମହାନନ୍ଦ କହିଛନ୍ତି ଯେ, ଏହି ନୂତନ ସାପ୍ତାହିକ ବଜାର କେବଳ କଣ୍ଟାମାଳ ଗ୍ରାମ ପାଇଁ ନୁହେଁ, ବରଂ ଗୋଲାମୁଣ୍ଡା, ଭବାନୀପାଟଣା, ବଙ୍ଗୋମୁଣ୍ଡା ଏବଂ ଟିଟିଲାଗଡ଼ ବ୍ଲକର ହଜାର ହଜାର ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ବେଶ ଲାଭବାନ ସାବ୍ୟସ୍ତ ହେବ। ସରପଞ୍ଚ ପିଙ୍କି ତାଣ୍ଡି, ବଜାର କମିଟିର ସଭାପତି ରଙ୍ଗାଧର ବେହେରା, ଗଉନ୍ତିଆ ନାରାୟଣ ସାହୁ ଏବଂ ଝାଙ୍କର ଜଗଦଳ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗ୍ରାମର ଦେବାର୍ଚ୍ଚନ ସାହୁ, ଯୁଗଳ କୁମାର ସାହୁ, ଗଗନ ବିହାରୀ ଜୋତିଶ, ଦୀନବନ୍ଧୁ ବେହେରା, ପରିମଳ ବେହେରା, ଘାଟୁ ବେହେରା, ଆନନ୍ଦ ତାଣ୍ଡି, ଗୌତୁମ ସାହୁ, ତପନ ବେହେରା, ଦୁଃର୍ଜନ ସାହୁ, ବସନ୍ତ ବାଗ ଏବଂ ମୋତିରାମ ମାଝୀଙ୍କ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ, ଚାଷୀ ଓ ବ୍ୟବସାୟୀ ଉପସ୍ଥିତ ଥିଲେ।

# କଳାହାଣ୍ଡି ଜିଲ୍ଲା ପରିଚାଳନା ସମିତି କାର୍ଯ୍ୟଶାଳା



**ଭବାନୀପାଟଣା, ୩୧।୮ (ସମିସ):** କଳାହାଣ୍ଡି ଜିଲ୍ଲା ପରିଚାଳନା ସମିତି କାର୍ଯ୍ୟଶାଳା ମନୋଜ କୁମାର ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୩୫ଟି ବିଦ୍ୟାଳୟରୁ ମୋଟ ୧୫୭ ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଦକ୍ଷିଣ ସମ୍ଭାଗ ଉପସଭାପତି ଗରିବ ସୁନାନୀ, ସମ୍ଭାଗ ସଂଯୋଜକ ସୁଶାନ୍ତ ପାଣିଗ୍ରାହୀ, ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ କର୍ଣ୍ଣ ନାଏକ, ଜିଲ୍ଲା ପ୍ରମୁଖ ମନ୍ମଥ କୁମାର ମିଶ୍ର, ଶିଶିର କୁମାର ସାହୁ, ସହ ଜିଲ୍ଲା ପ୍ରମୁଖ ଏବଂ ବିଭାଗ ନିରୀକ୍ଷକ ବିପିନ ବିହାରୀ ମିଶ୍ର ଉପସ୍ଥିତ ଥିଲେ। ସ୍ଥାନୀୟ ବିଦ୍ୟାଳୟର ସଭାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅଶୋକ କୁମାର ସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ମୃତଦେହ ଜବତ; ସ୍ୱାମୀ ଅଟକ

**ଲାଞ୍ଜିଗଡ଼, ୩୧।୮ (ସମିସ):** ଲାଞ୍ଜିଗଡ଼ ଥାନା ଅଧୀନ ଛତ୍ରପୁର ପଞ୍ଚାୟତ ଭାଟଗୁଡ଼ା ଗ୍ରାମରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ହେଲେ ଭାଟଗୁଡ଼ା ଗ୍ରାମର ମନ ମାଝୀଙ୍କ ସ୍ତ୍ରୀ ମେରକୁ ମାଝୀ (୪୦)। ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ଥିବାବେଳେ ପୁଲିସ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ସୂଚନା ମୁତାବକ, ରବିବାର ରାତିରେ ମନ ମାଝୀ ଓ ତାଙ୍କ ସ୍ତ୍ରୀ ମେରକୁ ମାଝୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସୋମବାର ସକାଳୁ ଘର ଭିତରେ ମେରକୁଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ମୃତ ମେରକୁଙ୍କ ଭାଇ ମାଳି ମାଝୀ ଭାଟଗୁଡ଼ାରେ ପହଞ୍ଚି ଭଉଣୀର ମୃତଦେହ ଦେଖି ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭଉଣୀକୁ ଭିଣୋଇ ମନ ମାଝୀ କାଠ ଫାଳିଆରେ ପିଟି ହତ୍ୟା କରିଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଁଲ ପୁଲିସ ବଳ ସହ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ଏନେଇ ଲାଞ୍ଜିଗଡ଼ ଥାନାରେ ମାମଲା ରୁଜୁ କରାଯାଇ ମନ ମାଝୀଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି ପୁଲିସ।

# ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ସିନାପାଲି, ୩୧।୮ (ସମିସ):** ନୂଆପଡ଼ା ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ପକ୍ଷରୁ ଜିଲ୍ଲାସ୍ତରୀୟ ଅଣ୍ଡର-୧୩, ଅଣ୍ଡର-୧୫ ଓ ଅଣ୍ଡର-୧୭ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮୦ ଜଣ ଖେଳାଳି ଅଂଶଗ୍ରହଣ କରି ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ସଭାପତି ସନ୍ତୋଷ ପଟ୍ଟନାୟକ, ସମ୍ପାଦକ ସୁଦୀପ୍ତ ବିଶୋଇ, ଯୁଗ୍ମ ସମ୍ପାଦକ ପ୍ରଭଞ୍ଜନ ସେଠୀ, କୋଷାଧକ୍ଷ ଅକ୍ଷୟ ପାଢ଼ୀ ତଥା ସଂଘର କାର୍ଯ୍ୟକାରିଣି ସଦସ୍ୟ ରିତେଶ ବାବୁ, ପ୍ରକାଶ ପାତ୍ର, ପ୍ରେମଚାନ୍ଦ ବୈଠାରୁ ତଥା ଅନ୍ୟ ସଦସ୍ୟଙ୍କ ପ୍ରମୁଖ ସହଯୋଗ ରହିଥିଲା। ଉଦ୍‌ଯାପନୀ ସମାରୋହରେ ମଧୁସୂଦନ ଦାଶ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ନୂଆପଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଖେଳାଳିମାନଙ୍କୁ ପୁରସ୍କୃତ କରିବା ସହ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇବା ସହ କ୍ରୀଡ଼ା ମାଧ୍ୟମରେ ସୁସ୍ଥ ଓ ଶୃଙ୍ଖଳିତ ଜୀବନ ଗଠନର ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନୂଆପଡ଼ା ଉପସ୍ଥିତ ରହି ଜିଲ୍ଲାରେ ବ୍ୟାଡମିଣ୍ଟନ ଖେଳର ବିକାଶ ପାଇଁ ଆସୋସିଏସନ୍‌ର ପ୍ରୟାସକୁ ପ୍ରଶଂସା କରିଥିଲେ। ବିଭିନ୍ନ ବର୍ଗର ବିଜେତା ଓ ରନର୍ସଅପ୍ ଖେଳାଳିଙ୍କୁ ପୁରସ୍କାର, ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନୂଆପଡ଼ା ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍‌ର କର୍ମକର୍ତ୍ତା, ପ୍ରଶିକ୍ଷକ, ଅଭିଭାବକ ଓ କ୍ରୀଡ଼ାପ୍ରେମୀମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।




# ଗୀତା ଆବୃତ୍ତି କଲେ ୧୨୧ ପ୍ରତିଯୋଗୀ

**ଭବାନୀପାଟଣା, ୩୧।୮ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଅଧୀନ ସରସ୍ୱତୀ ଶିଶୁମନ୍ଦିର ବାଲାଜୀ ବିହାର ଠାରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଭବାନୀପାଟଣା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୧୨୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଶ୍ରୀମଦ ଭଗବଦ୍ ଗୀତାର ବିଭିନ୍ନ ଅଧ୍ୟାୟ ଆବୃତ୍ତି କରିଥିଲେ। ତୃତୀୟରୁ ପଞ୍ଚମ ଗ୍ରୁପରେ ଦିବ୍ୟାଂଶୀ ପଣ୍ଡା ପ୍ରଥମ, ଆଦ୍ୟାଶା ଗୌଡ଼ ଓ ଅନୁଷ୍କା ପଟେଲ ଦ୍ୱିତୀୟ ଏବଂ ରିତେଶ ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଷଷ୍ଠରୁ ଅଷ୍ଟମ ଗ୍ରୁପରେ ପ୍ରିୟାଂଶୀ ମୁଣ୍ଡ ପ୍ରଥମ, ପୁନମ ସାହୁ ଦ୍ୱିତୀୟ, ଖ୍ରୀତ ପ୍ରଜ୍ଞାନ ଦାଶ ତୃତୀୟ, ସେହିପରି ନବମ ରୁ ଉଚ୍ଚ ମାଧ୍ୟମିକସ୍ତର ଗ୍ରୁପରୁ ବାବୁଲି ମାଝୀ ପ୍ରଥମ, ଭାନୁ ପ୍ରତାପ ନାୟକ ଦ୍ୱିତୀୟ, ଲବଣି କାନ୍ତ ବୋଡ଼କିଆ ତୃତୀୟ ସ୍ଥାନ ଅଧିକାର କରି ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଜ୍ଞାନ ମିଶନ ଜିଲ୍ଲା ସଂଯୋଜକ ଗିରିଜା ଶଙ୍କର ବାବୁ, ସନତ ମହାପାତ୍ର, ସବିତା ପଟନାୟକ, ନୀଳକଣ୍ଠ ବେହେରା, ହେମନ୍ତ ମୁଣ୍ଡ, ବିଭୁତି ଭୂଷଣ ପଣ୍ଡା, ସନ୍ତୋଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ହେମନ୍ତ ମୁଣ୍ଡ, ଅରୁଣ ପାଣିଗ୍ରାହୀ, ଆଦିତ୍ୟ ବେହେରା, ବିଶ୍ୱନାଥ ଦାସ, ଦୁଷ୍ମନ୍ତ ମୁଣ୍ଡ, ସୁଚିତ୍ରା ତ୍ରିପାଠୀ ପ୍ରମୁଖ ବିଚାରକ ଭାବେ କାର୍ଯ୍ୟନିର୍ବାହ କରିଥିଲେ।

### ପରମିଟ୍ ତୀର୍ଥଯାତ୍ରାର; ବୁହାହେଉଛନ୍ତି ଦାଦନ

# ପୁଲିସ୍ ଚୁପ୍, ନିରବ ଆର୍‌ଟିଓ, ନିଷ୍କ୍ରିୟ ଶ୍ରମ ବିଭାଗ

**କୋକସରା, ୩୧।୮ (ସମିସ)**

କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ୍‌ୱେ ଏବେ ଦାଦନ ଶ୍ରମିକ ଚାଲାଣର ସୁରକ୍ଷିତ କୋରିଡୋର ପାଲଟିଛି। ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ 'ଟୁରିଷ୍ଟ ପରମିଟ୍' ଥିବା ବସ୍‌ଗୁଡ଼ିକରେ ପ୍ରତିଦିନ ଶହ ଶହ ଶ୍ରମିକଙ୍କୁ ଠେଲାପେଲା କରି ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ଏସବୁ ସ୍ପଷ୍ଟ ଦିବାଲୋକରେ ଘଟୁଥିଲେ ବି ଜିଲ୍ଲା ଶ୍ରମ ବିଭାଗ, ଆଞ୍ଚଳିକ ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ନିରବ ରହିଛି। ସୂଚନାନୁସାରେ, ଏହି ରୁଟ୍‌ରେ ରାଜ୍ୟ ବାହାରକୁ ଯାତାୟାତ ପାଇଁ ଅନୁମତି ପାଇଥିବା ଗୋଟିଏ କି ଦୁଇଟି ନିୟମିତ ଯାତ୍ରୀବାହୀ ବସ୍ ରହିଥିବା ବେଳେ ବର୍ତ୍ତମାନ ତାହା କୌଣସି କାରଣରୁ ବନ୍ଦ ରହିଛି। ଏହାର ସିଧାସଳଖ ଫାଇଦା ଉଠାଉଛନ୍ତି ଅସାଧୁ ବସ୍ ମାଲିକ ଓ ଦାଦନ ଦଲାଲ। ପ୍ରତିଦିନ ୧୫ରୁ ୨୦ଟି ବେଆଇନ୍ ଟୁରିଷ୍ଟ ବସ୍ ଧର୍ମଗଡ଼, ଗୋତମୁଣ୍ଡା, ବେହେରା, ଆମପାଣି, ଛତିଶଗଡ଼ ରାଜ୍ୟର ଦେଭୋଗ ଓ ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରୁ ସାଧାରଣ ଶ୍ରମିକଙ୍କୁ ଲଦି ଚେନ୍ନାଇ, ବିଶାଖାପାଟଣା, ହାଇଦ୍ରାବାଦ, ତେଲେଙ୍ଗାନା ଓ ଜଗଦଲପୁର ଭଳି ସହରକୁ ନେଉଛନ୍ତି। ଏଣେ ବସ୍‌ଗୁଡ଼ିକରେ କ୍ଷମତାଠାରୁ ଯଥେଷ୍ଟ ଅଧିକ ଯାତ୍ରୀ ନିଆଯାଉଛି। ଗାଡ଼ି ଭିତରେ ଠେଲାପେଲା ହୋଇ ଅତ୍ୟନ୍ତ ଅମାନବୀୟ ଓ କଷ୍ଟକର ପରିସ୍ଥିତିରେ ଶ୍ରମିକମାନେ ଯାତ୍ରା କରୁଛନ୍ତି। ଏହାକୁ ପ୍ରତିବାଦ କଲେ ବସ୍ କଣ୍ଡକ୍ଟର ଓ କର୍ମଚାରୀମାନେ ଶ୍ରମିକଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରୁଛନ୍ତି। ଏନେଇ କିଛିଦିନ ତଳେ ସ୍ଥାନୀୟ ଏକ ଥାନାରେ ଅଭିଯୋଗ ହୋଇଥିଲେ ସୁଦ୍ଧା କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସବୁଠାରୁ ଚାଞ୍ଚଲ୍ୟକର ବିଷୟ ହେଉଛି, କେତେକ ଦାଦନ ଦଲାଲ ଏହି ଟୁରିଷ୍ଟ ବସ୍‌ଗୁଡ଼ିକୁ ଲିଜ୍‌ରେ ନେଇ ଚଳାଉଛନ୍ତି। ଏପରିକି କିଛି ସରକାରୀ କର୍ମଚାରୀ ଡ୍ୟୁଟି ସମୟରେ ମୁଖ୍ୟ ରାସ୍ତାରେ ଠିଆ ହୋଇ ଦଲାଲ୍ ସାଜି ଟିକେଟ୍ କାଟୁଥିବା ଭଳି ଗୁରୁତର ଅଭିଯୋଗ ସାମ୍ନାକୁ ଆସୁଛି। ଏହି ବସ୍‌ଗୁଡ଼ିକ ଧର୍ମଗଡ଼, ଆମପାଣି, ମୈଦଲପୁର, ପାପଡ଼ାହାଣ୍ଡି, ନବରଙ୍ଗପୁର, ଜୟପୁର, ମାଲକାନଗିରି ଓ ମୋଟୁ ଭଳି ୧୦ରୁ ଊର୍ଦ୍ଧ୍ୱ ଥାନା ଅଞ୍ଚଳ ଦେଇ ପ୍ରତିଦିନ ଗଡ଼ୁଛି। ତଥାପି ପୁଲିସ କିମ୍ବା ପରିବହନ ବିଭାଗ ନିଷ୍କ୍ରିୟ ରହିବା ପଛରେ ମାସିକ ମୋଟା ଅଙ୍କର ଚାନ୍ଦା କାରବାର ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ଏହି ବେଆଇନ୍ ଟୁରିଷ୍ଟ ବସ୍ ଚଳାଚଳ ଉପରେ କଡ଼ା କଟକଣା ଲଗାଯାଉ ଏବଂ ବେଆଇନ୍ ଶ୍ରମିକ ଚାଲାଣ ରୋକିବା ପାଇଁ ରାଜ୍ୟ ପରିବହନ ବିଭାଗ ଓ ଶ୍ରମ ବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନ ସାଧାରଣରେ ଦାବି ହୋଇଛି।



# ପାଚେରି ବୁଲାଇ କବ୍‌ଜା କରିନେଲେ ଗୋଚର ଜମି

କଣ୍ଟାବାଞ୍ଜି,୩୧।୮ (ସମିସ)

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରେ ଦିନ ଦ୍ୱିପ୍ରହରରେ ସରକାରୀ ଜମି ଲୁଟ୍ ହେଉଛି। ତହସିଲ ଅଫିସଠାରୁ ମାତ୍ର ୨ କିଲୋମିଟର ଦୂରରେ ଏକର ଏକର ସରକାରୀ ଗୋଚର ଜମିକୁ ହଡ଼ପ କରି ପାଚେରୀ ଦିଆଯାଇଛି। ଲୁହା ଗେଟ୍ ମଧ୍ୟ ଲଗାଯାଇ ସାରିଛି। ରାଜସ୍ୱ ବିଭାଗ ସବୁ ଜାଣି ମଧ୍ୟ ଚୁପ୍। ଏହା କେବଳ ଜମି ହଡ଼ପ ନୁହେଁ। ଏହା ସରକାରୀ ବ୍ୟବସ୍ଥା ଉପରେ ସିଧା ଚ୍ୟାଲେଞ୍ଜ। କଣ୍ଟାବାଞ୍ଜି ତହସିଲ ଦାବ୍ରି ଗାଁ ଅଧୀନରେ ଆସୁଥିବା କଣ୍ଟାବାଞ୍ଜି ନୂଆ ଅକଲ ବସଷ୍ଟାଣ୍ଡ ପଛରେ ୧୦୦ ଏକରରୁ ଅଧିକ ସରକାରୀ ଗୋଚର ଜମି ରହିଛି। ଏହା ଗୋରୁଗାଈଙ୍କ ଚରିବା ଏବଂ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ସଂରକ୍ଷିତ; କିନ୍ତୁ ଗତ କିଛି ଦିନ ହେଲା ଏହି ଜମି ଉପରେ ମାଫିଆଙ୍କ ନଜର ପଡିଛି। ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏହି ବିଶାଳ ଜମି ଚାରିପଟେ ସିମେଣ୍ଟ ପାଚେରୀ ବୁଲାଇଛନ୍ତି। ଲୁହା ଗେଟ୍ ଲଗାଇ ନିଜ ଅକ୍ତିଆରକୁ ନେଇଛନ୍ତି। ଦିନରେ ମିସ୍ତ୍ରି ଲାଗି ପାଚେରୀ କାମ ହେଉଛି; ହେଲେ ଦେଖିବାକୁ କେହି ନାହାନ୍ତି। ଗୋଚର ଜମିର ସୁରକ୍ଷା ଦାୟିତ୍ୱ ରାଜସ୍ୱ ବିଭାଗର। ତହସିଲଦାର, ଆରଆଇ, ଅମିନ ସମସ୍ତେ ଏହି ବାଟ ଦେଇ ଯାଆନ୍ତି; ହେଲେ ଏତେ ବଡ ପାଚେରୀ କେମିତି କରାଗଲା ଏବଂ



କେହି ଜାଣିଲେନି ନା ଜାଣି ମଧ୍ୟ ଅଜଣା ହେଉଛନ୍ତି ତାହା ପ୍ରଶ୍ନ ସୃଷ୍ଟି କରିଛି। ଏହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି ଯେ ଏହା ପଛରେ ବଡ ଡିଲ୍ ହୋଇଛି କି? ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ କଣ୍ଟାବାଞ୍ଜି ସହର ଚାରିପଟେ ଏବେ ଜମି ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ସରକାରୀ ଜମି, ଜଳାଶୟ, ଗୋଚର ଜମି ସବୁ ହଡ଼ପ ହେଉଛି। ଗରିବ ଲୋକଙ୍କ ଗାଈଗୋରୁ ଚରିବାକୁ ଜାଗା ନାହିଁ; ହେଲେ ଜମି ମାଫିଆଙ୍କ ରାଜ ଚାଲିଛି। ଏହି ଘଟଣାକୁ ନେଇ କଣ୍ଟାବାଞ୍ଜି ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ତୁରନ୍ତ ଏହି ଜମିକୁ ଜବରଦଖଲମୁକ୍ତ କରାଯିବା ଆବଶ୍ୟକ। କିଏ ଏହି ପାଚେରୀ କରୁଛି, ତା ପଛରେ କିଏ ଅଛି, ରାଜସ୍ୱ ବିଭାଗର କେଉଁ ଅଧିକାରୀ ସଂପୃକ୍ତ ତାହାର ଉଚ୍ଚସ୍ତରୀୟ ତଦନ୍ତ ମଧ୍ୟ ଆବଶ୍ୟକ। ଯଦି ପ୍ରଶାସନ ଏବେ ଚୁପ୍ ରହେ ତେବେ ଆଗାମୀ ଦିନରେ କଣ୍ଟାବାଞ୍ଜିରେ ଏକର ଏକର ସରକାରୀ ଜମି ହଡ଼ପ ହୋଇଯିବ ବୋଲି ସ୍ଥାନୀୟ ଲୋକ ମତ ବ୍ୟକ୍ତ କରିଛନ୍ତି।

## କଣ୍ଟାବାଞ୍ଜିରେ ସ୍ୱାୟତ୍ତ ଶାସନ ଦିବସ




କଣ୍ଟାବାଞ୍ଜି,୩୧।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ସୋମବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀତ ଅତିଥି ଭାବେ ନଗରପାଳ ବରୀୟାମ ସିଂ ସାଲୁଜା, ଉପ ନଗରପାଳ ମନୋରମା ରାଉତ, ବଲାଙ୍ଗୀର ସାଂସଦ ପ୍ରତିନିଧି ରାଜେଶ ଅଗ୍ରୱାଲ, କଣ୍ଟାବାନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଶୋକ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଛବି ପୋଡ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର, କର୍ମଚାରୀ ଉପସ୍ଥିତ ଥିଲେ।

## ନରସିଂହଙ୍କୁ ଏମ୍‌ବିକେଙ୍କ ବରୋଧରେ ଅଭିଯୋଗ

ବଲାଙ୍ଗିର,୩୧।୮ (ସମିସ): ଦେଓଗାଁ ବ୍ଲକ୍ ଗୌରଗୋଠ ପଞ୍ଚାୟତ ଅଞ୍ଚଳରେ କାମ କରୁଥିବା ମହିଳା ଏସ୍‌ଏଚ୍‌ଜି ସଦସ୍ୟାମାନେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟିଛନ୍ତି। ସେଠାରେ କାମ କରୁଥିବା ଏମ୍‌ବିକେ ଅନୁମିତା ପ୍ରଧାନଙ୍କ ବିରୋଧରେ ସେମାନେ ଆର୍ଥିକ ଅନିୟମିତତା ନେଇ ସଂଗୀନ ଅଭିଯୋଗ କରିଛନ୍ତି। ସଂପୃକ୍ତ ଏମ୍‌ବିକେ ବିନା ରେଜୁଲେସନରେ କାର୍ଯ୍ୟକାରୀ ସଭ୍ୟମାନଙ୍କ ବୈଠକ ଖାତାରେ ଦସ୍ତଖତ ନେଉଛନ୍ତି। ଏଥିରେ ଯଦି କୌଣସି ସଭ୍ୟ ବିରୋଧ କରନ୍ତି ତେବେ ଅସଭ୍ୟ ଭାଷା ପ୍ରୟୋଗ କରୁଛନ୍ତି। ଏସ୍‌ଏଚ୍‌ଜିମାନଙ୍କ ମାସିକ ସଂଚୟ ଖାତାରେ ଟଙ୍କା ଜମା ନ କରି ସେହି ଅର୍ଥକୁ ଏମ୍‌ବିକେ ଆତ୍ମସାତ କରୁଛନ୍ତି। ଗୌରଗୋଠ ଜିପିଏଲ୍‌ଏଫ୍‌ରୁ ଋଣ ନେଇ ଏମାନେ ପରିଶୋଧ କରିସାରିଥିଲେ ହେଁ ପୁଣି ତାଙ୍କ ଖାତାରେ ଋଣ ଅଛି ବୋଲି ଦର୍ଶାଯାଉଛି। ଏପରି ଭାବେ ମା ଦୁର୍ଗା ଏସ୍‌ଏଚ୍‌ଜି ନାମରେ ୮୫ହଜାର ଟଙ୍କା, ମା ଘଣ୍ଟେଶ୍ୱରୀ ନାମରେ ୨୫ ହଜାର ଟଙ୍କା, ସୀତାଦେବୀ ଏସ୍‌ଏଚ୍‌ଜି ନାଁରେ ୧୯ହଜାର ଟଙ୍କା, ମା ମଙ୍ଗଳା ଏସ୍‌ଏଚ୍‌ଜି ନାଁରେ ୩୦ହଜାର ଟଙ୍କା, ସରସ୍ୱତୀ ଏସ୍‌ଏଚ୍‌ଜି ନାଁରେ ୫୦ହଜାର ଟଙ୍କା, ଶ୍ରୀ ଗଣେଶ ନାଁରେ ୩୬ହଜାର ଟଙ୍କା ସେ ଉଠାଇ ନେଇଛନ୍ତି। ଏହିପରି ଭାବେ ସେ ୬୦ଟି ଏସ୍‌ଏଚ୍‌ଜିରୁ ଲକ୍ଷ ଲକ୍ଷ ଟଙ୍କାର ଆର୍ଥିକ ଅନିୟମିତତା କରିଥିବା ଅଭିଯୋଗ ଆସିଛି। ଏକ ଏସଏଚ୍‌ଜିକୁ ୩ଲକ୍ଷ ୫୦ହଜାର ଟଙ୍କାର ଋଣ ଦିଆଯାଇଥିବା ସ୍ଥଳେ ଖାତାରେ ତାହା ୩୫ଲକ୍ଷ ଟଙ୍କା ଋଣ ବୋଲି ଦର୍ଶାଯାଇଛି। ପୂର୍ବରୁ ମଧ୍ୟ ୨୦୧୯ ମସିହାରେ ଏମ୍‌ବିକେ ଅନିମିତା ପ୍ରଧାନ ନ୍ୟୁଟ୍ରେସନ ଗାର୍ଡେନ ନାଁରେ ୫୦ହଜାର ଟଙ୍କା ଉଠାଇ ଥିଲେ। ସେହି ଟଙ୍କା ପରେ ସରକାର ପ୍ରଦାନ କରିଥିଲେ ହେଁ ମହାସଂଘକୁ ସେ ଟଙ୍କା ଫେରସ୍ତ କରିନାହାନ୍ତି। ସସ୍ମିତା ରଣା, ସୁବର୍ଣ୍ଣ ସାହୁ, ସିଆରପି ଡୋଲେଶ୍ୱରୀ ଷାଣ୍ଡ, ମାମୁନି ରଣା, ସୁଷମା ରଣା, ପଙ୍କଜିନି ସାହୁ, ବୃନ୍ଦାବତି ବାଗ, ପୂର୍ଣ୍ଣିମା ସାହୁ, ସୁମିତ୍ରା ରଣା, ଯଶୋବନ୍ତି ଭୋଇ, ଗୀତା ବାଗ, ରେବତୀ ମଲ୍ଲିକ, ଶୈଳେନ୍ଦ୍ରୀ ଦାଶ, ପ୍ରଫୁଲ୍ଲ ରଣା, ଝସନେତ୍ରୀ ବେରିଆ, ଜୟନ୍ତୀ ରଣା, ମମତା ରଣା, ଲିସା ସାହୁ, କୁମୁଦିନୀ ରଣା ଓ ବନବାସୀ ରଣା ପ୍ରମୁଖ ନରସିଂହଙ୍କୁ ଭେଟି ଅଭିଯୋଗ କରିଥିଲେ।

## ଚଲକିରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ



କଣ୍ଟାବାଞ୍ଜି/ମୁରିବାହାଲ,୩୧।୮ (ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅଧୀନ ଚଲକି ଗାଁରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଘର ଭିତରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଚଲକି ଗାଁର ପଦ୍ମିନୀ ମଲ୍ଲିକ। ସୋମବାର ଦିନ ବେଳେ ପଦ୍ମିନୀ ଘରେ ଏକା ଥିଲେ। ପରିବାର ଲୋକେ ଅନ୍ୟ କାମରେ ବାହାରକୁ ଯାଇଥିବା ବେଳେ ତାଙ୍କ ସ୍ୱାମୀ ଛେଳି ଚରାଇବାକୁ ଯାଇଥିଲେ। ସେ ଫେରିବା ବେଳକୁ ଘର ଭିତରେ ସ୍ତ୍ରୀକୁ ଚେତାଶୂନ୍ୟ ଅବସ୍ଥାରେ ପଡିଥିବାର ଦେଖିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସ ଅବସରରେ ସାଇକେଲ ରାଲି

ବଲାଙ୍ଗିର,୩୧।୮ (ସମିସ): ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ତୃତୀୟ ଦିବସରେ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରୁ ବାହାରିଥିବା ଏହି ରାଲି ସହରର ପ୍ରମୁଖ ରାସ୍ତା ଦେଇ ଲିଟଲ୍ ଫ୍ଲାୱାର୍ ସ୍କୁଲ୍ ପର୍ଯ୍ୟନ୍ତ ଯାଇ ପୁନର୍ବାର କଳାମଣ୍ଡଳ ପଡ଼ିଆରେ ଆସି ପହଞ୍ଚିଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଏହି ସାଇକେଲ ରାଲିର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଏବଂ ଜିଲ୍ଲା କ୍ରୀଡ଼ା ସଂସଦର ଫୁଟବଲ୍ ସମ୍ପାଦକ ଶରତ ନନ୍ଦ ଉପସ୍ଥିତ ଥିଲେ। ଏହି ରାଲିରେ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ, ବହୁ କ୍ରୀଡ଼ାବିତ୍ ଏବଂ ଜିଲ୍ଲା ମାରାଥନ୍ ସଂଘର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ପରାଶର ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନିଶାମୁକ୍ତ ଓଡ଼ିଶା ଅଭିଯାନ

ମୁରିବାହାଲ,୩୧।୮ (ସମିସ): ମୁରିବାହାଲ ପଞ୍ଚାୟତ ସମିତି କଲେଜ, ହଲଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ହଲଦୀସ୍ଥିତ ବୀର ସୁରେନ୍ଦ୍ର ସାଏ କଲେଜରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ମୁରିବାହାଲ ଥାନା ପକ୍ଷରୁ "ନିଶାମୁକ୍ତ ଓଡ଼ିଶା ଅଭିଯାନ' ଅଧୀନ ଏହି ସଚେତନତା କାର୍ଯ୍ୟକ୍ରମରେ ଆଇଆଇସି ବୁଲୁ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ। ତୁରେକେଲା: ରାଜୀବ ଗାନ୍ଧୀ ପଞ୍ଚାୟତ ସମିତି କଲେଜରେ ମଧ୍ୟ ସୋମବାର ନିଶା ମୁକ୍ତ ଭାରତ ଅଭିଯାନ ଅଧୀନ ଏକ ସଚେତନତା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତୁରେକେଲା ଥାନା ଅଧିକାରୀ ରାକେଶ ବେହେରା, ତୁରେକେଲା ସରପଞ୍ଚ ଜଳନ୍ଧର ମାହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

## ତହଁକ୍ କୁଟୁମର 'ହଜ୍‌ଲା ରସ୍, ନୁର୍‌ମା ଆସ'

ବଲାଙ୍ଗିର,୩୧।୮ (ସମିସ): ପାଟଣାଗଡ଼ ନିକଟସ୍ଥ ଦେଉଲଗାଁରେ "ହଜଲା ରସ ନୁରମା ଆସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସୁଶୀଲ ଗୁରୁ, ତହଁକ ସମ୍ପାଦକ ରାଜେଶ ଦଣ୍ଡସେନା, ମୁଖିଆ ସଂପାଦକ ଅର୍ଜୁନ ସାହୁ, କବି ଗୟାଧର ପଟେଲ, ଆଶୁକବି ଗରିବ ମଲ୍ଲିକ, କବି କିଶୋର ପଟେଲ, ପୃଥ୍ୱିରାଜ ସିଂଦେଓ, ଠଣସୁନ୍ଦର ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶିଷ୍ଟ ଦଣ୍ଡ କଳାକାର ଗିରିଧାରୀ ମଟାରୀ ତାଙ୍କ କଳାରେ ମନମୁଗ୍ଧ କରିଥିଲେ। ସେହିପରି ସନ୍ତୋଷ ସ୍ୱାଇଁ ଛଟକା ବଖାନି କହି ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରିଥିଲେ। ଗିରିଶ ପାତ୍ର, ରାଜୀବ ଲୋଚନ ଦାସ, ତପନ ସାହୁ, ଉମାକାନ୍ତ ଜୁଆଡି, ଜୟ ବିଶ୍ୱାଳ, ଅଞ୍ଜନ ସାହୁ, ଦୁଷ୍ମନ୍ତ ସାହୁ, ମଣି ସିଂଦେବ ପ୍ରମୁଖ ସହଯୋଗ କରିଥିଲେ। ପ୍ରସନ୍ନ ଗଡ଼ତିଆ ସଂଯୋଜନା କରିଥିବା ବେଳେ ମଣି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଓଗାଁ ବ୍ଲକ୍‌ରେ ଅଭିଯୋଗ ଶୁଣାଣି ଶିବିର



ଦେଓଗାଁ,୩୧।୮ (ସମିସ): ଦେଓଗାଁ ବ୍ଲକ୍ ସଭାକକ୍ଷରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରିୟ ରଞ୍ଜନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱର, ଜିଲ୍ଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀସେନ ସୁନା, ଉପ-ଜିଲ୍ଲାପାଳ ଆଲୋକ ପଟେଲ, ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଅବଗତ ହେବା ସହ ତାହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଅବସରରେ ସାଲେପାଲି ସମିତିସଭ୍ୟ ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, ଭୀମପାହାଡ ମହୋତ୍ସବ କମିଟି ସଭାପତି ପ୍ରମୋଦ ବହିଦାର ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ଆଜକୁ ପ୍ରାୟ ଏକମାସ ହେଲା ବିଦ୍ୟୁତ୍ ବିଲ୍ ପଇଠ ହୋଇ ନ ଥିବା ଦର୍ଶାଇ ପର୍ଯ୍ୟଟନସ୍ଥଳ ଭୀମପାହାଡରେ ବିଦ୍ୟୁତ ବିଚ୍ଛିନ୍ନ କରିଦିଆଯାଇଥିବା ଏମାନେ ଦର୍ଶା ଯାଇଥିଲେ। ଜିଲ୍ଲାପାଳ ତୁରନ୍ତ ନିର୍ଦ୍ଦେଶ ଦେବାପରେ ବିଦ୍ୟୁତ ସଂଯୋଗ କରାଯାଇଥିଲା। ସିଆଲବାହାଲିରେ ଚାଲିଥିବା ଧାନ କାରିଗରୀ ଶିଳ୍ପ ଦକ୍ଷତା ତାଲିମ କେନ୍ଦ୍ର କୋଠା ନିର୍ମାଣ ହୋଇଥିଲେ ହେଁ ହସ୍ତାନ୍ତର ହୋଇ ନ ଥିବାରୁ ଏକ ଭଡାଘରେ ଚାଲିଛି। ନିର୍ମାଣ ହୋଇଥିବା କୋଠାରେ ବିଦ୍ୟୁତ ସଂଯୋଗ ହୋଇ ନ ଥିବା ବେଳେ ଶୌଚାଳୟ ଓ ଭଲରାସ୍ତା ନ ଥିବାରୁ କୋଠା ଏବେ କୌଣସି କାମକୁ ଆସିପାରୁ ନ ଥିବା କାରିଗରମାନେ ଅଭିଯୋଗ କରିଥିଲେ। ସାମାଜିକ କର୍ମୀ ରୂପାଧର ପୁଟା ମଧୁପୁର ଗାଁକୁ ଯିବା ରାସ୍ତାର ଉନ୍ନତୀକରଣ ପାଇଁ ଅଭିଯୋଗ କରିଥଲେ। ଖଗସୀକନା ଗାଁରେ ଅଙ୍ଗନବାଡି କୋଠା ନିର୍ମାଣ ପାଇଁ ଦାବି ହୋଇଥିଲା। ସିକୁଆଁଠାରେ ଖେଳପଡିଆ ଉନ୍ନତୀକରଣ ପାଇଁ ଅଭିଯୋଗ ହୋଇଥିଲା। ହାତୀସରା ସରପଞ୍ଚ କେଲୋ ଡାଙ୍ଗ ହାତୀସରା ପଞ୍ଚାୟତରେ ହାଇସ୍କୁଲ ସ୍ଥାପନ ପାଇଁ ଦାବି ଜଣାଇଥିଲେ। ଧଣ୍ଡାମାଲର ନାଏବ ସରପଞ୍ଚ ପ୍ରଶାନ୍ତ ମଲ୍ଲିକ ତାଙ୍କ ପଦବୀରୁ ଇସ୍ତଫା ଦେବାପରେ ତାଙ୍କୁ ପୁନଶ୍ଚ ଗାଁ ସାଥି ପଦବୀ ପ୍ରଦାନ କରିବା ପାଇଁ ଅଭିଯୋଗ କରିଥିଲେ। ଧଣ୍ଡାମାଲ ପଞ୍ଚାୟତ ବିଲାସପୁରରେ ନୀତି ଆୟୋଗ ତରଫରୁ ୨୦୨୫ ଜୁନ ମାସରେ ହୋଇଥିବା ମାଟିକାମର ସମ୍ପୂର୍ଣ୍ଣ ପାଉଣା ମିଳି ନ ଥିବା ସରୋଜ ଭୋଇ ଅଭିଯୋଗ କରିଥିଲେ। ରାମଚନ୍ଦ୍ରପୁର ପଞ୍ଚାୟତର ଆବାସ ଘର ହିତାଧିକାରୀ ଗତ ୨୦୨୩ରୁ ଆବାସ ଘର ନିର୍ମାଣ କରିସାରିଥିଲେ ହେଁ ପ୍ରଥମ କିସ୍ତି ପରେ ଆଉ ଟଙ୍କା ପାଇ ନ ଥିବା ଅଭିଯୋଗ କରିଥିଲେ। ଅତିରିକ୍ତ ବିଡିଓ ପୁଷ୍ପାଞ୍ଜଳି ନାଏକ, ଜିପିଓ ସେନାପତି ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## 'ରାଜେନ୍ଦ୍ର' ଟେଣ୍ଡରର ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ହେଉ

ବଲାଙ୍ଗିର,୩୧।୮ (ସମିସ): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ଓ ହଷ୍ଟେଲ ମେସ୍ ପାଇଁ ଖାଦ୍ୟ ଯୋଗାଣକୁ ନେଇ ଗୁରୁତର ଅନିୟମିତତା ହୋଇଛି। ବଲାଙ୍ଗୀର ଜିଲ୍ଲା ଯୁବ କଂଗ୍ରେସ ଏହି ଅଭିଯୋଗ ଆଣିଛି। ସଂଗଠନ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଯୁବ କଂଗ୍ରେସର ଅଭିଯୋଗ ଅନୁଯାୟୀ, ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଥିବା ସତ୍ତ୍ୱେ ପୂର୍ବରୁ ଠିକା କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲୁଥିଲା। ନୂତନ ଆଉଟସୋର୍ସିଂ ସଂସ୍ଥା ନିୟୋଜନକୁ ନେଇ ଯୁବ କଂଗ୍ରେସ ପ୍ରଶ୍ନ ଉଠାଇଛି। ସିକ୍ୟୁରିଟି ସର୍ଭିସକୁ ଟେଣ୍ଡର ପ୍ରକ୍ରିୟା ବିନା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟାଦେଶ ଦିଆଯାଇଥିବା ନେଇ ଆର୍‌ଟିଆଇ ମାଧ୍ୟମରେ ମିଳିଥିବା ଦଲିଲରେ ତଥ୍ୟ ରହିଛି। ଏହି ନିଷ୍ପତ୍ତିରେ ସରକାରୀ ନିୟମ ପାଳନ ହୋଇଛି କି ନାହିଁ ଏବଂ ଏଥିରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି ନାହିଁ ତାହା ଭିଜିଲାନ୍ସ ତଦନ୍ତ ମାଧ୍ୟମରେ ସ୍ପଷ୍ଟ କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ଜୁନ ୧୬ ତାରିଖରେ ହଷ୍ଟେଲ ମେସ୍ ପାଇଁ ୩ ମାସିଆ ଚୁକ୍ତିଭିତ୍ତିକ ଖାଦ୍ୟ ଯୋଗାଣ ସମ୍ପର୍କରେ ଜାରି ନୋଟିସକୁ ନେଇ ମଧ୍ୟ ଅଭିଯୋଗ ଉଠିଛି। ଜଣେ ଯୋଗାଣକାରୀ ପ୍ରତି ମିଲ୍ ୩୦ ଟଙ୍କା ଦର ଦେଇଥିଲେ। ପରେ ପ୍ରତି ମିଲ୍ ୩୩ ଟଙ୍କା ଦରରେ କାର୍ଯ୍ୟାଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ପ୍ରକ୍ରିୟାରେ ଟେଣ୍ଡର ଓ ଆର୍ଥିକ ନିୟମ ପାଳନ ହୋଇଛି କି ନାହିଁ ତାହାର ତଦନ୍ତ ଦାବି କରାଯାଇଛି। ଏଥିସହ ପୁରୁଣା ଠିକା କର୍ମଚାରୀଙ୍କୁ କାର୍ଯ୍ୟରୁ ବାଦ ଦେବା, ନୂଆ ସଂସ୍ଥା ଅଧୀନରେ ନିଯୁକ୍ତି ପାଇଁ କଥିତ ଭାବେ ଟଙ୍କା ଦାବି ଏବଂ ଗଣମାଧ୍ୟମରେ କୁଳପତିଙ୍କ ବିରୋଧରେ ମତ ଦେଇଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ନ ଦେବା ନେଇ ମଧ୍ୟ ସଂଗଠନ ଅଭିଯୋଗ କରିଛି। ଏହି ସମସ୍ତ ଅଭିଯୋଗର ୭ ଦିନ ମଧ୍ୟରେ ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଆବଶ୍ୟକ ହେଲେ ଭିଜିଲାନ୍ସ ତଦନ୍ତ କରାଯାଉ। ଦୋଷୀ ପ୍ରମାଣିତ ହେଲେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଚାକିରି ହରାଇଥିବା ଠିକା କର୍ମଚାରୀଙ୍କ ସ୍ୱାର୍ଥର ସୁରକ୍ଷା କରାଯାଉ ବୋଲି ବଲାଙ୍ଗୀର ଜିଲ୍ଲା ଯୁବ କଂଗ୍ରେସ ଦାବି କରିଛି। ନଚେତ ଜୋରଦାର ଆନ୍ଦୋଳନ ହେବ ବୋଲି ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅଙ୍କିତ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରା, ଜିଲ୍ଲା ଯୁବ କଂଗ୍ରେସ ମୁଖପାତ୍ର ନୀତିଶ ପ୍ରଧାନ, ଲଖନ ସାହୁ, ପଞ୍ଚାନନ ସାଣ୍ଡ, ଶଶାଙ୍କ ମେହେର ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ।

## ହ୍ୱାଟ୍ସଆପ୍ ଗ୍ରୁପରେ ଅଶ୍ଳୀଳ ଭାଷା ପ୍ରୟୋଗ ଓ ଧମକ ଦେଇ ଗିରଫ

ଖପ୍ରାଖୋଲ, ୩୧।୮ (ସମିସ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଗମ୍ଭାରୀ ଗାଁରେ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ଅଶ୍ଳୀଳ ମେସେଜ୍ ପଠାଇବା ଏବଂ ବିରୋଧ କରିବାରୁ ମାର୍‌ପିଟ୍ ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଗମ୍ଭାରୀ ଗାଁର ଉମାକାନ୍ତ ଗଡ଼ତ୍ୟା। ସେ ଗମ୍ଭାରି ଜିପି ହାଲ୍ ଚାଲ୍' ନାମକ ଏକ ହ୍ୱାଟ୍ସଆପ ଗ୍ରୁପ୍ ତିଆରି କରିଥିଲା। ସେଥିରେ ସେ ଅଶ୍ଳୀଳ ଭାଷାରେ ମେସେଜ୍ ପଠାଉଥିଲା। ଗତ ୨ ତାରିଖ ଦିନ ରାତିରେ ଗାଁର ରମାରଞ୍ଜନ ଓରଫ ନୀଳ ପାଣିଗ୍ରାହୀ (୫୦) ଏହାର କାରଣ ପଚାରିବାରୁ ଉମାକାନ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ଜୀବନରୁ ମାରିଦେବାକୁ ମଦ୍ୟ ଧମକ ଦେଇଥିଲେ। ଏନେଇ ନୀଳ ଖାପ୍ରାଖୋଲ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ନରେନ୍ଦ୍ର ଛତ୍ର ଏହି ମାମଲାର ତଦନ୍ତ କରି ଅଭିଯୁକ୍ତ ଉମାକାନ୍ତକୁ ଗିରଫ କରିଛନ୍ତି।

## ମାସେ ପରେ ଫଲସାପଡ଼ାକୁ ବିଦ୍ୟୁତ୍ ସଂଯୋଗ

'ସକାଳ' ପ୍ରଭାବ

କଣ୍ଟାବାଞ୍ଜି,୩୧।୮ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ କରୁଆମୁଣ୍ଡା ପଞ୍ଚାୟତ ପଲସାପଡା ଗାଁ ଏକ ମାସ ପରେ ବିଦ୍ୟୁତ୍ ଦେଖିଛି। ଟ୍ରାନ୍ସଫର୍ମର ଖରାପ ହୋଇ ଯାଇଥିବାରୁ ପ୍ରାୟ ୪୦ ପରିବାର ଅନ୍ଧାରରେ ଜୀବନ ବିତାଉଥିଲେ। ଏହି ସମସ୍ୟାକୁ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ସକାଳର ଖବରକୁ ପଶ୍ଚିମ ଓଡ଼ିଶାର ଟୁଇଟର ଗାର୍ଲ ଦୀପା ବାରିକ ଟୁଇଟ୍ କରି ଟାଟାପାୱାରର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ତୁରନ୍ତ ଟିମ୍ ପଠାଇ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ଫଟୋ ସହ ସୂଚନା ଦିଆଯାଇଛି। ଗାଁକୁ ବିଦ୍ୟୁତ୍ ଫେରିବା ପରେ ଗ୍ରାମବାସୀ ଖୁସି ପ୍ରକଟ କରିବା ସହ ଦୈନିକ 'ସକାଳ' ଏବଂ ଦୀପା ବାରିକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମୁରିବାହାଲ ଆଦିବାସୀପଡ଼ା ଦୁର୍ଗାପୂଜା କମିଟିର ନୂଆ କର୍ମକର୍ତ୍ତା


ମୁରିବାହାଲ,୩୧।୮ (ସମିସ): ମୁରିବାହାଲ ଆଦିବାସୀ ପଡାର ୨୮ତମ ଦୁର୍ଗାପୂଜା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନୋରଞ୍ଜନ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ଅନିଲ ଭୋଇଙ୍କୁ ସଭାପତି ଓ ପିଙ୍କୁ ଭୋଇଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଉପସଭାପତି ଭାବେ ଦୁର୍ବାଦଳ ଭୋଇ, କୋଷାଧ୍ୟକ୍ଷ ଭାବେ ରିକ୍ରମ ଭୋଇ, ସହସମ୍ପାଦକ ଭାବେ ବଳିଆର ଭୋଇ, ସହ କୋଷାଧ୍ୟକ୍ଷ ଭାବେ ଦେବାର୍ଚ୍ଚନ ଭୋଇଙ୍କୁ ମନୋନୀତ କରାଯାଇଛି। କମିଟିର ଉପଦେଷ୍ଟା ବରିଷ୍ଠ ସଦସ୍ୟ ଦାମୋଦର ଭୋଇ, ଘନଶ୍ୟାମ ଭୋଇ, ନୀଳାଞ୍ଚଳ ଭୋଇ, ଶମ୍ଭୁ ପ୍ରସାଦ ଭୋଇ, ବିଷ୍ଣୁ ପ୍ରସାଦ ଭୋଇ, ନିମନ୍ତ ଭୋଇ, କୃଷ୍ଣଚନ୍ଦ୍ର ଭୋଇ, ନେତ୍ରାନନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ଥଲେ। କାର୍ଯ୍ୟକାରୀ ସଦସ୍ୟ ଯୁବରାଜ ଭୋଇ, ଧନଞ୍ଜୟ ଯାନୀ, ରାଜେଶ ଭୋଇ, ତାଳେସ୍ୱର ଭୋଇ, ଗୋବିନ୍ଦ ଭୋଇ, ସୁଧାଂଶୁ ଭୋଇ, ରିଙ୍କୁ ଭୋଇ, ପ୍ରବୀଣ ଭୋଇ, ଖଗେଶ୍ୱର ଭୋଇ, ଚନ୍ଦ୍ରଶେଖର ଭୋଇ, ଦୁର୍ଲଭ ଭୋଇ, କ୍ରିଷ୍ଣା ଭୋଇ, ସୋମନାଥ ଭୋଇ, ଜଗଧୀସ ଭୋଇ, କୋହିନୁର ଭୋଇ, ଲବ ଭୋଇ, କୁଶ ଭୋଇ ଏବଂ ଗୁପ୍ତେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ନବ ଭାରତ ସାକ୍ଷରତା ଅଭିଯାନ



ମୁରିବାହାଲ,୩୧।୮ (ସମିସ): ମୁରିବାହାଲ ବ୍ଲକ ସ୍ଥିତ ପଞ୍ଚାୟତୀ ଉଚ୍ଚ ବିଦ୍ୟାଳୟ ପରିସରରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀ ଶାନ୍ତନୁ ପଢିହାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣରେ ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ, ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ଶିକ୍ଷକ ଓ ସର୍ବେକ୍ଷଣକାରୀମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ ଯୋଗ ଦେଇ ପ୍ରଶିକ୍ଷଣର ଉଦ୍‌ଘାଟନ କରିଥିଲେ। ବ୍ଲକ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କାନ୍ତାରାମ ଧରୁଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧନ କର୍ମୀ ଅଶୋକ ସାହୁ, ନକୁଳ ମାଝୀ ଓ ଭୀଷ୍ମ ସେଠ୍ ଶିକ୍ଷାର୍ଥୀଙ୍କ ପଞ୍ଜୀକରଣ, ଶିକ୍ଷଣ ପଦ୍ଧତି ଓ ଶିକ୍ଷାଦାନ ପ୍ରକ୍ରିୟା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ମହିଳା ଯବାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବଲାଙ୍ଗିର,୩୧।୮ (ସମିସ): ବଲାଙ୍ଗିର ଜିଲ୍ଲା ସଦର ବ୍ଲକ୍ ଦୁଆନପାଲି ଗାଁର ପ୍ରଥମ ମହିଳା ଯବାନ ତାଲିମ ପରେ ଘରକୁ ଫେରିଛନ୍ତି। ତାଙ୍କୁ ଗ୍ରାମର ଯୁବକମାନେ ସମ୍ବର୍ଦ୍ଧନା ଦେବା ସହ ସ୍ୱାଗତ କରିଛନ୍ତି। ଦୁଆନପାଲି ଗାଁର ସଂଗୀତ ଭୁଏ ୨୦୨୬ ମସିହାରେ ସୀମା ସୁରକ୍ଷା ଯବାନ ଭାବେ ନିଯୁକ୍ତି ପାଇଥିଲେ। ୨୦୨୬ ମାର୍ଚ୍ଚ ୯ ତାରିଖରେ ସେ ପଞ୍ଜାବ ହୋସିୟାରପୁରରେ ଯୋଗଦେଇ ତାଲିମ ନେଇଥିଲେ। ୫ ମାସର କଠିନ ତାଲିମ ଗ୍ରହଣ କରିବା ପରେ ସୋମବାର ପ୍ରଥମ ଥର ପାଇଁ ଘରକୁ ଆସିଛନ୍ତି। ଦୁଆନପାଲି ଭଳି ଏକ ମଫସଲରୁ ଜଣେ ମହିଳା ହୋଇ ସୀମା ସୁରକ୍ଷା ବଳରେ ଯବାନ ଭାବେ ଯୋଗଦେବା ନିହାତି ଭାବେ ଏକ ଉଦାହରଣ। ତାଙ୍କୁ ଗାଁର ଯୁବକମାନେ ଦେବାଶିଷ ପାଣ୍ଡିଆଙ୍କ ନେତୃତ୍ୱରେ ବଲାଙ୍ଗିର ରେଳ ଷ୍ଟେସନରେ ସମ୍ବର୍ଦ୍ଧିତ କରି ସ୍ୱାଗତ କରିଥିଲେ।

## ୮୨ ବର୍ଷରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ

# ଜଣେ ମହାରାଜାଙ୍କ ସ୍ୱପ୍ନରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ...




ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆଜି ନିଜର ଷଷ୍ଠ ପ୍ରତିଷ୍ଠା ଦିବସ ପାଳନ କରୁଛି; କିନ୍ତୁ ଏହି ଅନୁଷ୍ଠାନର ଇତିହାସକୁ କେବଳ ୬ ବର୍ଷରେ ସୀମିତ କରାଯାଇପାରିବ ନାହିଁ। ଏହି ପ୍ରତିଷ୍ଠାନ ଏକ ଦୀର୍ଘ ଓ ଗୌରବମୟ ପରମ୍ପରାର ଉତ୍ତରାଧିକାରୀ। ୧୯୪୪ ଜୁଲାଇ ୩ରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା; ଯେତେବେଳେ ତତ୍କାଳୀନ ପାଟଣା ରାଜ୍ୟର ଶାସକ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ରାଜେନ୍ଦ୍ର କଲେଜ ପ୍ରତିଷ୍ଠା କରିଥିଲେ। ତେଣୁ ଆଜି କେବଳ ଏକ ବିଶ୍ୱବିଦ୍ୟାଳୟର ଷଷ୍ଠ ବାର୍ଷିକୀ ନୁହେଁ; ବରଂ ୮ ଦଶନ୍ଧିରୁ ଅଧିକ ସମୟ ଧରି ପଶ୍ଚିମ ଓଡ଼ିଶାର ସାମାଜିକ ପରିବର୍ତ୍ତନ ସହିତ ଆଗେଇ ଆସିଥିବା ଏହା ଏକ ଐତିହାସିକ ଯାତ୍ରା। ରାଜେନ୍ଦ୍ରର କାହାଣୀ ଅନେକ ଦୃଷ୍ଟିରୁ ପଶ୍ଚିମ ଓଡ଼ିଶାର ନିଜସ୍ୱ କାହାଣୀ। ୧୯୪୪ରେ ଯେତେବେଳେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ସେତେବେଳେ ପଶ୍ଚିମ ଓଡ଼ିଶାର ବହୁ ଲୋକଙ୍କ ପାଇଁ ଉଚ୍ଚଶିକ୍ଷା ସ୍ୱପ୍ନ ଥିଲା। ଏପରି ପରିସ୍ଥିତିରେ ବଲାଙ୍ଗୀରରେ ଏକ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ସ୍ଥାପନା କେବଳ ଏକ ଶିକ୍ଷାଗତ ପଦକ୍ଷେପ ନ ଥିଲା; ଏହା ଥିଲା ଏକ ସାମାଜିକ ଦୂରଦୃଷ୍ଟିର ପ୍ରତୀକ। ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ବୁଝିଥିଲେ ଯେ କୌଣସି ଅଞ୍ଚଳର ପ୍ରକୃତ ପ୍ରଗତି ଶେଷ ପର୍ଯ୍ୟନ୍ତ ଏପରି ପ୍ରତିଷ୍ଠାନ ଗଠନ ଉପରେ ନିର୍ଭର କରେ, ଯେଉଁଗୁଡ଼ିକ ଜ୍ଞାନ, ନେତୃତ୍ୱ ଓ ମାନବ ସମ୍ବଳ ସୃଷ୍ଟି କରିପାରିବ। ରାଜେନ୍ଦ୍ର କଲେଜ ଏକ ଇଣ୍ଟରମିଡିଏଟ୍ କଲେଜ ଭାବେ ତାହାର ଯାତ୍ରା ଆରମ୍ଭ କରିଥିଲା। ୧୯୪୬ ଜୁଲାଇରେ ବି.ଏ. ପାସ୍ ପାଠ୍ୟକ୍ରମ ଆରମ୍ଭ ହେବା ସହିତ ଏହା ଏକ ଡିଗ୍ରୀ କଲେଜରେ ଉନ୍ନୀତ ହୋଇଥିଲା। ଏହାର ଶିକ୍ଷାଗତ ବିସ୍ତାର ନିରନ୍ତର ଭାବେ ଜାରି ରହିଲା। ୧୯୬୪-୬୫ ଶିକ୍ଷାବର୍ଷରେ ବାଣିଜ୍ୟ ଏହାର ଡିଗ୍ରୀ ଶିକ୍ଷାର ଏକ ପୂର୍ଣ୍ଣାଙ୍ଗ ଅଂଶ ହେଲା। ୧୯୬୫-୬୬ରେ ବିଜ୍ଞାନ ଶିକ୍ଷା ଆରମ୍ଭ ହେଲା। ୧୯୭୮-୭୯ରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକୋତ୍ତର ଶିକ୍ଷା ଆରମ୍ଭ ହେଲା। ୧୯୬୭ ଜାନୁଆରୀରୁ ଏହି ମହାବିଦ୍ୟାଳୟ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧିବନ୍ଧନରେ ଆସିଥିଲା। ୨୦୦୨ରେ ଆଉ ଏକ ନିର୍ଣ୍ଣାୟକ ମାଇଲଖୁଣ୍ଟ ଅତିକ୍ରମ କରି ଏହାକୁ ୧ ଏପ୍ରିଲ ୨୦୦୨ଠାରୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ମିଳିଥିଲା। ଏହି ପ୍ରତ୍ୟେକ ପରିବର୍ତ୍ତନ କେବଳ ପ୍ରଶାସନିକ ପରିବର୍ତ୍ତନ ନ ଥିଲା; ପ୍ରତ୍ୟେକଟି ଏକ ବୃହତ୍ତର ଶିକ୍ଷାଗତ ପରିବର୍ତ୍ତନର ପ୍ରତୀକ ଥିଲା। ଇଣ୍ଟରମିଡିଏଟ୍ ଶିକ୍ଷାରୁ ସ୍ନାତକ ଶିକ୍ଷା, ସ୍ନାତକ ଶିକ୍ଷାରୁ ସ୍ନାତକୋତ୍ତର ଶିକ୍ଷା, ଅଧିବନ୍ଧନରୁ ଧୀରେ ଧୀରେ ଶିକ୍ଷାଗତ ସ୍ୱାୟତ୍ତତା ଏବଂ ଶେଷରେ ସ୍ୱାୟତ୍ତତାରୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତରଣ ଏହି ଥିଲା ରାଜେନ୍ଦ୍ରର ଅଗ୍ରଯାତ୍ରା। ୨୦୨୦ରେ ଏହି ରୂପାନ୍ତରଣ ସାକାର ହେଲା। ଓଡ଼ିଶା ସରକାର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଉନ୍ନୀତ କଲେ। ୨୦୨୦ ସେପ୍ଟେମ୍ବର ୧ଠାରୁ ଏହା ଏକ ବିଶ୍ୱବିଦ୍ୟାଳୟ ଭାବେ କାର୍ଯ୍ୟକ୍ଷମ ହେଲା। ଏହାର ଅଧିକାର କ୍ଷେତ୍ର ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାର ମହାବିଦ୍ୟାଳୟଗୁଡ଼ିକ ପର୍ଯ୍ୟନ୍ତ ବିସ୍ତୃତ। ପ୍ରାୟ ୬୦ ଏକର ଜମିରେ ବିସ୍ତୃତ ଏହାର ପରିସରରେ ଶିକ୍ଷାଗତ, ପ୍ରଶାସନିକ, ବିଜ୍ଞାନ, ବାଣିଜ୍ୟ ଏବଂ ନୂତନ ଶିକ୍ଷାଗତ ସୁବିଧା ରହିଛି। ଏହାର ପୁସ୍ତକାଳୟ ଏକ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧିକ ସମ୍ପଦ ଭାବେ ପରିଗଣିତ ହୋଇଥାଏ। କଳା, ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକୋତ୍ତର ଶିକ୍ଷାର ମଧ୍ୟ ବିସ୍ତାର ଘଟିଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରଫେସର ଦୀପକ ବେହେରା ନେତୃତ୍ୱ ପ୍ରଦାନ କରିଥିଲେ। ପ୍ରଫେସର ଉମା ବଲ୍ଲଭ ମହାପାତ୍ର ୨୦୨୧ ଏପ୍ରିଲରେ ଏହାର ପ୍ରଥମ ନିୟମିତ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।



ପ୍ରଫେସର ବିଭୂତି ଭୂଷଣ ମଲିକ
କୁଳପତି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ

ଏସ୍‌ସି/ ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତି ଦେଲେ ମୁଖ୍ୟମନ୍ତ୍ରୀ

# ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖା ଓ ଟ୍ୟୁସନ ଫି' ଛାଡ଼

ଭୁବନେଶ୍ୱର,୩୧।୮ (ସମିସ): ଏଣିକି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଗରିବ ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖା ସମୟରେ ଏବଂ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ କୌଣସି ଫି' ଜମା କରିବାକୁ ପଡ଼ିବ ନାହିଁ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି

**ଦେବାକୁ ପଡ଼ିବନି ନାମଲେଖା ଫି' ଏବଂ ୬ ମାସ ପର୍ଯ୍ୟନ୍ତ ଟ୍ୟୁସନ୍ ଓ ଅନ୍ୟାନ୍ୟ ଦେୟ**

ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଛି। ରାଜ୍ୟ ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖା ବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ଗରିବ ଛାତ୍ରଛାତ୍ରୀମାନେ ଅନେକ ସମୟରେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ଏହି ବର୍ଗର ମେଧାବୀ ଛାତ୍ରଛାତ୍ରୀମାନେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥା'ନ୍ତି। କିନ୍ତୁ ନାମଲେଖା ବେଳେ ଅର୍ଥ ଜମା କରିବା ପାଇଁ ସେମାନଙ୍କ ପାଖରେ ସମ୍ବଳ ନ ଥାଏ। ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଏହି ଛାତ୍ରଛାତ୍ରୀମାନେ ସାଧାରଣତଃ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ବୃତ୍ତି ପାଇଥା'ନ୍ତି। ତେବେ ଏହି ବୃତ୍ତି ଅର୍ଥ ପାଇବାର ପ୍ରକ୍ରିୟା ଶେଷ ହୋଇ ଟଙ୍କା ପାଇବା ବେଳକୁ ୩-୪ ମାସ ଲାଗିଥାଏ। ତେଣୁ ବର୍ତ୍ତମାନ ଏହି ବର୍ଗର ଛାତ୍ରଛାତ୍ରୀମାନେ ସେମାନଙ୍କ ବୃତ୍ତି ଟଙ୍କା ପାଇବା ପରେ ସୁବିଧାରେ ସେମାନଙ୍କ ନାମଲେଖା ଓ ଟ୍ୟୁସନ ଫି' ଜମା କରିପାରିବେ। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଏକ ମାର୍ଗଦର୍ଶିକା ଜାରି କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରସଙ୍ଗ

# ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଜେପି ଓଡ଼ିଶାର ଖଣିଜ ସମ୍ପଦ ଲୁଣ୍ଠନ କରୁଛି: ବିଜେଡି

ଭୁବନେଶ୍ୱର, ୩୧।୮ (ସମିସ): ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ଜରିଆରେ ଓଡ଼ିଶାର ଖଣିଜ ସମ୍ପଦକୁ ଲୁଣ୍ଠନ କରିବାକୁ ବସିଛି ଡବଲ ଇଞ୍ଜିନ ସରକାର। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ମିଥ୍ୟା ତଥ୍ୟ ଦେଇ ଓଡିଶାବାସୀଙ୍କୁ ଭ୍ରମିତ କରୁଛି। ପୁଞ୍ଜିପତିମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ରତ୍ନଗର୍ଭା ଓଡ଼ିଶାକୁ ଡବଲ ଇଞ୍ଜିନ ସରକାର ଲୁଣ୍ଠନ କରୁଛି ବୋଲି କଡ଼ା ସମାଲୋଚନା କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଡବଲ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିବା କହି କଡ଼ା ନିନ୍ଦା କରିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଏହି କଳା ଆଇନ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରତିଟି ଓଡ଼ିଆଙ୍କ ମନକୁ କୁଠାରଘାତ କରିଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ କହିଥିଲେ, "ମୋତେ ଅର୍ଥନୈତିକ ସ୍ୱାଧୀନତା ଦିଅ, ମୁଁ ଓଡ଼ିଶାକୁ ଏସିଆ ମହାଦେଶର ସମୃଦ୍ଧ ରାଜ୍ୟ କରି ଗଢ଼ି ତୋଳିବି।" କାରଣ ସେ ସବୁବେଳେ ନିଜ ମାଟିର କଥା ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ବିଜେପି ନେତାମାନେ ଓଡ଼ିଶା ସ୍ୱାର୍ଥ ଭୁଲି କେନ୍ଦ୍ର ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି।




- ରାଜ୍ୟର ଅର୍ଥନୈତିକ ଅଧିକାରକୁ କ୍ଷୁଣ୍ଣ କରୁଛି ଡବଲ ଇଞ୍ଜିନ ସରକାର
- ଓଡ଼ିଶାବାସୀଙ୍କୁ ମିଥ୍ୟା ତଥ୍ୟ ଦେଇ ଭ୍ରମିତ କରୁଛନ୍ତି ବିଜେପି ନେତା

ଓଡ଼ିଶାରେ ଥିବା ୪୮୦ କିମି ବିସ୍ତୀର୍ଣ୍ଣ ବେଳାଭୂମି ସହ ପ୍ରଚୁର ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ, ପ୍ରାଚୁର୍ଯ୍ୟ ଓ ମାନବ ସମ୍ବଳ ଉପରେ ଡବଲ ଇଞ୍ଜିନ ସରକାରଙ୍କ ଲୋଲୁପ ଦୃଷ୍ଟି ପଡିଛି। ଓଡ଼ିଶା ପ୍ରାଚୁର୍ଯ୍ୟର ସୁରକ୍ଷା ଓ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଲଢେଇ କରିଛନ୍ତି। ରାଜ୍ୟ ସମୃଦ୍ଧ ହେଲେ ଦେଶ ସମୃଦ୍ଧ ହେବ। ସଂଘୀୟ ଗଣତନ୍ତ୍ରରେ ରାଜ୍ୟର ସମ୍ପଦ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାର ରହିଛି। କିନ୍ତୁ ଏକତରଫା ଭାବେ ସେହି ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି ବୋଲି ଶ୍ରୀ ବର୍ମା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ୨୦୧୧ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡିର କାର୍ଯ୍ୟକାରୀ କମିଟି ବୈଠକରେ ଓଡ଼ିଶାକୁ ୫୦ ପ୍ରତିଶତ ବିତ୍ତୀୟ ସ୍ୱାଧୀନତା ପ୍ରଦାନ ପାଇଁ ରାଜନୈତିକ ପ୍ରସ୍ତାବ ଆଗତ ହୋଇ ଅନୁମୋଦିତ ହୋଇଥିଲା। କିନ୍ତୁ ବିଜେପି ପରି ଜାତୀୟ ଦଳ ଓଡିଶାର ଶାସନ ଗାଦିକୁ ଆସିବା ପରେ ରାଜ୍ୟ ପ୍ରତି ଅବିଚାର କରି ଅର୍ଥନୈତିକ ଅଧିକାରକୁ ଛଡ଼ାଇ ନେଇଛି। ଦେଶରେ ଥିବା ସମୁଦାୟ ଖଣିଜ ସଂପଦ ମଧ୍ୟରୁ ପ୍ରାୟ ୪୮ ପ୍ରତିଶତ ଖଣିଜ ସମ୍ପଦ ଓଡ଼ିଶାରେ ଗଚ୍ଛିତ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ସହ ଖଣି ଓ ଶିଳ୍ପ ସଂସ୍କାର ଆଇନ ପ୍ରଣୟନ କରିଥିଲେ। ୧୮ ବର୍ଷର ନ୍ୟାୟିକ ଲଢ଼େଇ ପରେ ୨୦୨୪ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଖଣି ଓ ଖଣିଜ ସମ୍ପଦରୁ ରାଜସ୍ୱ ଆଦାୟ କରିବା ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରିଥିଲେ। ଉକ୍ତ କଳା ଆଇନ ବଳରେ ରାଜ୍ୟର ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି। ସଂସଦରେ ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଏହି କଳା ଆଇନକୁ ସମର୍ଥନ ଜଣାଇଛନ୍ତି। କିଛି ନିର୍ଦ୍ଦିଷ୍ଟ ପୁଞ୍ଜିପତି ଓ ଖଣି ବ୍ୟବସାୟୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଓଡ଼ିଶା ଖଣିଜ ସମ୍ପଦକୁ ଟେକି ଦିଆଗଲା। ଏତେ ପରେ ମଧ୍ୟ ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ପ୍ରଦୀପ ପୁରୋହିତ ଓ ମନମୋହନ ସାମଲ ମିଥ୍ୟା କହି ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛନ୍ତି।

ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ପୁଞ୍ଜିପତି, ଶିଳ୍ପପତି ଓ ଖଣି ମାଲିକଙ୍କୁ ଲାଭାନ୍ୱିତ କରିବା ପାଇଁ ଡବଲ ଇଞ୍ଜିନ ସରକାର ଉକ୍ତ କଳା ଆଇନ ଆଣିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବେଖାତିର କରି କେନ୍ଦ୍ର ସରକାର ରାଜ୍ୟର ହକ୍‌କୁ ଛଡ଼ାଇ ନେଇ ଖଣିଜ ସମ୍ପଦରୁ ରାଜସ୍ୱ ଏବଂ ବକେୟା ଟିକସ ଆଦାୟ କରୁଛନ୍ତି, ଯାହାକି ସଂଘୀୟ ବ୍ୟବସ୍ଥାକୁ କ୍ଷୁଣ୍ଣ କରୁଛି। ଓଡ଼ିଶାବାସୀ ଧୂଳି, ଧୂଆଁ, ବିସ୍ଥାପନ ଆଦି ସମସ୍ୟାରେ ଜର୍ଜରିତ ହେବେ, କିନ୍ତୁ ଓଡ଼ିଶାର ଖଣି ରାଜସ୍ୱ ଅନ୍ୟ ରାଜ୍ୟର ବିକାଶ କାର୍ଯ୍ୟରେ ଲାଗିବ। ରାଜ୍ୟର ହକ୍ ପାଇଁ ବିଜେଡି ଲଢ଼େଇ କରିବ। ରାଜ୍ୟର ଜେନ୍ ଜି ଓ ଜେନ୍ ଆଲଫାମାନଙ୍କ ଭବିଷ୍ୟତ ପାଇଁ ବିଜେଡି ଲଢ଼େଇ ଜାରି ରଖିବ। ଓଡ଼ିଶାର ଖଣିଜ ସମ୍ପଦକୁ ଲୁଣ୍ଠନ ପାଇଁ ଯେଉଁ ଷଡ଼ଯନ୍ତ୍ର ଚାଲିଛି, ତାହାକୁ ଓଡ଼ିଶାବାସୀ କେବେ ବି ବରଦାସ୍ତ କରିବେ ନାହିଁ। ଉକ୍ତ କଳା ଆଇନକୁ ରଦ୍ଦ ନ କରିବା ପର୍ଯ୍ୟନ୍ତ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବିଜେଡିର ଲଢ଼େଇ ଜାରି ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଅବଶିଷ୍ଟାଂଶ

### ଅନ୍ତର୍ଜାତୀୟ ଫୁଟବଲ୍‌କୁ...

ନିରାଶା। ଅନେକ ବଡ଼ ଫାଇନାଲ୍‌ରେ ପରାଜୟ ପରେ ତାଙ୍କୁ ସମାଲୋଚନା ମଧ୍ୟ ସହିବାକୁ ପଡ଼ିଥିଲା। କିନ୍ତୁ ସେ ହାର ମାନି ନ ଥିଲେ। ଶେଷରେ ଆର୍ଜେଣ୍ଟିନାକୁ କୋପା ଆମେରିକା ଏବଂ ବିଶ୍ୱକପ୍ ଭଳି ବଡ଼ ମଞ୍ଚରେ ସଫଳତା ଦେବାରେ ତାଙ୍କ ଭୂମିକା ଇତିହାସରେ ଅମର ହୋଇ ରହିବ। ମେସିଙ୍କ ୨୧ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରର ସବୁଠାରୁ ଉଜ୍ଜ୍ୱଳ ଅଧ୍ୟାୟ ଥିଲା ୨୦୨୨ କତାର ବିଶ୍ୱକପ୍। ଫାଇନାଲ୍‌ରେ ଫ୍ରାନ୍ସ ବିପକ୍ଷରେ ରୋମାଞ୍ଚକର ମୁକାବିଲାରେ ମେସି ଦୁଇଟି ଗୋଲ୍ କରିଥିଲେ। ପେନାଲ୍ଟି ସୁଟ୍‌ଆଉଟ୍‌ରେ ଆର୍ଜେଣ୍ଟିନା ବିଜୟୀ ହେବା ସହ ମେସିଙ୍କ ବିଶ୍ୱକପ୍ ସ୍ୱପ୍ନ ପୂରଣ ହୋଇଥିଲା। ହାତରେ ବିଶ୍ୱକପ୍ ଟ୍ରଫି ଧରିଥିବା ମେସିଙ୍କ ଛବି ଫୁଟବଲ୍ ଇତିହାସର ଏକ ଅଭୁଲା ତଥା ଅମର ଦୃଶ୍ୟ ହୋଇ ରହିଛି।

**ରେକର୍ଡ ବୁକ୍‌ରେ ମେସି**

ଆର୍ଜେଣ୍ଟିନା ପାଇଁ ମେସି ୨୦୭ଟି ମ୍ୟାଚ୍ ଖେଳି ୧୨୫ଟି ଗୋଲ୍ ଏବଂ ୬୮ଟି ସହାୟତା ଦେଇଛନ୍ତି। କେବଳ ଦେଶ ପାଇଁ ନୁହେଁ ସେ କ୍ଲବ ଫୁଟବଲରେ ମଧ୍ୟ ସଫଳତାର ଶୀର୍ଷକୁ ଛୁଇଁଥିଲେ। ସେ ବାର୍ସିଲୋନା ସମେତ, ପ୍ୟାରିସ ସେଣ୍ଟ ଜର୍ମେନ, ଇଣ୍ଟର ମିଆମି ଭଳି କ୍ଲବ ପାଇଁ ଖେଳିଥିଲେ। କେବଳ ବାର୍ସିଲୋନା ପାଇଁ ସେ ୫୨୦ ମ୍ୟାଚ୍ ଖେଳି ୪୭୪ ଗୋଲ ସ୍କୋର କରିଥିଲେ। ସେ ୮ଥର ଫିଫା ଦ୍ୱାରା ବିଶ୍ୱର ଶ୍ରେଷ୍ଠ ଫୁଟବଲର ଭାବେ ପୁରସ୍କୃତ ହୋଇଥିଲେ। ସେ କ୍ୟାରିୟରରେ ମୋଟ ୪୬ଟି ଟିମ୍ ଟ୍ରଫି ହାସଲ କରିଥିଲେ। ସେ ବିଶ୍ୱ ଫୁଟବଲରେ ପାଖାପାଖି ସବୁ ରେକର୍ଡର ଅଧିକାରୀ ହୋଇଥିଲେ। ତାଙ୍କ ଅସାଧାରଣ ପ୍ରତିଭା, ଡ୍ରିବ୍‌ଲିଂ, ଗୋଲ୍ ସ୍କୋରିଂ ଦକ୍ଷତା ଏବଂ ଖେଳକୁ ବୁଝିବାର ଅଦ୍ଭୁତ କ୍ଷମତା ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ଫୁଟବଲ୍ ଖେଳାଳିଙ୍କ ତାଲିକାରେ ସ୍ଥାନ ଦେଇଛି। ତାଙ୍କ ବିଦାୟ ସହ ଆର୍ଜେଣ୍ଟିନା ଫୁଟବଲ୍ ଏକ ନୂଆ ଅଧ୍ୟାୟକୁ ପ୍ରବେଶ କରିବ। ମେସି ନିଜେ କହିଛନ୍ତି ଯେ ଦଳରେ ଆସୁଥିବା ନୂଆ ପିଢ଼ିର ଖେଳାଳିମାନେ ସୁଯୋଗ ପାଇବା ଯୋଗ୍ୟ। ବିଦାୟ ନେବାବେଳେ ମେସିଙ୍କ ମନରେ ନାହିଁ ଅନୁତାପ, ରହିଛି ଶାନ୍ତି ଓ ଗର୍ବ। ଫୁଟବଲ୍‌ର ପଡ଼ିଆରେ ମେସି ଛାଡ଼ିଯାଇଥିବା ପାଦଚିହ୍ନ ଏତେ ଗଭୀର ଯେ, ସମୟ ମଧ୍ୟ ତାହାକୁ ସହଜରେ ମିଟାଇ ପାରିବ ନାହିଁ।

### ଚଳନ୍ତା ବସ୍‌ରେ...

ଏହି ଘଟଣାକୁ ନେଇ ବିରୋଧୀ ଦଳ ପକ୍ଷରୁ ଉଭୟ ଦିଲ୍ଲୀ ଓ ଉତ୍ତରପ୍ରଦେଶ ସରକାରଙ୍କୁ କଡ଼ା ସମାଲୋଚନା କରାଯାଇଛି। ମହିଳାଙ୍କ ସୁରକ୍ଷାକୁ ନେଇ ସରକାରଙ୍କ ଦାବି ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି। ଘଟଣାକୁ ନେଇ କଂଗ୍ରେସ ଦିଲ୍ଲୀ ଓ ଉତ୍ତରପ୍ରଦେଶ ସରକାରଙ୍କୁ ସମାଲୋଚନା କରିଛି। ମହିଳା ସୁରକ୍ଷା ନେଇ ସରକାରଙ୍କ ଦାବି ଉପରେ ପ୍ରଶ୍ନ ଉଠାଇ ଦଳ କହିଛି ଯେ ଘଟଣାଟି ଦେଶକୁ ଦୋହଲାଇ ଦେଇଛି। ଦୁଇ ରାଜ୍ୟର ପୁଲିସର ନିରୀକ୍ଷଣ ଓ ଯାଞ୍ଚ ବ୍ୟବସ୍ଥା ନେଇ ମଧ୍ୟ କଂଗ୍ରେସ ପ୍ରଶ୍ନ ଉଠାଇଛି।

### ନିଟ୍‌ବିରୋଧୀ ଆନ୍ଦୋଳନକାରୀଙ୍କ...

ତୁଷାର ମେହେଟ୍ଟାଙ୍କ ଆବେଦନକୁ ଗ୍ରହଣ କରି କୋର୍ଟ ମଙ୍ଗଳବାର ଏହି ମାମଲାର ଶୁଣାଣି କରିବେ। ସମ୍ବିଧାନର ଧାରା ୧୪୨ର ପ୍ରୟୋଗ କରି ଏହି ସମସ୍ତ ମାମଲା ଗୁଡ଼ିକୁ ରଦ୍ଦ କରିବା ପାଇଁ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ବିଚାର କରିବେ। ବିକ୍ଷୋଭ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବା ପାଇଁ ରାଜ୍ୟ ସରକାରମାନେ ସ୍ୱାଧୀନ ବୋଲି ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ତେବେ ଗୁରୁତର ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଏଥିରୁ ଆଶ୍ୱସ୍ତି ମିଳିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଏହା ସହିତ, ପୁଲିସର ଅତିରିକ୍ତ କାର୍ଯ୍ୟାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅଭିଯୋଗର ଯାଞ୍ଚ ପାଇଁ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଆର ସୁଭାଷ ରେଡ୍ଡୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଅନୁସନ୍ଧାନ କମିଟି ଗଠନ କରାଯାଇଛି। ଅନ୍ୟପଟେ, କେନ୍ଦ୍ର ସରକାର ଜୁଲାଇ ୨୫ରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିନଥିବା ଅଭିଯୋଗ କରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ସେପ୍ଟେମ୍ବର ୫ରେ ନୂଆଦିଲ୍ଲୀରେ ପୁନର୍ବାର ପ୍ରତିବାଦ ଶୋଭାଯାତ୍ରା କରିବାକୁ ଆହ୍ୱାନ ଦେଇଛି।

### ଅଟକିବନି ସିଜେପିର...

ହୋଇନାହିଁ। ସେଗୁଡ଼ିକ ହେଲା, ମୃତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ, ଛାତ୍ରଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର, ରାପିଡ୍ ଆକ୍ସନ୍ ଫୋର୍ସ ଓ ଦିଲ୍ଲୀ ପୋଲିସର କ୍ଷମାପ୍ରାର୍ଥନା। ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ସିଜେପି ଜୁନ୍ ୨୦ରୁ ଯନ୍ତରମନ୍ତରରେ ଆନ୍ଦୋଳନ ଆରମ୍ଭ କରିଥିଲା। ଜୁଲାଇ ୨୫ରେ ସରକାରଙ୍କ ଆଶ୍ୱାସନା ପରେ ଆନ୍ଦୋଳନ ଶେଷ ହୋଇଥିଲା। ଜୁଲାଇ ୨୦ରେ ସିଜେପି ପାର୍ଲାମେଣ୍ଟ ଅଭିମୁଖେ ମାର୍ଚ୍ଚ କରିଥିବା ବେଳେ ଦିଲ୍ଲୀ ପୋଲିସ ଅନୁମତି ଦେଇନଥିଲା ଏବଂ ପ୍ରଦର୍ଶନକାରୀଙ୍କ ଉପରେ ଲାଠିଚାର୍ଜ ହୋଇଥିଲା। ଏହି ଘଟଣାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଅବସରପ୍ରାପ୍ତ ବିଚାରପତି ଆର୍. ସୁଭାଷ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି।

### ୟୁନିୟନ ବ୍ୟାଙ୍କର...

ହୋଇଥିବାବେଳେ ୭୬ଟି ଆକାଉଣ୍ଟର ଋଣ ଏବେ ବି ବକେୟା ରହିଛି। ଗତ ୧୮ ତାରିଖ ସୁଦ୍ଧା ଏହି ୭୬ଟି ସକ୍ରିୟ ଆକାଉଣ୍ଟରେ ମୋଟ ୧ କୋଟି ୯୭ ଲକ୍ଷ ୫୦ ହଜାର ୬୩୬ ଟଙ୍କା ବକେୟା ଥିବା ଇଓଡବ୍ଲୁ ପକ୍ଷରୁ କୁହାଯାଇଛି। ମଞ୍ଜୁର ହୋଇଥିବା ଋଣ ଟଙ୍କା ପ୍ରଥମେ ସମ୍ପୃକ୍ତ ଋଣ ଗ୍ରହୀତାଙ୍କ ଆକାଉଣ୍ଟକୁ ଜମା କରାଯାଉଥିଲା। ପରେ ସେମାନଙ୍କ ଅଜାଣତରେ ଓ ବିନା ସମ୍ମତିରେ ଟଙ୍କାକୁ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଶେଷରେ ସତ୍ୟବ୍ରତ ଓ ତାଙ୍କ ସହଯୋଗୀଙ୍କ ସହ ସମ୍ପର୍କିତ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ତଦନ୍ତ ବେଳେ ଜଣାପଡ଼ିଛି।

### ମହାପ୍ରଭୁଙ୍କ ରତ୍ନ ଅଳଙ୍କାର...

ସାମଗ୍ରୀଗୁଡ଼ିକର ଗଣତି କରିବା ସମ୍ଭବ ହେବ ନାହିଁ। ତେଣୁ ଏହି କାଠ ବାକ୍ସଗୁଡ଼ିକୁ ଖଟଶେଯ ଘରକୁ ଅଣାଯାଇ ଗଣତି କରାଯିବ। ଅର୍ଥାତ୍ ସେହି ସାମଗ୍ରୀଗୁଡ଼ିକର ଓଜନ, ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ଥ୍ରୀଡି ମ୍ୟାପିଙ୍ଗ୍ ମଧ୍ୟ କରାଯିବ। ଗଣତି ପରେ ମୂଲ୍ୟବାନ ସାମଗ୍ରୀଗୁଡ଼ିକୁ ନୂଆ ବାକ୍ସରେ ରଖାଯାଇ ପୁଣି ଭିତର ରତ୍ନଭଣ୍ଡାରକୁ ନିଆଯିବ। ତେବେ ଗଣତି ମଣତି ପ୍ରକ୍ରିୟା କେଉଁ ଦିନ ସମ୍ପୂର୍ଣ୍ଣ ଶେଷ ହେବ, ତାହା ବର୍ତ୍ତମାନ କହିହେବ ନାହିଁ। କାରଣ ଗୋଟିଏ ଗୋଟିଏ ଅଳଙ୍କାରର ଗଣତି ଓ ମାପଚୁପ ପାଇଁ ଅଧଘଣ୍ଟାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗୁଛି। ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିର୍ଭୁଲତାର ସହ ଏହି ପ୍ରକ୍ରିୟା କରାଯାଉଥିବା ମୁଖ୍ୟ ପ୍ରଶାସକ କହିଛନ୍ତି। ଡ. ପାଢ଼ୀଙ୍କ କହିବାନୁଯାୟୀ, ୧୯୭୮ ମସିହାର ତାଲିକା ସହ ବର୍ତ୍ତମାନର ରତ୍ନ ଅଳଙ୍କାରଗୁଡ଼ିକର ମେଳକ କରାଯାଉଛି। ଏ ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ଭାବେ ମେଳକ ହେଉଛି। ମଙ୍ଗଳବାର ସକାଳ ଧୂପ ପରେ ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତି କରାଯିବ। ତେବେ ସେପ୍ଟେମ୍ବର ମାସରେ ନୀତିକାନ୍ତି ବହୁଳତା ଥିବାରୁ ଗଣତି ପାଇଁ କମ୍ ସମୟ ମିଳିପାରେ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

### କ୍ରାଇମବ୍ରାଞ୍ଚ ଆଇଜି...

ଡିଆଇଜି (ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ), କୋରାପୁଟ ଓ ଡିଆଇଜି (ଟେକ୍ନିକାଲ୍) ଭଳି ପଦବୀରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଆଇଜି (ଟେକ୍ନିକାଲ୍), ଆଇଜି (ଫାୟାର ସର୍ଭିସେସ୍ ଓ ହୋମ୍‌ଗାର୍ଡସ୍) ଓ ଆଇଜି (ଏଚ୍‌ଆର୍‌ପିସି) ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ଦାୟିତ୍ୱ ତୁଲାଇଛନ୍ତି। ୧୦ ଜୁଲାଇ ୨୦୨୩ରୁ ସେ କ୍ରାଇମବ୍ରାଞ୍ଚ ଆଇଜି ଭାବେ କାର୍ଯ୍ୟରତ ଥିଲେ। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ୨୦୨୦ ମସିହାରେ ପୁଲିସ ଆନ୍ତରିକ ସୁରକ୍ଷା ସେବା ପଦକ ପାଇଥିଲେ। ଅପରାଧର ତଦନ୍ତ, ଜଟିଳ ମାମଲାର ଅନୁସନ୍ଧାନ ଓ ପୁଲିସ ପ୍ରଶାସନର ବିଭିନ୍ନ ଦାୟିତ୍ୱ ସେ ତୁଲାଇଥିଲେ। ସହକର୍ମୀଙ୍କ ମଧ୍ୟରେ ଜଣେ ଦାୟିତ୍ୱବାନ ଓ ନିଷ୍ଠାବାନ ଅଧିକାରୀ ଭାବେ ତାଙ୍କର ପରିଚୟ ଥିଲା। ସଫିନଙ୍କ ଅକାଳ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିଛନ୍ତି। ସଫିନଙ୍କ ଅକାଳ ବିୟୋଗ ତାଙ୍କୁ ସ୍ତବ୍ଧ କରିଦେଇଥିବା ମୁଖ୍ୟମନ୍ତ୍ରୀ କହିବା ସହ ଓଡ଼ିଶା ପୁଲିସ ପ୍ରତି ତାଙ୍କ ସେବା ସବୁଦିନ ମନେ ରହିବ ବୋଲି କହିଛନ୍ତି। ତାଙ୍କ ପରିବାରକୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଦେବାକୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ଅମରଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ସାମାଜିକ ଗଣମାଧ୍ୟମ ଏକ୍ସରେ ଶୋକ ବ୍ୟକ୍ତ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ଓଡ଼ିଶା ପୁଲିସ ପ୍ରତି ସଫିନଙ୍କର ସମର୍ପଣଭାବ ଓ ଜଣେ ଅଧିକାରୀ ଭାବରେ ତାଙ୍କର ଆନ୍ତରିକତା ସର୍ବଦା ମନେ ରହିବ। ଏହି ଦୁଃଖଦ କ୍ଷତି ପାଇଁ ତାଙ୍କ ପରିବାର ଏବଂ ବନ୍ଧୁମାନଙ୍କ ପ୍ରତି ନବୀନ ଗଭୀର ସମବେଦନା ଜଣାଇଛନ୍ତି।

### ଆଉ ୫୦ ବର୍ଷରେ...

ହୋଇପାରେ। ଏପରି ବ୍ୟବସ୍ଥା ଗ୍ଲୋବାଲ୍ ୱାର୍ମିଂ ସମସ୍ୟାକୁ ପ୍ରାୟ ୧ ବିଲିୟନ ବର୍ଷ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିବ ବୋଲି ସେ କହିଛନ୍ତି। ମସ୍କ ବିଶେଷ କରି ସମୁଦ୍ରତଟ ଅଞ୍ଚଳକୁ ନେଇ ତତ୍କାଳ ପଦକ୍ଷେପର ଆବଶ୍ୟକତା ଉପରେ ଜୋର୍ ଦେଇଛନ୍ତି। ଲୋକମାନେ ଆଜି ଯେଉଁ ସମୁଦ୍ରତଟ ଅଞ୍ଚଳରେ ବସବାସ କରୁଛନ୍ତି, ଆଗାମୀ ଦିନରେ ମଧ୍ୟ ସେଠାରେ ରହିବାକୁ ଚାହାନ୍ତି, ତେବେ ଜଳବାୟୁ ସଙ୍କଟ ବିରୋଧରେ ଦ୍ରୁତ ଗତିରେ କାମ କରିବା ଦରକାର । ମହାକାଶଭିତ୍ତିକ ପ୍ରଯୁକ୍ତି ବିକଶିତ କରିବା ପାଇଁ ପ୍ରାୟ ୫୦ ବର୍ଷର ସମୟ ରହିଛି। ଏହି ସମୟ ମଧ୍ୟରେ ଏହି କାର୍ଯ୍ୟ କରା ନ ଗଲେ ପୃଥିବୀ ଅଚିରେ ଧ୍ୱଂସ ପାଇଯିବ ବୋଲି ସେ ଆଶଙ୍କା କରିଛନ୍ତି।

### ଚାକିରି ଛାଡ଼ିଲେ...

ପରେଡ୍‌ରେ ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱାଧୀନ ଦଳ ଶ୍ରେଷ୍ଠ ମାର୍ଚ୍ଚିଂ କଣ୍ଟିଜେଣ୍ଟ ଟ୍ରଫି ହାସଲ କରିଥିଲା। ଜମ୍ମୁର ଡୋଗ୍ରା ରାଜପୁତ ପରିବାରରୁ ଆସିଥିବା ସାମ୍ବ୍ୟାଲ ନ୍ୟାସନାଲ ଡିଫେନ୍ସ ଏକାଡେମୀରେ ତିନି ବର୍ଷ ଏବଂ ଇଣ୍ଡିଆନ ମିଲିଟାରୀ ଏକାଡେମୀରେ ଗୋଟିଏ ବର୍ଷ ତାଲିମ ନେଇଥିଲେ। ପ୍ରାୟ ୮ ବର୍ଷ ଧରି କମିଶନପ୍ରାପ୍ତ ଅଧିକାରୀ ଭାବେ ସେବା କରିବା ସହ ମୋଟ ପ୍ରାୟ ୧୨ ବର୍ଷ ଧରି ସେନା ସହ ଜଡ଼ିତ ଥିଲେ। ୨୦୨୪-୨୫ ଆଖପାଖରେ ସେ ରାଷ୍ଟ୍ରପତିଙ୍କ ଏଡିସି ଭାବେ ମନୋନୀତ ହୋଇଥିଲେ। ଏହି ପଦ ସଶସ୍ତ୍ର ବାହିନୀର ଅତ୍ୟନ୍ତ ସମ୍ମାନଜନକ ଓ ସମ୍ବେଦନଶୀଳ ଦାୟିତ୍ୱ ମଧ୍ୟରୁ ଅନ୍ୟତମ। ରାଷ୍ଟ୍ରପତିଙ୍କ ସରକାରୀ କାର୍ଯ୍ୟକ୍ରମ, ଯାତ୍ରା ଓ ପ୍ରୋଟୋକଲ ସମ୍ଭାଳିବା ସହ ବିଭିନ୍ନ ସମ୍ବେଦନଶୀଳ ବିଷୟରେ ସମନ୍ୱୟ ରକ୍ଷା କରିବା ଏଡିସିଙ୍କ ଦାୟିତ୍ୱ ରହିଥାଏ।

# କେନ୍ଦ୍ରମନ୍ତ୍ରୀ ଜୁଏଲ୍ କାହାର ହାତ କାଟିବେ ପର୍ଦ୍ଦାଫାସ୍ ହେଉ: କଂଗ୍ରେସ

ଭୁବନେଶ୍ୱର,୩୧।୮ (ସମିସ): ଗଣମାଧ୍ୟମ ସାମ୍ନାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଆପତ୍ତିଜନକ ଭାଷା ପ୍ରୟୋଗକୁ କଠୋର ସମାଲୋଚନା କରିଛି କଂଗ୍ରେସ। ବର୍ତ୍ତମାନ କେନ୍ଦ୍ର, ରାଜ୍ୟ, ପୁଲିସ ପ୍ରଶାସନ ଓ ବିଜେପି ଦଳର ଦୋମୁହାଁ ନୀତି ପଦାରେ ପଡିଛି। ସଙ୍ଗୀନ ମାମଲାଗୁଡିକୁ ଚପେଇ ଦେବାକୁ ଉଦ୍ୟମ ହେଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି।

ସୋମବାର କଂଗ୍ରେସ ଭବନଠାରେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି, କିଛିଦିନ ତଳେ ଗଣମାଧ୍ୟମ ସାମ୍ନାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ବାହାର ଦଳରୁ ଆମ ଦଳକୁ ଆସିଥିବା କିଛି ଲୋକ ମୋ ବିରୋଧରେ ଷଡ଼ଯନ୍ତ୍ର କରି ମୋତେ ମନ୍ତ୍ରୀ ପଦରୁ ହଟାଇବାକୁ ଚାହୁଁଛନ୍ତି। ମୋ ଭାବମୂର୍ତ୍ତିକୁ ଯିଏ କଳୁଷିତ କରିବ, ତା' ହାତକୁ କାଟିଦେବି, ଓ ତାକୁ ଜାଳି ଦେବି ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ହିସାବରେ ସେ ଯେଉଁ ଦାୟିତ୍ୱପୂର୍ଣ୍ଣ ରୁଚିସମ୍ପନ୍ନ ମତ ଦେବା କଥା ତାହା ନ ଦେଇ ହିଂସାତ୍ମକ ମତ ଉପସ୍ଥାପନା କରିବା ଏକ ସାଙ୍ଘାତିକ ବିଷୟ ଓ ଆଇନତଃ ଅପରାଧ। ଆଦିବାସୀ ନେତା ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ତାଙ୍କ ବିରୋଧରେ ହେଉଥିବା ଷଡ଼ଯନ୍ତ୍ର ଏବଂ ଷଡ଼ଯନ୍ତ୍ରକାରୀ କିଏ ଜାଣି ପାରୁଛନ୍ତି। ମାତ୍ର କେନ୍ଦ୍ର ଓ ରାଜ୍ୟର ଗୁଇନ୍ଦା ବିଭାଗ କେମିତି ଜାଣିପାରୁ ନାହାନ୍ତି। କେନ୍ଦ୍ରମନ୍ତ୍ରୀ ଖୋଲାଖୋଲି ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ବିଷୟ ଉତ୍ଥାପନ କରିବା ସତ୍ତ୍ୱେ ମଧ୍ୟ ପୁଲିସ କାହିଁକି ଏଫଆଇଆର ରୁଜୁ କରୁନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗକୁ ବିଜେପି ସଭାପତି ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରି ତାଙ୍କ ବ୍ୟକ୍ତିଗତ ମନ୍ତବ୍ୟ ବୋଲି ସଫେଇ ଦେବା ଗ୍ରହଣୀୟ ନୁହେଁ। ଜୁଏଲ ଓରାମ



- କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଷଡ଼ଯନ୍ତ୍ର, ଗୁଇନ୍ଦା ଜଣାପାରିଲାନି କେମିତି?
- ମୁଖ୍ୟମନ୍ତ୍ରୀ ଆଶାୟୀ ବିଜେପି ନେତାମାନେ ଷଡ଼ଯନ୍ତ୍ର କରିନାହାନ୍ତି ତ?

ଜଣେ କେନ୍ଦ୍ରମନ୍ତ୍ରୀ ତାଙ୍କ ବିରୋଧରେ କିଏ ଷଡ଼ଯନ୍ତ୍ର କରୁଛି, ସିଏ କାହା ହାତ କାଟିଦେବି ଓ ଜାଳିଦେବି କହୁଛନ୍ତି ଓଡିଶାବାସୀଙ୍କ ଜାଣିବାର ଅଧିକାର ଅଛି। ଖୁସ୍‌ବୁ ଯାଦବ କିମ୍ବା ଅପରାଧୀ ପ୍ରକାଶ ପାଶୱାନ ପାଇଁ ଜୁଏଲ ବ୍ୟତିବ୍ୟସ୍ତ ହୋଇପଡ଼ି ଏଭଳି ମନ୍ତବ୍ୟ ଦେଇଛନ୍ତି କି? କେନ୍ଦ୍ରମନ୍ତ୍ରୀଙ୍କର ପ୍ରକାଶ ପାଶୱାନ ଭଳି ସଂଗଠିତ ଅପରାଧୀ ଦଳ ଅଛନ୍ତି ଏବଂ ମନ୍ତ୍ରୀ ଏଭଳି ଧମକ ଦେଉଛନ୍ତି, ତେବେ ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୫୧/୨ ଓ ୬୧/୧ ଅନୁଯାୟୀ ମାମଲା କାହିଁକି ଦାୟର କରାଯାଉ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଯଦି କେନ୍ଦ୍ରମନ୍ତ୍ରୀ ଓରାମ ସ୍ୱଚ୍ଛ, ତେବେ ଖୁସ୍‌ବୁ ଓ ପ୍ରକାଶ ବିରୋଧରେ ଏତଲା ଦିଅନ୍ତୁ ଓ ନିଜକୁ କଳଙ୍କମୁକ୍ତ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ବିଜେପି ଦଳରେ ୪/୫ ଜଣ ବଡ଼ ନେତା ମୁଖ୍ୟମନ୍ତ୍ରୀ ଦୌଡ଼ରେ ଅଛନ୍ତି। ହୁଏତ ଏହାକୁ ନେଇ କିଛି ଗୋଷ୍ଠୀ କନ୍ଦଳ ଘଟିଥାଇ ପାରେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

### ଏଗ୍ରିଷ୍ଟାକ୍...

କ୍ଷୋଭପ୍ରକାଶ କରିଥିଲେ। ରାଜସ୍ୱ, ସମବାୟ, କୃଷି ଓ ଯୋଗାଣ ମନ୍ତ୍ରୀ ତଥା ସଚିବମାନଙ୍କ ଭିତରେ ତାଳମେଳର ଅଭାବ ପାଇଁ ଚାଷୀଙ୍କୁ ହଇରାଣ କରାନଯାଉ। ସେମାନେ ଦେଉଥିବା ଚାଷୀ ବିରୋଧୀ ଓ ଅପ୍ରାସଙ୍ଗିକ ମନ୍ତବ୍ୟରୁ କ୍ଷାନ୍ତ ରହିବା ଲାଗି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦିଅନ୍ତୁ ବୋଲି ଦାବି କରାଯାଇଥିଲା। ଯଦି ପରବର୍ତ୍ତୀ ସମୟରେ, ଧାନ କିଣାବିକା ଓ ଟୋକନ୍‌କୁ ନେଇ ସରକାର ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିବେ ତେବେ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି। ସ୍ମାରକ ପତ୍ରରେ ଚାଷୀମାନେ ଜମି ବନ୍ଦୋବସ୍ତ ସମ୍ପୂର୍ଣ୍ଣ ହେବା ଓ ଚକବନ୍ଦୀ ଜମି, ଯୁଗ୍ମ ମାଲିକାନା ଦେବୋତ୍ତର ଜମି, ମୃତ ଲୋକ ନାଁରେ ଜମି, ଭାଗବାଷୀଙ୍କୁ ମାନ୍ୟତା ଆଦି ପ୍ରସଙ୍ଗ ସହ ଜଡ଼ିତ ଜଟିଳ କାମ ନ ସରିବା ଯାଏଁ 'ଏଗ୍ରୀଷ୍ଟାକ୍ ପଞ୍ଜିକରଣ' ଓ ଅସଲ ଜମିମାଲିକଙ୍କୁ ପଟ୍ଟା ମିଳିବାର ବ୍ୟବସ୍ଥା ନହେବା ଯାଏଁ ଆତ୍ମଘାତୀ 'କଲମ୍-୨' କାମକୁ ବନ୍ଦ ରଖାଯିବାକୁ ଦାବି କରାଯାଇଛି। ଅନ୍ୟ ଦାବି ଗୁଡ଼ିକ ମଧ୍ୟରେ - ପଞ୍ଜୀକରଣ ବ୍ୟବସ୍ଥାରେ ରହିଥିବା ଅନ୍ତଃନିର୍ହିତ ଜଟିଳତା, ଭାଗଚାଷୀ ପଞ୍ଜୀକରଣକୁ ନେଇ ରହିଥିବା ସମସ୍ୟା ଓ ଇଣ୍ଟରନେଟ୍ ଗତିର ମନ୍ଥରତା କାରଣରୁ ପଞ୍ଜୀକରଣ ଅବଧିକୁ ସେପ୍ଟେମ୍ବର ଶେଷ ଯାଏଁ ଘୁଞ୍ଚାଇବା ଦାବି, ପ୍ରତି ଚାଷୀର ପଞ୍ଜୀକରଣ ଅନୁଯାୟୀ ପ୍ରଥମରୁ 'ଏକକାଳୀନ ଟୋକନ' ପ୍ରଦାନ, ଭାଗଚାଷୀର ଆଇନଗତ ମାନ୍ୟତା ନ ହେବା ଯାଏ ଜମିମାଲିକର ଆଇରିସ୍ ସ୍କାନିଂକୁ ବାଦ୍ ଦେବା, ଦେବୋତ୍ତର, ଜଙ୍ଗଲଜମି ଓ ଆଟଜମିରେ ଚାଷ ହୋଇଥିବା ଧାନ ପଞ୍ଜିକରଣକୁ ନିଶ୍ଚିତ କରିବା, ପ୍ରତି ପଞ୍ଚାୟତରେ କ୍ୟାମ୍ପ କୋର୍ଟ କରି ଜମିଜମା ସମ୍ବନ୍ଧିତ ସମସ୍ୟାକୁ ସମାଧାନ କରି ଅସଲ ଜମି ମାଲିକଙ୍କୁ ପଟ୍ଟା ପ୍ରଦାନ, ହାଇଟେକ୍ ଜମି ବ୍ୟବସ୍ଥାକୁ ବର୍ତ୍ତମାନ ପାଇଁ ବନ୍ଦ କରିବା, ଜିଲ୍ଲା କ୍ରୟ ସମିତି (ଡିଏଲ୍‌ପିସି)କୁ ପୁନଃକ୍ଷମତା ପ୍ରଦାନ, ଟୋକନ୍ ପରିଚାଳନା ଜିଲ୍ଲାସ୍ତରରେ କରିବା, ଅଣଧାନ ଲାଗି ଠୋସ୍ ପ୍ରଚାରପ୍ରସାର ବ୍ୟବସ୍ଥା ଆଦି ରହିଛି। ବିକ୍ଷୋଭରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ଓ ପ୍ରବକ୍ତା ସରୋଜ, ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର, ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମିଶ୍ର, ତରଣୀସେନ ଭୋଇ, ଜଗଦାନନ୍ଦ ନାୟକ, ଜିଗ୍ନେଶ ପ୍ରଧାନ, ଶାନ୍ତନୁ ପ୍ରଧାନ, ଦିଲ୍ଲୀପ ସାହୁ, ଭୈରବ ପ୍ରଧାନ, ନାଟୁବିହାରୀ ବିଶ୍ୱାଳ, ଅଶ୍ୱିନୀ ହୋତା, ସରୋଜ ପଧାନ, ନିଗମାନନ୍ଦ ପୂଜାରୀ, ଯୋଗେଶ ଭୋଇ, ବଦ୍ରିନାଥ ଠାକୁର, ଏତୁଆ ଖଡ଼ିଆ, ବିଭୁ ପଟ୍ଟନାୟକ, ଦୋଳଗୋବିନ୍ଦ ନାୟକ, ସୁଦାମ ସାହୁ ପ୍ରମୁଖ ବହୁସଂଖ୍ୟାରେ ଚାଷୀମାନେ ସାମିଲ ହୋଇଥିଲେ।

# ଓଡ଼ିଶାରେ ଚକ୍‌ମା ଖାଇଲା ଏଲ୍-ନିନୋ

## ୩ ମାସରେ ଭରଣା ହେଲା ମୌସୁମୀର ଚତୁର୍ମାସ ବର୍ଷା

ଭୁବନେଶ୍ୱର, ୩୧।୮ (ସମିସ): ମୌସୁମୀ ଋତୁର ଶେଷ ମାସ ଅର୍ଥାତ୍ ସେପ୍ଟେମ୍ବର ଆରମ୍ଭ ହୋଇଛି। ଇତିମଧ୍ୟରେ ମୌସୁମୀ ଚତୁର୍ମାସରୁ ୩ ମାସ ଶେଷ ହୋଇଛି। ତେବେ ଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ମୌସୁମୀ ଋତୁର ୩ ମାସ ଭିତରେ ରାଜ୍ୟରେ ସ୍ୱାଭାବିକ ପରିମାଣର ବର୍ଷା ହୋଇଯାଇଛି। ଅର୍ଥାତ ଓଡ଼ିଶା ପାଇଁ ମୌସୁମୀ ୪ ମାସ ଜୁନ୍-ସେପ୍ଟେମ୍ବର ମଧ୍ୟରେ ଯେତିକି ପରିମାଣର

- ଜୁନ୍‌ରେ ୪୭ % ନିଅଣ୍ଟିଆ ସତ୍ତ୍ୱେ ୩ ମାସରେ କୋଟା ପୂରଣ
- ୨୦ ବର୍ଷ ମଧ୍ୟରେ ଭଲ ବର୍ଷା, ସେପ୍ଟେମ୍ବର ମାସରେ ବି ବର୍ଷିବ

ବର୍ଷା ହେଲା, ଏହାକୁ ସ୍ୱାଭାବିକ ବର୍ଷା ବୋଲି କୁହାଯାଏ, ତାହା ଗତ ୩ ମାସ ଜୁନ୍-ଅଗଷ୍ଟ ମଧ୍ୟରେ ହୋଇଯାଇଛି। ଆଜି ୩୧ ଅଗଷ୍ଟ ସୁଦ୍ଧା ଓଡ଼ିଶାରେ ମୌସୁମୀ ବର୍ଷା ୧୧୫୪.୩ ମିମି ରେକର୍ଡ କରାଯାଇଛି। ଏହା ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକ ବର୍ଷା ୧୧୫୦.୨ ମିମିକୁ ପାର୍ କରିଛି। ବଡ଼ କଥା ହେଉଛି ଯେ ଜୁନ୍‌ରେ ମୌସୁମୀ ଛୁଇଁଥିଲେ ମଧ୍ୟ ସେହି ମାସ ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ଏହା ସତ୍ତ୍ୱେ ୨ ମାସ ଜୁଲାଇ ଓ ଅଗଷ୍ଟରେ ମାତ୍ରାଧିକ ବର୍ଷା ଫଳରେ ୪୭ ପ୍ରତିଶତ ନିଅଣ୍ଟିଆ ଭରଣା ହେବା ସହ ସମ୍ପୂର୍ଣ୍ଣ ୪ ମାସର କୋଟା ପୂରଣ ହୋଇଛି।

ଚଳିତ ବର୍ଷ ଏଲ୍-ନିନୋ ସକ୍ରିୟ ରହିବା ହେତୁ ଭାରତ ସମେତ ଓଡ଼ିଶାରେ ମଧ୍ୟ ନିଅଣ୍ଟିଆ ବର୍ଷା ହେବ ବୋଲି ଆକଳନ କରାଯାଇଥିଲା। ବିଶ୍ୱପାଣିପାଗ ସଂସ୍ଥାନଠାରୁ ଆଇଏମ୍‌ଡିରୁ ଜାରି ହୋଇଥିବା ପ୍ରାକ୍ ସୂଚନାରେ ବର୍ଷାର ପରିମାଣ ନିଅଣ୍ଟିଆ ରହିବ ବୋଲି କୁହାଯାଇଥିଲା। ହେଲେ ଓଡ଼ିଶା ପରିପ୍ରେକ୍ଷୀରେ ଏଲ୍-ନିନୋ ସମ୍ପୂର୍ଣ୍ଣ ଚକମ୍ା ଖାଇଛି। ଏହାର ପରିଣାମ ସ୍ୱରୂପ, ଦେଶର ଏକମାତ୍ର ରାଜ୍ୟ ଭାବେ ଏବେ ଓଡ଼ିଶାରେ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ ଅଧିକ ରହିଛି। ଏବେ ସୁଦ୍ଧା ଓଡ଼ିଶା ଉପରେ ୯ ଲଘୁଚାପ ପ୍ରଭାବ ପକାଇଛି। ଅଗଷ୍ଟ ମାସରେ ୬ ଟି ଲଘୁଚାପ ହୋଇଥିବା ବେଳେ ଜୁଲାଇ ମାସରେ ୩ ଲଘୁଚାପ ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ହୋଇଛି। ଅନ୍ୟପଟେ ଅଗଷ୍ଟରେ ୬ ଟା ଲଘୁଚାପ ହୋଇଥିଲେ ମଧ୍ୟ ଜୁଲାଇ ମାସରେ ହୋଇଥିବା ୩ ଲଘୁଚାପ ଅଧିକ ପ୍ରଭାବୀ ରହିଛି, ଗୋଟିଏ ଗୋଟିଏ ଲଘୁଚାପ ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ସକ୍ରିୟ ରହିବା ଦ୍ୱାରା ରାଜ୍ୟକୁ ବହୁ ପରିମାଣରେ ବର୍ଷା ମିଳିଛି। ବିଶେଷକରି ଉତ୍ତର ଓଡ଼ିଶାରେ ଏହି ଲଘୁଚାପଗୁଡ଼ିକ ଅତ୍ୟଧିକ ପ୍ରଭାବ ପକାଇବା ସହ ଏକାଧିକ ବାର ବନ୍ୟା ସୃଷ୍ଟି କରିଛି।

ଅନ୍ୟପଟେ ସେପ୍ଟେମ୍ବର ମାସ ପାଇଁ ଆଇଏମ୍‌ଡି ପକ୍ଷରୁ ମୌସୁମୀ ଋତୁ ସମ୍ପର୍କିତ ସୂଚନା ଆଜି ଜାରି ହୋଇଛି। ଏଥିରେ ସାରା ଦେଶରେ ବର୍ଷାର ପରିମାଣ କମ୍ ରହିବ ବୋଲି କୁହାଯାଇଥିଲେ ମଧ୍ୟ ଓଡ଼ିଶାରେ ଅପେକ୍ଷାକୃତ ଭଲ ବର୍ଷା ରହିବ ବୋଲି ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଚଳିତ ବର୍ଷ ସ୍ୱାଭାବିକ ତୁଳନାରେ ୨୫ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ କେବଳ ଅଗଷ୍ଟରେ ୧୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ଏବେ ବି ଗୋଟିଏ ଲଘୁଚାପ ସକ୍ରିୟ ରହିଥିବା ଯୋଗୁଁ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ହେଉଛି। ତେବେ ସେପ୍ଟେମ୍ବର ମାସରେ ଉତ୍ତର ଓଡ଼ିଶାରେ ସ୍ୱାଭାବିକ କିମ୍ବା ଏହାଠାରୁ ଅଧିକ ବର୍ଷା ହେବା ସହ ଦକ୍ଷିଣ ଓଡ଼ିଶାରେ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଡଃ ମହାପାତ୍ର କହିଛନ୍ତି। ଓଡ଼ିଶା ଗୋଟିଏ ରାଜ୍ୟ ଭାବେ ଏଠାରେ ସ୍ୱାଭାବିକ ତୁଳନାରେ ଅଧିକ ବର୍ଷାକୁ ନେଇ ଡଃ ମହାପାତ୍ର କହିଛନ୍ତି, ଓଡ଼ିଶା ନିକଟବର୍ତ୍ତୀ ସମୁଦ୍ରରେ ବାରମ୍ବାର ଲଘୁଚାପ ସୃଷ୍ଟି ହେବା ସହ ଅଗଷ୍ଟରେ ହୋଇଥିବା ୬ ଟି ଲଘୁଚାପରୁ ୨ ଟି ଅବପାତରେ ପରିଣତ ହୋଇଛି। ଏହି ଲଘୁଚାପ ଜନିତ ବର୍ଷା, ଏଲ୍‌ନିନୋ ପ୍ରଭାବକୁ କାଟିଛି ଓ ଭଲ ବର୍ଷା ହୋଇଛି। ସେପ୍ଟେମ୍ବରରେ ମଧ୍ୟ ଅଧିକ ଲଘୁଚାପ ଜନିତ ବର୍ଷା ରହିବ ବୋଲି ଡଃ ମହାପାତ୍ର କହିଛନ୍ତି।

ସୂଚନା ଥାଉ କି ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଟି ବର୍ତ୍ତମାନ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଉତ୍ତର ଉପକୂଳ ଓଡ଼ିଶା ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ସଂଲଗ୍ନ ଅଞ୍ଚଳ ଉପରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ ଭାବେ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଉତ୍ତର ଓଡ଼ିଶା ହୋଇ ଗାଙ୍ଗେୟ ପଶ୍ଚିମବଙ୍ଗ ଆଡ଼କୁ ଗତି କରିବ। ଲଘୁଚାପ ଓଡ଼ିଶାଠାରୁ ଦୂରେଇବା ପରେ ଧୀରେ ଧୀରେ ବର୍ଷା କମିବ। ତେବେ ମଙ୍ଗଳବାର ଛତିଶଗଡ଼ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

■ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସରକାରୀ ଘରେ ଚଢ଼ଉ

# ୭ ଲକ୍ଷ ଟଙ୍କା ସହ ୩୦୦ ଗ୍ରାମ ସୁନା ଜବତ

କେନ୍ଦୁଝର, ୩୧।୮ (ସମିସ): ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିବା ଡିଏଲ୍‌ଓଙ୍କ ଘରେ ଚଢ଼ଉବେଳେ ଟଙ୍କା ଏବଂ ସୁନା ଗହଣା ଆଦି ଜବତ କରିଛି ଭିଜିଲାନ୍ସ ବିଭାଗ। କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଶୋୟୀ ଜଣେ ଟିପିଏନ୍‌ଓଡିଏଲ୍‌ର ଇଲେକ୍ଟ୍ରିକାଲ ଠିକାଦାର ରୁଦ୍ର କୁମାର ବେହେରାଙ୍କ ଠାରୁ ଶ୍ରମିକ ଲାଇସେନ୍ସ କରିବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ବିଭାଗର ଅଧିକାରୀ ଗିରଫ କରିଥିଲେ। ତାଙ୍କ ଠାରୁ ରଙ୍ଗବୋଳା ୨୦ ହଜାର ଟଙ୍କାର ନୋଟ୍ ଭିଜିଲାନ୍ସ ଜବତ କରିଥିଲା। ଏହାପରେ ଭିଜିଲାନ୍ସର ଏକ ଟିମ୍ ଶ୍ରୀ ବିଶୋୟୀଙ୍କ କେନ୍ଦୁଝର ସରକାରୀ ବାସଭବନ ସମେତ ଦୁଇଟି ସ୍ଥାନରେ ଚଢ଼ଉ କରି ସରକାରୀ କ୍ୱାର୍ଟର୍ସରୁ ତଲାସୀ ବେଳେ ୭ ଲକ୍ଷ ୨୯ ହଜାର ୨୦୦ଟଙ୍କା, ୩୫୦ ଗ୍ରାମ ସୁନା ଗହଣା ଠାବ କରିଥିଲା ବୋଲି ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ଆଜି ସୂଚନା ଦେଇଛନ୍ତି। ବାଲେଶ୍ୱର ଭିଜିଲାନ୍ସ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମଧୁର କଥା କହି ପରକୁ ଆପଣାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ବୃଷ:** ଧର୍ମକର୍ମ ପ୍ରତି ମନ ବଳିପାରେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ଲାଭଜନକ ହେବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ପରୋପକାରୀ ହେବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ସିଂହ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧନ ହେବ। ଅତିଥି ସତ୍କାର କରିପାରନ୍ତି। ଭାଇଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**କନ୍ୟା:** ଛାତ୍ରଛାତ୍ରୀଙ୍କୁ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଲୋକ ସମ୍ପର୍କ ବୃଦ୍ଧି ପାଇପାରେ। ରାଜନୀତିରେ ସାମିଲ ହୋଇପାରନ୍ତି।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ମିଳିବ। ପିଲାମାନେ ଖେଳମନସ୍କ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କର୍ମଚାରୀଙ୍କ ସହଯୋଗ ମିଳିପାରେ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଜନା ମୁତାବକ କାମ କରିବେ। କର୍ମଚଞ୍ଚଳ ରହିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**ମକର:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**ମୀନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଯୋଜନା ମୁତାବକ କାମ କରିବେ । ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଇତିହାସ

- ୧୯୪୨- ରାସ ବିହାରୀ ବୋଷ ଇଣ୍ଡିଆନ ନେସନାଲ ଆର୍ମିର ସ୍ଥାପନା କଲେ।
- ୧୯୪୭- ଭାରତୀୟ ମାନକ ସମୟକୁ ଆପଣାଗଲା।
- ୧୯୫୬- ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ସ୍ଥାପନା।
- ୧୯୬୨- ମହାରାଷ୍ଟ୍ରର କୋହ୍ଲାପୁରରେ ଶିବାଜୀ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୬୪- ଇଣ୍ଡିଆନ୍ ଅଏଲ୍ ରିଫାଇନାରି ଓ ଇଣ୍ଡିଆନ୍ ଅଏଲ୍ କମ୍ପାନିକୁ ମିଶାଇ ଦିଆଯାଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ତିଆରି କରାଗଲା।



## ମାତୃତ୍ୱର ନିଆରା ପରିଭାଷା

କଂକ୍ରିଟ୍ ଜଙ୍ଗଲ ଏବଂ ମୋବାଇଲ୍ ଟାୱାରର ବିକିରଣ ଭିତରେ ଆଜି ସହର ତଥା ଗାଁ ଗହଳିରୁ ଘରଚଟିଆମାନେ ପ୍ରାୟତଃ ବିଲୁପ୍ତ ହେବାକୁ ବସିଲେଣି। ଯେଉଁ କିଚିମିଚିରି ଶବ୍ଦ ଦିନେ ସକାଳର ଆରମ୍ଭ କରୁଥିଲା, ତାହା ଏବେ ନିରବ ହୋଇଯାଇଛି। ହେଲେ ପଞ୍ଜାବର ମୋଗା ଜିଲ୍ଲା ଅନ୍ତର୍ଗତ ନିଧାନ ୱାଲା ଗ୍ରାମରେ ଏହାର ଏକ ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳେ। ଏଠାକାର ବାସିନ୍ଦା ହରପ୍ରୀତ କୌର ନିଜ ଘରକୁ ଚଢ଼େଇମାନଙ୍କ ପାଇଁ ଏକ ସୁରକ୍ଷିତ ପ୍ରାକୃତିକ ଆଶ୍ରୟସ୍ଥଳରେ ପରିଣତ କରିଛନ୍ତି। ହରପ୍ରୀତଙ୍କର ଝିଅ ନ ଥିବାରୁ, ସେ ଏହି ନିଷ୍ପାପ ପକ୍ଷୀମାନଙ୍କୁ ନିଜର ଝିଅ ଭଳି ଆଦର କରନ୍ତି ଏବଂ ସେମାନଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଏହି ଅଦ୍ଭୁତ ଭଲପାଇବାର କାହାଣୀ ପ୍ରାୟ ଏକ ଦଶନ୍ଧି ପୂର୍ବେ ୨୦୧୩ ମସିହାରେ ଆରମ୍ଭ ହୋଇଥିଲା। ହରପ୍ରୀତଙ୍କ ଘର ମରାମତି ଚାଲିଥିବା ସମୟରେ ଅଜାଣତରେ ଏକ ଘରଚଟିଆର ବସା ଭାଙ୍ଗିଯାଇଥିଲା। ପକ୍ଷୀଟିର ବ୍ୟାକୁଳତା ହରପ୍ରୀତଙ୍କ ମନକୁ ଗଭୀର ଭାବେ ଆନ୍ଦୋଳିତ କରିଥିଲା। ସେ ତୁରନ୍ତ ଏକ କାର୍ଡବୋର୍ଡ ବାକ୍ସ ସାହାଯ୍ୟରେ ସେହି ପକ୍ଷୀଟି ପାଇଁ ଏକ କୃତ୍ରିମ ବସା ତିଆରି କରି ଟାଙ୍ଗି ଦେଇଥିଲେ। ମାତ୍ର କିଛି ଦିନ ମଧ୍ୟରେ ସେହି ବସାଟି ପକ୍ଷୀମାନଙ୍କ ଦ୍ୱାରା ପୂରିଗଲା। ଏହି ଛୋଟ ଘଟଣାଟି ତାଙ୍କ ଜୀବନକୁ ବଦଳାଇ ଦେଇଥିଲା। ବର୍ତ୍ତମାନ ହରପ୍ରୀତଙ୍କ ଦୁଇ ମହଲା ବିଶିଷ୍ଟ ଘର ଏକ ମିନି ଚିଡ଼ିଆଖାନାଠାରୁ କମ୍ ନୁହେଁ। ତାଙ୍କ ଘରର ବାରଣ୍ଡା, ପାଚେରୀ, କବାଟ, ଏପରିକି ପ୍ରତିଟି କୋଣରେ ୧୭୫ରୁ ଅଧିକ ମାଟି ଓ କାଠରେ ତିଆରି ପକ୍ଷୀବସା ଅଛି। ଏଠାରେ ୨୦୦ରୁ ଅଧିକ ଘରଚଟିଆ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ଖରାଦିନେ ପକ୍ଷୀମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ସେ ବିଶେଷ ଭାବେ ମାଟିର ପାତ୍ର ବ୍ୟବହାର କରନ୍ତି ଏବଂ ଶୀତଦିନେ କାଠ ବାକ୍ସରେ ସେମାନଙ୍କ ଉଷୁମ ରହିବା ବ୍ୟବସ୍ଥା କରନ୍ତି। ହରପ୍ରୀତଙ୍କର ଏହି ପକ୍ଷୀ ପ୍ରେମ କେବଳ ଦାନା-ପାଣି ଦେବା ଭିତରେ ସୀମିତ ନୁହେଁ, ଏହା ଏକ ପରମ ତ୍ୟାଗ। ତାଙ୍କ ସ୍ୱାମୀ ଯେତେବେଳେ କାର୍ଯ୍ୟବ୍ୟସ୍ତତା ଯୋଗୁଁ କାନାଡାରେ ରହିବାକୁ ଗଲେ, ହରପ୍ରୀତ ବିଦେଶ ଯିବାକୁ ମନା କରିଦେଇଥିଲେ। ତାଙ୍କର କହିବା କଥା ଥିଲା, "ମୁଁ ଯଦି ଚାଲିଯିବି, ମୋ ଝିଅମାନଙ୍କୁ ପ୍ରତିଦିନ ସକାଳୁ ଉଠି କିଏ ଖାଦ୍ୟ ଓ ସଫା ପାଣି ଦେବ? ସେମାନେ ଅନାଥ ହୋଇଯିବେ।" ହରପ୍ରୀତଙ୍କ ଦିନ ଆରମ୍ଭ ହୁଏ ପକ୍ଷୀଙ୍କ କଳରବରେ। ସେ ପ୍ରତିଦିନ ସମସ୍ତ ମାଟିପାତ୍ରକୁ ସଫା କରି ସେଥିରେ ଥଣ୍ଡା ଓ ସ୍ୱଚ୍ଛ ଜଳ ଭରନ୍ତି। ପକ୍ଷୀଙ୍କ ପାଇଁ ବାଜରା, ଗହମ, ଭଙ୍ଗା ଚାଉଳ ଏବଂ ବିଶେଷ ଶସ୍ୟର ବ୍ୟବସ୍ଥା କରନ୍ତି। ଏହି ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରନ୍ତି। ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କର ଏହି ନିଆରା କାର୍ଯ୍ୟକୁ ଲୋକେ ପସନ୍ଦ କରିବା ପରେ, ସେଥିରୁ ମିଳୁଥିବା ଅର୍ଥକୁ ମଧ୍ୟ ସେ ସମ୍ପୂର୍ଣ୍ଣ ଭାବେ ପକ୍ଷୀମାନଙ୍କ ସେବାରେ ବିନିଯୋଗ କରନ୍ତି। ଆଜି ଯେତେବେଳେ ପରିବେଶ ପ୍ରଦୂଷଣ ଏବଂ କୀଟନାଶକର ଅତ୍ୟଧିକ ବ୍ୟବହାର ଯୋଗୁଁ ଘରଚଟିଆଙ୍କ ବଂଶ ବିଲୁପ୍ତ ହେବାକୁ ବସିଛି ସେତେବେଳେ ହରପ୍ରୀତଙ୍କ ଏହି ପ୍ରୟାସ ସମଗ୍ର ସମାଜ ପାଇଁ ଏକ ଶିକ୍ଷା।

## 'ରେସ୍ ୪'ରେ ଅମିର୍



'ରେସ୍ ୪' ଫିଲ୍ମକୁ ନେଇ ଦୀର୍ଘଦିନରୁ ଚର୍ଚ୍ଚା ହେଉଛି। ପ୍ରଥମେ ସୈଫ୍ ଅଲ୍ଲୀ ଖାନ୍ ଏହି ଫ୍ରାଞ୍ଚାଇଜ୍‌କୁ ଫେରିବା ନେଇ ଖବର ପ୍ରକାଶ ପାଇଥିଲା। ଏହାପରେ ରଣବୀର କପୁର ଏଥିରେ ଲିଡ୍ ରୋଲରେ ନଜର ଆସିବେ ବୋଲି ଖବର ଆସିଲା। ଆଉ ଏବେ ଅମିର ଖାନ୍ 'ରେସ୍ ୪'ରେ ଲିଡ୍ ରୋଲରେ ନଜର ଆସିପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ଚାଲିଛି। ରିପୋର୍ଟ ଅନୁଯାୟୀ, ପ୍ରଯୋଜକ ରମେଶ ତୌରାନୀ ଅମିର୍‌ଙ୍କୁ 'ରେସ୍ ୪'ର କାହାଣୀ ଶୁଣାଇଛନ୍ତି, ତାଙ୍କୁ ଏହି କାହାଣୀ ବହୁତ ପସନ୍ଦ ଆସିଛି। କାହାଣୀକୁ ଆହୁରି ଭଲ କରିବା ପାଇଁ ଅମିର୍ କିଛି ଲେଖକଙ୍କ ସହ ମିଶି ଏହା ଉପରେ କାମ କରୁଛନ୍ତି। ସେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ପରେ ହିଁ ଫିଲ୍ମର ସୁଟିଂ ଆରମ୍ଭ କରିବେ। ବିଜୟ କୃଷ୍ଣ ଆଚାର୍ଯ୍ୟ ଏହାର ନିର୍ଦ୍ଦେଶକ ହୁଅନ୍ତୁ ବୋଲି ଅମିର୍ ଇଚ୍ଛା କରୁଛନ୍ତି। ଏହି ଫ୍ରାଞ୍ଚାଇଜକୁ ଏକ ନୂଆ ରୂପ ଦେବା ପାଇଁ ଅମିରଙ୍କ ସହ ବଲିଉଡ୍‌ର ଯୁବ ଆକ୍ସନ ଷ୍ଟାର୍ ସିଦ୍ଧାର୍ଥ ମାଲହୋତ୍ରା ଏବଂ ଟାଇଗର ଶ୍ରଫ୍‌ଙ୍କୁ ମଧ୍ୟ କାହାଣୀ ଶୁଣାଯାଇଛି। ଏହି ତିନି ତାରକାଙ୍କ ଯୁଗଳବନ୍ଦୀ ଫିଲ୍ମକୁ ଏକ ଭିନ୍ନ ସ୍ତରକୁ ନେଇଯିବ ବୋଲି ଆଶା କରାଯାଉଛି। ଏଠାରେ ପ୍ରକାଶ ଥାଉ କି, 'ରେସ୍' ୨୦୦୮ ରେ ମୁକ୍ତିଲାଭ କରିଥିଲା। ଏଥିରେ ସୈଫ୍ ଅଲ୍ଲୀ ଖାନ୍, ବିପାଶା ବସୁ, ଅକ୍ଷୟ ଖାନ୍ନା, କ୍ୟାଟ୍ରିନା କୈଫ୍ ଏବଂ ଅନିଲ୍ କପୁର ଲିଡ୍ ରୋଲରେ ନଜର ଆସିଥିଲେ। ଏହାପରେ ୨୦୧୩ରେ 'ରେସ୍ ୨' ଆସିଥିଲା। ଏହି ଚଳଚ୍ଚିତ୍ରରେ ସୈଫ୍ ଏବଂ ଅନିଲ୍‌ଙ୍କ ସହ ଦୀପିକା ପାଦୁକୋନ୍, ଜନ୍ ଅବ୍ରାହମ୍, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଏବଂ ଅମୀଷା ପଟେଲ ମଧ୍ୟ ସାମିଲ ହୋଇଥିଲେ । ଏହାପରେ ୨୦୧୮ ରେ 'ରେସ୍ ୩' ଆସିଥିଲା, ଯେଉଁଥିରେ ସୈଫ୍‌ଙ୍କ ସ୍ଥାନ ସଲମାନ୍ ଖାନ୍ ନେଇଥିଲେ । ବବି ଦେଓ୍ୱଲ୍, ସାକିବ୍ ସଲିମ୍ ଏବଂ ଡେଜି ଶାହାଙ୍କ ମଧ୍ୟ ଏଥିରେ ନଜର ଆସିଥିଲେ। ଏହି ସିରିଜ୍‌ର ତିନୋଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା।

## ଓଜନ କମାଇବା ନିଶା ସାଜିଲା କାଳ



ପତଳା ହେବା ପାଇଁ ଲୋକେ ଏବେ ଯୋଗ ବ୍ୟାୟାମଠାରୁ ଆରମ୍ଭ କରି ଖାଦ୍ୟପେୟ ଉପରେ ମଧ୍ୟ ବିଶେଷ ଦୃଷ୍ଟି ଦେଉଛନ୍ତି। ହେଲେ ପତଳା ହେବା ପାଇଁ ନିଜ ଜୀବନକୁ ବାଜି ଲଗାଇଦେବା କେତେଦୂର ଠିକ୍? ଚୀନ୍‌ରୁ ଆସିଥିବା ଏଭଳି ଏକ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଚୀନର ହେନାନ୍ ପ୍ରଦେଶରେ ରହୁଥିବା ଜଣେ ୩୧ ବର୍ଷୀୟା ମହିଳା ନିଜର ଓଜନ କମାଇବା ପାଇଁ ଏକ ବିପଜ୍ଜନକ ରାସ୍ତା ବାଛିଥିଲେ। ସେ ପ୍ରାୟ ଦୁଇ ସପ୍ତାହ ଧରି ଖାଦ୍ୟ ଖାଇବା ସମ୍ପୂର୍ଣ୍ଣ ଛାଡ଼ି ଦେଲେ । କେବଳ ପାଣି ପିଇ ରହିଥିଲେ। ଏହି କଠିନ ଉପବାସ ଯୋଗୁଁ ତାଙ୍କର ଓଜନ ୨୦ କେଜି କମିଗଲା ସତ କିନ୍ତୁ ସେ ନିଜ ଜୀବନକୁ ଏଭଳି ଏକ ମୋଡ଼କୁ ନେଇଗଲେ ଯେଉଁଠୁ ଫେରିବା ଏବେ ଅସମ୍ଭବ ମନେହେଉଛି। ମହିଳା ଜଣକ ଓଜନ କମାଇବା ପାଇଁ ଚୀନ୍‌ର ଏକ ପ୍ରାଚୀନ ତାଓବାଦୀ ପ୍ରଥା ଅନୁସରଣ କରୁଥିଲେ, ଯାହାକୁ 'ବିଗୁ' କୁହାଯାଏ। ଏହି ପ୍ରଥାର ଅର୍ଥ ହେଉଛି "ଅନ୍ନ ତ୍ୟାଗ କରିବା"। ଏହି ସମୟରେ ଲୋକେ କେବଳ ପାଣି କିମ୍ବା ସାମାନ୍ୟ ଭିଟାମିନ୍ ଯୁକ୍ତ ପାନୀୟ ଗ୍ରହଣ କରି ଦୀର୍ଘ ଦିନ ଧରି ଉପବାସ ରୁହନ୍ତି। ଅପରପକ୍ଷରେ ୧୫ ଦିନ ଧରି ଶରୀରକୁ କୌଣସି ପୋଷକ ତତ୍ତ୍ୱ ନ ମିଳିବା ଯୋଗୁଁ ମହିଳାଙ୍କ ଶରୀରରେ ଭିଟାମିନ୍ 'ବି ୧' ର ଘୋର ଅଭାବ ଦେଖାଦେଇଥିଲା। ଏହି କାରଣରୁ ସେ 'ୱେରନିକ୍ ଏନସେଫାଲୋପାଥି' ନାମକ ଏକ ଦୁର୍ଲଭ ଓ ଗମ୍ଭୀର ମସ୍ତିଷ୍କ ରୋଗରେ ପୀଡ଼ିତ ହୋଇଛନ୍ତି। ବର୍ତ୍ତମାନ ଏହି ମହିଳା ଜଣକ ଡାକ୍ତରଖାନାର ଆଇସିୟୁରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ମାରାତ୍ମକ ରୋଗ ଯୋଗୁଁ ତାଙ୍କର ସ୍ମରଣଶକ୍ତି ସମ୍ପୂର୍ଣ୍ଣ ଭାବେ ଦୁର୍ବଳ ହୋଇଯାଇଛି। ସେ ନିଜ ପରିବାର ଲୋକଙ୍କୁ ଚିହ୍ନିବାରେ ମଧ୍ୟ ଅସମର୍ଥ ହେଉଛନ୍ତି। ଏହାସହ ତାଙ୍କ ଶରୀରର ସନ୍ତୁଳନ ଏଭଳି ବିଗିଡ଼ି ଯାଇଛି ଯେ ସେ ନିଜ ଗୋଡ଼ରେ ସିଧା ହୋଇ ଠିଆ ହୋଇପାରୁନାହାନ୍ତି। ଡାକ୍ତରଙ୍କ କହିବା ଅନୁଯାୟୀ, ସେ ସମ୍ପୂର୍ଣ୍ଣ ସୁସ୍ଥ ହେବାର ସମ୍ଭାବନା ଅତି କମ୍। ଏହି ଘଟଣା ପରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସମସ୍ତଙ୍କୁ ସତର୍କ କରାଇ ଦେଇଛନ୍ତି। ଓଜନ କମାଇବା ଏକ ଧୀର ଏବଂ ନିରନ୍ତର ପ୍ରକ୍ରିୟା। ହଠାତ୍ ଓଜନ କମାଇବା ପାଇଁ ଖାଇବା ପିଇବା ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ଅଙ୍ଗପ୍ରତ୍ୟଙ୍ଗ ଅଚଳ ହେବାର ଆଶଙ୍କା ଥାଏ।

## ଏ ମାସର ଚାଷ




ସେପ୍ଟେମ୍ବର ମାସଟି ପନିପରିବା ଚାଷ ପାଇଁ ଉପଯୁକ୍ତ ସମୟ। ମାଟିର ଆର୍ଦ୍ରତା ଅନୁସାରେ ଚାଷୀଭାଇମାନେ ଶୀତଦିନିଆ ପନିପରିବା ଚାଷ ଆରମ୍ଭ କରିପାରିବେ।

ଧାନର ପିଲ ଦେବା, ଥୋଡ଼ ହେବା, ଫୁଲ ବାହାରିବା ଓ କ୍ଷୀର ଢୋକିବା ଅବସ୍ଥା ସଙ୍କଟକାଳୀନ ଅବସ୍ଥା। ଏହି ସମୟରେ ପାଣି ରହିବା ଏକାନ୍ତ ଆବଶ୍ୟକ। ସେହିପରି ମକା ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଉଚିତ। ଏହି ମାସରେ ଡାଲିଜାତୀୟ ଫସଲରେ ପତ୍ରଛଦା ଓ ସଁବାଳୁଆ ପୋକ ନିୟନ୍ତ୍ରଣ କରି ଚାଷୀମାନେ ଲାଭବାନ ହୋଇପାରିବେ। ଅଳସୀ ବୁଣା ଶୀଘ୍ର ଶେଷ କରିବା ଜରୁରି। କପା ଫସଲରେ ବକରା ନ ଝଡ଼ିବା ପାଇଁ ପ୍ରତି ୪ରୁ ୫ ଲିଟର ପାଣିରେ ୧ ମି.ଲି. ଏନ୍ଏଏ (ହରମୋନ୍) ମିଶାଇ ସିଞ୍ଚନ କରିପାରିବେ। ଏହି ସମୟରେ ଜଳବାୟୁ ଥଣ୍ଡା ରହୁଥିବାରୁ ଧଣିଆ, ଜହ୍ନି, ମଟର, ଗାଜର, କଞ୍ଚାଲଙ୍କା, ପତ୍ରକୋବି, ମେଥି, ପାଳଙ୍ଗ, ମୂଳା, ଲାଉ ଆଦି ଲଗାଇ ପାରିବେ। ନର୍ସରୀ ପ୍ରସ୍ତୁତ କରିବାକୁ ମାଟିକୁ ଅତି କମ୍‌ରେ ଛଅ ଇଞ୍ଚ ଉଚ୍ଚରେ ଶଯ୍ୟା କରିବା ଆବଶ୍ୟକ। ବିହନ ବୁଣିବା ପରେ ଏହା ଉପରେ ବାଉଁଶର ସଂରଚନା କରି ପଲିଥିନ୍ ଢାଙ୍କିବା ଦ୍ୱାରା ଚାରା ଅଚାନକ ବର୍ଷା, ରୋଗପୋକ ପ୍ରକୋପରୁ ସୁରକ୍ଷିତ ରହିପାରେ।

## ସୁବର୍ଣ୍ଣା



## ଜିଆଖତରୁ କୋଟିପତି



**ବର୍ତ୍ତମାନ ଅଧିକାଂଶ ଚାଷୀ ଜୈବିକ ପଦ୍ଧତି ଚାଷକୁ ଗୁରୁତ୍ୱ ଦେଉଛନ୍ତି। ଜୈବିକ କୃଷିର ବିକାଶରେ ଜିଆଖତର ଭୂମିକା ଅଧିକ। ଏହି ଜିଆଖତ ବ୍ୟବସାୟକୁ ମାଧ୍ୟମ କରି ମଧ୍ୟପ୍ରଦେଶ, ଜବଲପୁରର ହୃଦେଶ ରାୟ ବାର୍ଷିକ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି।**

କରୋନାରେ ହୃଦେଶ ଆଇଟି ଚାକିରି ଛାଡ଼ି ଜିଆଖତ ବ୍ୟବସାୟ ଆରମ୍ଭ କରିଥିଲେ। ଜିଆଖତରେ ବିଭିନ୍ନ ପ୍ରକାର ହରମୋନ, ଭିଟାମିନ୍, ଏନଜାଇମ୍, ଆଣ୍ଟିବାୟୋଟିକ୍ ଥାଏ। ଏହି ଖତ ଜଳଧାରଣ କ୍ଷମତାକୁ ବଢ଼ାଇବା ସହ ମୃତ୍ତିକାରେ ଉପକାରୀ ଜୀବାଣୁଙ୍କ ସଂଖ୍ୟା ବୃଦ୍ଧି କରେ। ତେଣୁ ଜିଆଖତରୁ ରୋଜଗାର କରିବା ଲକ୍ଷ୍ୟରେ ହୃଦେଶ ଏହି ଖତ ପ୍ରସ୍ତୁତ ପାଇଁ ଏକ କାରଖାନା ସ୍ଥାପନା କରିଥିଲେ। ଜିଆଖତ ବିକ୍ରିରୁ ଚାଷୀଙ୍କୁ ବଜାରରୁ ଉଚିତ ଦରଦାମ ମିଳୁନଥିବା ଦେଖି ହୃଦେଶ ବନ୍ଧୁ ଅଭିଷେକଙ୍କ ସହିତ ଜବଲପୁର, ନାଗପୁର ଏବଂ ନିମଚ ଅଞ୍ଚଳର ପାଖାପାଖି ୨୬ରୁ ୨୭ ଚାଷୀଙ୍କ ସହିତ ଯୋଡ଼ି ହୋଇଥିଲେ। ଜିଆ ଉତ୍ପାଦନ ବଢ଼ାଇବା ବଦଳରେ ହୃଦେଶ ଚାଷୀଙ୍କଠାରୁ ଜିଆଖତ କିଣିବା ଫଳରେ ଉଭୟେ ଲାଭବାନ ହେଲେ। ଚାଷୀଙ୍କଠାରୁ ଖତ କିଣି କମ୍ପାନୀ ଏହାର ଗୁଣବତ୍ତା ଏବଂ ନିର୍ଦ୍ଧାରିତ ମାନକଗୁଡ଼ିକର ଯାଞ୍ଚ କରେ। ଉତ୍ତମ ଗୁଣବତ୍ତା ଖତ ବା ସାର ବଜାରରେ ବିକ୍ରି କରାଯାଏ। ଏହି ବ୍ୟବସାୟ ଆଗକୁ ବଢ଼ାଇବାକୁ ହୃଦେଶ ବ୍ୟାଙ୍କରୁ ଋଣ ମଧ୍ୟ ନେଇଛନ୍ତି। ସେ କୁହନ୍ତି, ଜିଆଖତ କିଣିବାକୁ ୯୦% ଅର୍ଡର ତାଙ୍କୁ ଫୋନ୍ ଦ୍ୱାରା ମିଳିଥାଏ। ତେବେ ବର୍ତ୍ତମାନ ସେ ନିଜ ଘରୁ ଏହି କାରବାର ସମ୍ଭାଳୁଛନ୍ତି। ଏଥିରୁ ତାଙ୍କର ବାର୍ଷିକ କାରବାର ପ୍ରାୟ ୧.୫ କୋଟି ଟଙ୍କା ରହିଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଦକ୍ଷିଣ ଭାରତ ଏବଂ ଜମ୍ମୁ କାଶ୍ମୀର ସମେତ ଦେଶର ଭିନ୍ନ ଭିନ୍ନ ସ୍ଥାନକୁ ହୃଦେଶ ଏହି ଜିଆଖତ ଯୋଗାଉଛନ୍ତି।

## ଫୁଲକୋବି ଚାଷ



**ଫୁଲକୋବି ଚାଷ ପାଇଁ ସେପ୍ଟେମ୍ବର ମାସଟି ଉପଯୁକ୍ତ ସମୟ। ଏହି ମାସରେ ହିଡ଼ ବା ଉଚ୍ଚ ପ୍ରଣାଳୀରେ ଗଛ ଲଗାଇବା ଭଲ।**

ଏହି ଚାଷ ପାଇଁ ଅତି ସଅଳ କିସମ ବିହନ ଯଥା- ପୁସା କାର୍ତ୍ତିକ, ପୁସା ମେଘନା ଆଦି ଚୟନ କରାଯାଏ। ଏକ ହେକ୍ଟରରେ ଚାଷ ପାଇଁ ପ୍ରାୟ ୨୫୦ ଗ୍ରାମ୍ ବିହନ ଆବଶ୍ୟକ। ପ୍ରଥମେ ତଳିଘରା ପ୍ରସ୍ତୁତ କରି ବିହନ ବୁଣାଯାଏ। ନର୍ସରୀରୁ ପ୍ରସ୍ତୁତ ଚାରାରେ ୪ରୁ ୫ଟି ପତ୍ର ଆସିଲେ ତାହାକୁ ମୁଖ୍ୟ ଜମିରେ ରୁଆଯାଏ। ଚାରା ବିଶୋଧନ ପାଇଁ କପର ଅକ୍ସିକ୍ଲୋରାଇଡ ୨.୫ ଗ୍ରାମ୍ ପ୍ରତି ଲିଟର ବ୍ୟବହାର କରିପାରିବେ। ମୁଖ୍ୟ ଜମିରେ ଫୁଲକୋବି ଲଗାଇବା ସମୟରେ ଧାଡ଼ିକୁ ଧାଡ଼ି- ୬୦ ସେ.ମି ଏବଂ ଗଛକୁ ଗଛ ଦୂରତ୍ୱ ୩୦-୪୫ ସେ.ମି ହୋଇଥାଏ। ଚାରା ଲଗାଇବା ସମୟରେ ଏକର ପିଛା ୧୦ କି.ଗ୍ରା. ଯବକ୍ଷାରଜାନ, ୨୪ କି.ଗ୍ରା. ଫସ୍‌ଫରସ୍, ୫ କି.ଗ୍ରା. ପଟାସ ସାର ପ୍ରୟୋଗ କରିବା ଉଚିତ। ପ୍ରତି ୧୫ ଦିନରେ ଥରେ ୨୦ କି.ଗ୍ରା. ଯବକ୍ଷାରଜାନ ଓ ୧୦ କି.ଗ୍ରା. ପଟାସ ଦରକାର ହୁଏ। ଚାରା ଲାଗିବାର ୧୫ରୁ ୨୦ ଦିନ ମଧ୍ୟରେ ବିଭିନ୍ନ ପ୍ରକାର ରୋଗ ଲାଗିଥାଏ। ମୁଖ୍ୟତଃ ବନ୍ଧାକୋବି ଶୂକ ବା କୋବିବିନ୍ଧା ପୋକ ଦେଖାଦେଲେ ଏକର ପ୍ରତି ୨୦୦ ଲିଟର ପାଣିରେ ୨୦୦ ମି.ଲି.ଫେନ୍ ଭାଲାରେଟକୁ ମିଶାଇ ସିଞ୍ଚନ କରାଯାଏ। ପତ୍ରପୋଡ଼ା ରୋଗ ଦେଖାଦେଲେ ୨୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଇଣ୍ଡୋଫିଲ୍ ଏମ୍ -୪୫ କିମ୍ବା ୪୦୦ ଗ୍ରାମ୍ କରଜେଟ୍‌କୁ ମିଶାଇ ସିଞ୍ଚନ କରାଯାଏ। ଠିକିରିଆ ପୋକ ଦେଖାଦେଲେ ୨୫୦ କାଲଡାନ ବା ପାଦାନକୁ ୨୦୦ ଲିଟର ପାଣିରେ ମିଶାଇ ଜମିରେ ସିଞ୍ଚନ କରାଯାଏ। ଜୈବିକ ଖତ ଗଛମୂଳରେ ଦେଇପାରିବେ। ମାଟିର ଆର୍ଦ୍ରତା ଦେଖି ଜଳ ସେଚନ କରାଯାଏ। ଚାରା ଲଗାଇବାର ଦୁଇ ମାସ ମଧ୍ୟରେ ଫୁଲକୋବି ଅମଳ ହୋଇଥାଏ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ


- ପାଣିପାଗର ପୂର୍ବାନୁମାନକୁ ଲକ୍ଷ୍ୟ କରି ଚାଷୀଭାଇଙ୍କୁ ଫସଲରେ କୋଡ଼ାଖୋସା, ସାରପ୍ରୟୋଗ ଏବଂ କୀଟନାଶକ ଇତ୍ୟାଦିର ପ୍ରୟୋଗ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଉଛି।
- ଅମଳ ଉପଯୋଗୀ ପରିବାକୁ ଅମଳ କରି ଦିଅନ୍ତୁ। ଲତାଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛ ଆଦିକୁ ବାଡ଼ି/ ଖୁଣ୍ଟ ସାହାଯ୍ୟରେ ଡେରା ଦେବାର ବ୍ୟବସ୍ଥା କରନ୍ତୁ।
- ଫସଲରେ ରୋଗ ଓ ପୋକର ସଂକ୍ରମଣକୁ ନିୟମିତ ନିରୀକ୍ଷଣ କରନ୍ତୁ।
- ପନିପରିବା ଫସଲରେ ଝାଉଁଳା ଓ ମୂଳ ପଚାରୋଗର ଲକ୍ଷଣ ଦେଖିଲେ ୧୦ ଲିଟର ପାଣିରେ ୨୦ ଗ୍ରାମ୍ ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲ୍ୟୁପି ମିଶାଇ ଗଛ ମୂଳ ଚାରିପାଖେ ଡ୍ରେଞ୍ଚିଂ କରନ୍ତୁ। ଜଳ ନିଷ୍କାସନର ସଠିକ୍ ବ୍ୟବସ୍ଥା କରନ୍ତୁ।

## ବାଇଗଣ ଫସଲରେ ରୋଗପୋକ ନିୟନ୍ତ୍ରଣ

**ବର୍ଷାଦିନେ ବାଇଗଣ ଫସଲରେ ସଠିକ୍ ସମୟରେ ରୋଗପୋକ ଚିହ୍ନଟ କରି ଏହାର ନିରାକରଣ କରିବା ଆବଶ୍ୟକ।**

- ବାଇଗଣ ଫସଲରେ ମୂଳସଢ଼ା ରୋଗର ନିରାକରଣ ପାଇଁ କପ୍ପର ଅକ୍ସିକ୍ଲୋରାଇଡ ୫୦ଡବ୍ଲ୍ୟୁପି @ ୩ ଗ୍ରାମ ପ୍ରତି ଲିଟର ପିଛା ଏବଂ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୧୫ଗ୍ରାମକୁ ଏକ ଲିଟର ପାଣିରେ ମିଶାଇ ଗଛ ମୂଳକୁ ସିଞ୍ଚନ କରାଯାଏ।
- ଫଳବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ସ୍ପିନୋସ୍ୟାଡ ୪୫ଏସ୍‌ସିକୁ ୦.୫ମିଲି/ ଲିଟର ପାଣି ହିସାବରେ କିମ୍ବା ଇମାମେକ୍ଟିନ ବେଞ୍ଜୋଏଟ ୫ ଏସ୍‌ଜିକୁ ୦.୩ ଗ୍ରାମ୍ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ସେହିପରି ଅଷ୍ଟପଦୀ ପୋକର ନିୟନ୍ତ୍ରଣ ପାଇଁ ସ୍ପିରୋମେସିଫେନ୍ ୨୨.୯ ଏସ୍‌ସିକୁ ୦.୨ ମି.ଲି. / ଲିଟର କିମ୍ବା ପ୍ରୋପାରଗାଇଟ୍ ୫୭ଇସିକୁ ୨ମିଲି/ ଲିଟର ହିସାବରେ ସିଞ୍ଚନ କରାଯାଏ।
- ଧଳାମାଛିର ନିୟନ୍ତ୍ରଣ ପାଇଁ ଡାଇଫେନ୍ଥୁରିଅନ୍ ୫୦ ଡବ୍ଲୁପିକୁ ୧.୨୫ ଗ୍ରାମ୍ ପ୍ରତି ଲିଟର ପିଛା କିମ୍ବା ଫ୍ଲୋନିକାମିଡ୍ ୫୦ ଡବ୍ଲ୍ୟୁଜିକୁ ୦.୩ ମିଲି ପ୍ରତି ଲିଟର ହିସାବରେ ସିଞ୍ଚନ କରିବା ଏକାନ୍ତ ଆବଶ୍ୟକ।

## ମାଛ ଯାଆଁଳ ଚୟନରେ ସତର୍କତା



**ପୂର୍ବାପେକ୍ଷା ଲୋକଙ୍କର ଏବେ ମାଛଚାଷ ପ୍ରତି ଅଧିକ ଆଦର ବଢ଼ିଛି । ତେବେ ମାଛଚାଷ ପାଇଁ ଭଲ ଗୁଣବତ୍ତାର ଯାଆଁଳ ଚିହ୍ନିବା ଏକାନ୍ତ ଆବଶ୍ୟକ।**

ଗୁଲାବିକାଳିଙ୍କଠାରୁ ଯାଆଁଳ ନକିଣି ସର୍ବଦା ନିର୍ଭରଯୋଗ୍ୟ ସରକାରୀ ଓ ବେସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ଭଲ ଗୁଣବତ୍ତା ଥିବା ଯାଆଁଳ କିଣିବା ଉଚିତ। ସାଧାରଣତଃ ଛୋଟ ଯାଆଁଳ ଚିହ୍ନିବାରେ ସମସ୍ୟା ହୁଏ। ତେଣୁ ଏକ ଯବକାଚ ଦ୍ୱାରା ଦେଖିଲେ ଯାଆଁଳ ବଡ଼ ଦେଖାଯା'ନ୍ତି। ମାଛର ସଠିକ ପ୍ରଜାତି, ଶରୀରର ଡେଣା, ଲାଞ୍ଜ ଅକ୍ଷତ ଥିଲେ ଏହା ଭଲ ଯାଆଁଳ ବୋଲି ଜଣାଯାଏ। ଏହାଦ୍ୱାରା ରୋହି, ଭାକୁର, ମିରିକାଳି, ଜୟନ୍ତୀ ରୋହି ଆଦି ମାଛର ମିଶ୍ରିତ ପରିମାଣ ଜଣା ପଡ଼ିଥାଏ। ସେହିପରି ଯାଆଁଳଗୁଡ଼ିକ ସକ୍ରିୟ ଅଛନ୍ତି କି ନାହିଁ ତାହାକୁ ପରୀକ୍ଷା କରିବା ପାଇଁ ଏକ ପ୍ଲାଷ୍ଟିକ୍ ଟବ୍‌ରେ ଦୁଇବାଲ୍‌ଟି ପାଣି ନେଇ ସେଥିରେ ହଜାରେ ଯାଆଁଳ ଛାଡ଼ିବା ଉଚିତ। ଘଣ୍ଟାକଣ୍ଟା ଦିଗରେ ଭଉଁରୀ ସୃଷ୍ଟି କରିବା ଦ୍ୱାରା ଯାଆଁଳ ଯଦି ତା'ର ପ୍ରତିକୂଳ ଦିଗରେ ପହଁରନ୍ତି ତାହା ସକ୍ରିୟ ଯାଆଁଳ ହୋଇଥାନ୍ତି। ସ୍ରୋତର ମଝିରେ ମେଞ୍ଚା ମେଞ୍ଚା ହୋଇ ରହୁଥିବା ଯାଆଁଳ ଦୁର୍ବଳ ହୋଇଥାନ୍ତି।

ୟୁଏସ୍ ଓପନ ଟେନିସ

# ପ୍ରଥମ ରାଉଣ୍ଡରୁ ଜୋକୋଭିଚ୍ ବିଦା

ନ୍ୟୁୟର୍କ,୩୧।୮ (ଏଜେନ୍ସି)





ବିପର୍ଯ୍ୟୟ ଓ ଧମାକାଦାର ଖେଳରୁ ୨୦୨୬ର ଶେଷ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ ଆରମ୍ଭ ହୋଇଛି। ଏଥର ଯେପରି ସର୍ବାଧିକ ପୁରସ୍କାର ରାଶି ଦେବାର ବ୍ୟବସ୍ଥା କରାଯାଇଛି, ଠିକ୍ ସେହିପରି ପୁରୁଷ ବିଭାଗରେ ବଡ଼ ବିପର୍ଯ୍ୟୟରୁ ଏହି ଟୁର୍ଣ୍ଣାମେଣ୍ଟ ଚମକ ଦେଖାଇଛି। ୨୪ଥରର ଗ୍ରାଣ୍ଡ ସ୍ଲାମ୍ ସିଙ୍ଗଲ୍ସ ଚାମ୍ପିଅନ ତଥା ୪ର୍ଥ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରୁ ବିଦା ହେବା ଏହି ଟୁର୍ଣ୍ଣାମେଣ୍ଟର ଧମାକାଦାର ଆରମ୍ଭ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ପୁରୁଷ ବିଭାଗ ସିଙ୍ଗଲ୍ସ ଏକକ ରାଉଣ୍ଡରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନେ ୫ ସେଟ୍ ବିଶିଷ୍ଟ ମୁକାବିଲାରେ ଜୋକୋଭିଚ୍‌ଙ୍କୁ ୟୁଏସ୍ ଓପନର ପ୍ରଥମ ରାଉଣ୍ଡରୁ ବିଦା କରିଛନ୍ତି। ମାରିଆନୋ ଏହି ମ୍ୟାଚ୍‌କୁ ୩-୨ ବା ୭-୬ (୭/୫), ୫-୭, ୪-୬, ୬-୨, ୬-୧ ସେଟ୍‌ରେ ପରାସ୍ତ କରିଥିଲେ। ଅତ୍ୟଧିକ ଗରମ ହେତୁ ୩୯ ବର୍ଷୀୟ ଜୋକୋଭିଚ୍ ତାଙ୍କ ଖେଳ ପ୍ରଦର୍ଶନ କରିବାରେ ଅସମର୍ଥ ହୋଇଥିଲେ ବୋଲି ମ୍ୟାଚ୍ ହାରିଯିବା ପରେ କହିଥିଲେ। ଏଠାରେ ସେ ଗତ ୧୯ଥର ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିଲାବେଳେ ପ୍ରଥମଥର ପ୍ରଥମ ରାଉଣ୍ଡରୁ ବିଦା ହୋଇଛନ୍ତି। ସେହିପରି ଯେ କୌଣସି ଗ୍ରାଣ୍ଡସ୍ଲାମ୍ ଟେନିସର ପ୍ରଥମ ରାଉଣ୍ଡରୁ ସେ ୨୦୦୬ ପରେ ପ୍ରଥମଥର ପରାଜିତ ହୋଇଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି, ସେ ଖେଳରେ ଯେତେ କୁଶଳୀ ହୋଇଥାନ୍ତୁ ନା କାହିଁକି ଟପ୍ ଲେଭଲ ଟେନିସ ଖେଳିବାକୁ ତାଙ୍କ ଦେହ ଆଉ ଅନୁମତି ଦେଉନାହିଁ। ନିକଟରେ ଖେଳାଯାଇଥିବା ସିନସିନାଟି ଓପନରେ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ଆଉ ଜଣେ ଆର୍ଜେଣ୍ଟିନା ଖେଳାଳି ଥିଆଗୋ ତିରଣ୍ଟେଙ୍କ ନିକଟରୁ ପରାଜିତ ହୋଇଥିଲେ। ଉଭୟ ସିନସିନାଟି ଓ ନ୍ୟୁୟର୍କର ଅଧିକ ଗ୍ରୀଷ୍ମ ପ୍ରବାହକୁ ସେ ସହ୍ୟ କରି ପାରି ନ ଥିଲେ। ଅନେକଙ୍କ ଆଶା କରିଥିଲେ, ଏଥର ଜୋକୋଭିଚ୍ ୟୁଏସ୍ ଓପନ ଚାମ୍ପିଅନ ହେବା ସହ ଅଷ୍ଟ୍ରେଲିଆର ମାର୍ଗାରେଟ କୋର୍ଟଙ୍କ ସର୍ବାଧିକ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ ବିଜୟକୁ ଅତିକ୍ରମ କରିପାରିବେ। ଏହାର ମୁଖ୍ୟ କାରଣ ହେଲା ତାଙ୍କର ଦୁଇ ପ୍ରତିଦ୍ୱନ୍ଦ୍ୱୀ ତଥା ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଆଘାତ ଜନିତ କାରଣରୁ ଏହି ଟୁର୍ଣ୍ଣାମେଣ୍ଟ ଖେଳୁ ନାହାନ୍ତି। ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ତଥା କାର୍ଲୋସ ଅଲକାରାଜ ଆଘାତ ସମସ୍ୟା ସହ ଲଢ଼େଇ କରି ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଯୋଗିତାମୂଳକ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଣୁ ତାଙ୍କୁ ହରାଇ ଟାଇଟଲ ଜିତିବା ଜୋକୋଭିଚ୍‌ଙ୍କ ପକ୍ଷେ ସହଜ ହେବ। କିନ୍ତୁ ତାହା ସମ୍ଭବ ହେଲା ନାହିଁ। ଗତ ୭ଟି ଗ୍ରାଣ୍ଡ ସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ୬ଥର ସେମିଫାଇନାଲ ଖେଳିଥିବା ଜୋକୋଭିଚ୍ ଯେ ପ୍ରଥମ ରାଉଣ୍ଡରୁ ବିଦା ହେବେ, ତାହା କେହି ଆଶା କରି ନ ଥିଲେ। ଏବେ କିନ୍ତୁ ଏହା ସତ୍ୟରେ ପରିଣତ ହୋଇଛି ଓ ପରାଜିତ ହେବା ପରେ ଜୋକୋଭିଚ୍ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ। ଏହି ପରାଜୟ ପରେ ଏବେ ଜୋକୋଭିଚ୍‌ଙ୍କ ଅବସର ନେଇ ଜୋର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ପୁରୁଷ ବିଭାଗ ପ୍ରଥମ ରାଉଣ୍ଡରେ ୭ମ ସିଡ୍ ଡାନିଲ ମେଦଭେଦେଭ୍, ୧୫ ନମ୍ବର ସିଡ୍ ଆଲେକଜାଣ୍ଡର ବୁବ୍‌ଲିକ୍, ୧୮ତମ ସିଡ୍ ଜିରି ଲେହେକା,୨୦ତମ ସିଡ୍ ଟମି ପଲ, ୨୬ତମ ସିଡ୍ ଆର୍ଥର ରିଣ୍ଡେରନେକ୍ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ପ୍ରଥମ ଦିନ ଜୋକୋଭିଚ୍‌ଙ୍କ ସହ ୨୯ତମ ସିଡ୍ କାମେରନ ନୋରୀ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

## ପେଗୁଲା, ଭିଟୋଲିନାଙ୍କ ବିଜୟ ଅଭିଯାନ



**ନ୍ୟୁୟର୍କ,୩୧।୮ (ଏଜେନ୍ସି):** ପୁରୁଷ ବିଭାଗ ସିଙ୍ଗଲ୍ସ ଭଳି ୨୦୨୬ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସର ପ୍ରଥମ ଦିନ ଖେଳାଯାଇଥିବା ପ୍ରଥମ ରାଉଣ୍ଡରେ ସେପରି କିଛି ବଡ଼ ବିପର୍ଯ୍ୟୟ ଘଟିନାହିଁ। ପ୍ରଥମ ରାଉଣ୍ଡରେ ତୃତୀୟ ସିଡ୍ ଜେସିକା ପେଗୁଲା ଓ ୯ମ ସିଡ୍ ଏଲିନା ଭିଟୋଲିନା ସହଜ ବିଜୟ ସହ ଟାଇଟଲ ଅଭିଯାନ ଆରମ୍ଭ କରିଛନ୍ତି। ସ୍ଥାନୀୟ ଖେଳାଳି ପେଗୁଲା ୬-୩, ୬-୨ରେ ଏଲିନା ଗାବ୍ରିଏଲା ରୁସେଙ୍କୁ ଏବଂ ୟୁକ୍ରେନ୍‌ର ଭିଟୋଲିନା ୬-୧, ୬-୨ ସିଧାସଳଖ ସେଟ୍‌ରେ ଆର୍ଜେଣ୍ଟିନାର ସୋଲାନା ସିଏରାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ୧୧ତମ ସିଡ ମାର୍ତ୍ତା କୋସ୍ଟ୍ୟୁକ୍, ୧୮ତମ ସିଡ୍ ଏକଟେରିନା ଆଲେକ୍‌ଜାଣ୍ଡ୍ରୋଭୋ, ୧୯ତମ ସିଡ୍ ଜଷ୍ଟିନ ପାଓଲିନି, ୩୧ତମ ସିଡ୍ ଲିଲା ଫର୍ଣ୍ଣାଣ୍ଡେଜ୍ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି।


### ଭେନସଙ୍କ ୧୪ତମ ପରାଜୟ

ମହିଳା ବିଭାଗର ଅନ୍ୟ ଏକ ପ୍ରଥମ ରାଉଣ୍ଡ ମୁକାବିଲାରେ ପୂର୍ବ ଚାମ୍ପିଅନ ଭେନସ ୱିଲିୟମ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏହା ଫଳରେ ସେ ପ୍ରତିଯୋଗିତାମୂଳକ ଟେନିସକୁ ଫେରିବା ପରେ କ୍ରମାଗତ ୧୪ତମ ପରାଜୟ ବରଣ କରିଛନ୍ତି। ଏଠାରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡରେ ନିଜ ଦେଶର ସୋଫିଆ କେନିନଙ୍କ ଠାରୁ ଭେନସ ୬-୨, ୭-୬ (୮/୬) ସେଟ୍‌ରେ ପରାଜିତ ହୋଇଥିଲେ। ଏହା ଫଳରେ ପ୍ରତିଯୋଗିତାମୂଳକ ଟେନିସକୁ ଫେରିବା ଲାଗି ୪୫ ବର୍ଷୀୟା ଭେନସ ଯେଉଁ ଉଦ୍ୟମ ଚଳାଇଛନ୍ତି, ସେଥିରେ ଗୋଟିକ ପରେ ଗୋଟିଏ ବାଧା ସୃଷ୍ଟି ହେବାରେ ଲାଗିଛି। ପ୍ରଥମ ରାଉଣ୍ଡରେ ଏକମାତ୍ର ସିଡେଡ ଖେଳାଳି ୨୭ ନମ୍ବର ଚେକ୍ ରିପବ୍ଲିକ୍‌ର ବାର୍ବୋରା କ୍ରେଜିକୋଭା ପରାଜିତ ହୋଇଛନ୍ତି। ଉଜ୍‌ବେକିସ୍ତାନର କାମିଲିଆ ରାଖିମୋଭା ୭-୬ (୭/୪), ୬-୨ ସେଟ୍‌ରେ କ୍ରେଜିକୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଗ୍ରାଣ୍ଡସ୍ଲାମ୍ ଇତିହାସରେ ପ୍ରଥମଥର ଲାଗି ମିକ୍ସଡ ଡବଲ ଇଭେଣ୍ଟ ମେନ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ଶେଷ ହୋଇଯାଇଛି। ଖେଳାଳିମାନଙ୍କୁ ସିଙ୍ଗଲ୍ସ ଓ ଡବଲ୍ସ ଉପରେ ଅଧିକ ଗୁରୁତ୍ୱ ଦେବା ଓ ମିକ୍ସଡ ଇଭେଣ୍ଟରେ ଶୀର୍ଷ ଖେଳାଳିମାନଙ୍କୁ ଆକୃଷ୍ଟ କରିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିଲା।


■ ଦୁଲୀପ ଟ୍ରଫି ସେମିଫାଇନାଲ

## ବୈଭବ ସୂର୍ଯ୍ୟବଂଶୀ ଶତକରୁ ବଞ୍ଚିତ



**ବେଙ୍ଗାଲୁରୁ,୩୧।୮ (ଏଜେନ୍ସି):** ଏଠାରେ ଚାଲିଥିବା କେନ୍ଦ୍ରାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫି ସେମିଫାଇନାଲରେ ପୂର୍ବାଞ୍ଚଳର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ଇନିଂସ ଓପନ କରିଥିବା ସୂର୍ଯ୍ୟବଂଶୀ ୮୧ ବଲ୍‌ରୁ ୭ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୯୨ରନ୍ କରି ଆଉଟ ହେବାରୁ ସର୍ବକନିଷ୍ଠ ଖେଳାଳି ଭାବେ ଦୁଲୀପ୍ ଟ୍ରଫିରେ ଶତକ କରିପାରି ନାହାଁନ୍ତି। ସେ ଓ ଅଭିମନ୍ୟୁ ଈଶ୍ୱରନ ପ୍ରଥମ ୱିକେଟରେ ୧୬୧ ରନ୍ ଉଠାଇ ଏକ ମଡ଼ ଇନିଂସ ଲାଗି ଦୃଢ଼ ମୂଳଦୁଆ ପକାଇଥିଲେ। କିନ୍ତୁ ସୂର୍ଯ୍ୟବଂଶୀଙ୍କ ଆଉଟ ପରେ ପୂର୍ବାଞ୍ଚଳ ୧୦୫ରନ୍‌ରେ ୧୦ଟି ୱିକେଟ ହରାଇ ୨୬୬ ରନ୍‌ରେ ଅଲଆଉଟ ହେବା ସହ କେନ୍ଦ୍ରାଞ୍ଚଳର ପ୍ରଥମ ଇନିଂସ ସ୍କୋର ସହ ଟାଇ କରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ବାମହାତୀ ସ୍ପିନର ହର୍ଷ ଦୁବେ ସର୍ବାଧିକ ୪ଟି, ଦୁଇ ଯୁବ ଫାଷ୍ଟ ବୋଲର ଆର୍ଯ୍ୟନ ପାଣ୍ଡେ ଓ ଯଶ ଠାକୁର ୩ଟି ଲେଖାଏଁ ୱିକେଟ ବାଣ୍ଟି ନେଇଥିଲେ। ୫ ଦିନ ଧରି ଖେଳାଯିବାକୁ ଥିବା ଏହି ସେମିଫାଇନାଲର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା କେନ୍ଦ୍ରାଞ୍ଚଳ ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ ୪୫ରନ୍ କରିଛି। ପୂର୍ବାଞ୍ଚଳ ପକ୍ଷରୁ ମୁକେଶ କୁମାର ୨ଟି ଓ ମହମ୍ମଦ୍ ସାମି ଗୋଟିଏ ୱିକେଟ ପାଇଛନ୍ତି। ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରି କେନ୍ଦ୍ରାଞ୍ଚଳ ଏହି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଛି।

## ତିଳକ ବର୍ମାଙ୍କ ଶତକ



ଏଠାରେ ଚାଲିଥିବା ଉତ୍ତରାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣାଞ୍ଚଳର ଅଧିନାୟକ ତିଳକ ବର୍ମା ଶତକ ହାସଲ କରିଛନ୍ତି। ସେ ୧୦୬ ରନ୍ କରି ଅପରାଜିତ ରହିବା ସହ ୬ଷ୍ଠ ୱିକେଟ ଯୋଡିରେ ଶ୍ରେୟାସ ଗୋପାଳଙ୍କ ସହ ୧୭୫ ରନ୍ ଉଠାଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେଲ। ଦଳ ୮୦ ରନ୍‌ରେ ପ୍ରଥମ ୫ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଗୋପାଳ ୮୮ ରନ୍ କରି ଆଉଟ ହେବା ପରେ ଦକ୍ଷିଣାଞ୍ଚଳର ଆଉ ଏକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ତେବେ ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ଦକ୍ଷିଣାଞ୍ଚଳ ୯ ୱିକେଟରେ ୨୮୫ ରନ୍ କରି ପ୍ରଥମ ଇନିଂସରେ ଉତ୍ତରାଞ୍ଚଳ ବିପକ୍ଷରେ ୯୦ ରନ୍‌ରେ ଆଗୁଆ ରହିଛି। ଉତ୍ତରାଞ୍ଚଳ ପକ୍ଷରୁ ଗୁରନୁର ବ୍ରାର ୪ଟି, ଅର୍ଶଦୀପ ସିଂହ ଓ ଅଂଶୁଲ କାମ୍ବୋଜ ୨ଟି ଲେଖାଏଁ ୱିକେଟ ପାଇଥିଲେ। ପ୍ରଥମ ଇନିଂସରେ ଉତ୍ତରାଞ୍ଚଳ ୧୯୫ ରନ୍ କରିଥିଲା।

## ଶ୍ରୀଲଙ୍କାରେ ହେବନାହିଁ ମହିଳା ଚାମ୍ପିଅନ୍ସ ଟ୍ରଫି

**ଦୁବାଇ, ୩୧।୮, (ଏଜେନ୍ସି):** ଆଇସିସି ପକ୍ଷରୁ ପ୍ରଥମ ମହିଳା ଚାମ୍ପିଅନ୍ସ ଟ୍ରଫି ଶ୍ରୀଲଙ୍କାରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଶ୍ରୀଲଙ୍କା କ୍ରିକେଟ୍ ପରିଚାଳନାରେ ସରକାରଙ୍କ ହସ୍ତକ୍ଷେପ ଯୋଗୁଁ ଚାମ୍ପିଅନ୍ସ ଟ୍ରଫିକୁ ଶ୍ରୀଲଙ୍କାରୁ ପ୍ରତ୍ୟାହାର କରିନେଇଛି ଆଇସିସି। ଶ୍ରୀଲଙ୍କା କ୍ରିକେଟ୍ ବର୍ତ୍ତମାନ ସରକାରଙ୍କ ଦ୍ୱାରା ନିଯୁକ୍ତ ରୂପାନ୍ତରଣ କମିଟି ଦ୍ୱାରା ପରିଚାଳିତ ହେଉଛି। ଆଇସିସିର ନିୟମାନୁସାରେ, ରାଜନୈତିକ ଭାବେ ନିଯୁକ୍ତ କାମଚଳା ପ୍ରଶାସନ ଗ୍ରହଣୀୟ ନୁହେଁ। କମିଟି ଦାୟିତ୍ୱ ନେବା ପରଠାରୁ ଆଇସିସି ବୋର୍ଡ ବୈଠକରେ ଯୋଗଦେବା ପାଇଁ ଶ୍ରୀଲଙ୍କାର ପ୍ରତିନିଧିଙ୍କୁ ଆଇସିସି ବାରଣ କରିଛି। ମହିଳା ଚାମ୍ପିଅନ୍ସ ଟ୍ରଫି ପ୍ରତ୍ୟାହାର ହେବା ଦ୍ୱାରା କେବଳ ଶ୍ରୀଲଙ୍କା ବୋର୍ଡର ଆର୍ଥିକ କ୍ଷତି ହେବ ନାହିଁ; ବରଂ ଏହାର କ୍ରିକେଟ୍ ଉପରେ ପ୍ରଭାବ ମଧ୍ୟ ପଡ଼ିପାରେ। ପୂର୍ବରୁ ମଧ୍ୟ ସରକାର ଦେଶର କ୍ରିକେଟ୍ ବୋର୍ଡକୁ ଭାଙ୍ଗିବା ଯୋଗୁଁ ୨୦୨୪ରେ ଶ୍ରୀଲଙ୍କା ମଧ୍ୟ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ଆୟୋଜନ ଅଧିକାର ହରାଇଥିଲା। ୨୦୨୭ ଫେବୃଆରୀରେ ଏହି ଟ୍ରଫି ଆୟୋଜିତ ହୋଇଥାନ୍ତା। ଏବେ ଏହା ଭାରତ କିମ୍ବା ଅନ୍ୟ କେଉଁଠି ଆୟୋଜିତ ହେବ। ଏଥିରେ ବିଶ୍ୱର ଶ୍ରେଷ୍ଠ ୬ଟି ଦେଶ ଭାଗନେବେ। ଏହା ଫଳରେ ସପ୍ତମ ସ୍ଥାନରେ ଥିବା ଶ୍ରୀଲଙ୍କା ମଧ୍ୟ ଏହି ଟ୍ରଫି ଖେଳିବାରୁ ବଞ୍ଚିତ ହୋଇପାରେ।

## ସିଏସ୍‌କେ ଅଂଶଧନ ମାଗିନାହାନ୍ତି ଧୋନି

**ଚେନ୍ନଇ, ୩୧।୮, (ଏଜେନ୍ସି):** ଚେନ୍ନଇ ସୁପର କିଙ୍ଗ୍ସର ସୁପରଷ୍ଟାର ମହେନ୍ଦ୍ର ସିଂହ ଧୋନି ଏହି ଫ୍ରାଞ୍ଚାଇଜିରେ ୨୫ ଶତକଡ଼ା ମାଲିକାନା ବା ଅଂଶଧନ ନେବା ଲାଗି ଦାବି କରିଥିବା ଏକ ଖବର ପ୍ରକାଶ ପାଇଥିଲା। ଏଭଳି ଖବରକୁ ଖଣ୍ଡନ କରିଛନ୍ତି ସିଏସ୍‌କେର ସିଇଓ କାଶୀ ବିଶ୍ୱନାଥ। ଏହାସହ ଆଇପିଏଲ୍‌ରେ ଧୋନିଙ୍କ ଭବିଷ୍ୟତକୁ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନଥିବା ଏବଂ ୨୦୨୭ ସଂସ୍କରଣରେ ଧୋନି ଖେଳିବେ କି ନାହିଁ, ସେ ନେଇ କୌଣସି ସ୍ୱଷ୍ଟୋକ୍ତି ଦେଇନଥିବା ବିଶ୍ୱନାଥ ପ୍ରକାଶ କରିଛନ୍ତି। ମହେନ୍ଦ୍ର ସିଂହ ଧୋନି ଓ ସିଏସ୍‌କେ ମଧ୍ୟରେ ମାଲିକାନାକୁ ନେଇ ମତଭେଦ ଥିବା କେତେକ ଅସମର୍ଥିତ ରିପୋର୍ଟରେ ଦାବି କରାଯିବା ପରେ ବିଭିନ୍ନ ଚର୍ଚ୍ଚା ଜୋର ଧରିଥିଲା। ଏହି ରିପୋର୍ଟ କେତେ ସତ; ଯାହା ଜଣା ପଡ଼ିନାହିଁ। ବିଶ୍ୱନାଥଙ୍କ ସ୍ୱଷ୍ଟୀକରଣ ପରେ ଏହିସବୁ ଗୁଜବର ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି।

ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ

## ସିରିଆକୁ ହରାଇ ଭାରତର ଅଭିଯାନ ଆରମ୍ଭ

**ତାଶକେଣ୍ଟ,୩୧।୮ (ଏଜେନ୍ସି):** ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆନ୍ କପ୍ ୨୦୨୭ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଦମ୍‌ଦାର ଆରମ୍ଭ କରିଛି। ସୋମବାର ସ୍ଥାନୀୟ ଦୋସ୍ତଲିକ୍ ଷ୍ଟାଡିୟମ୍‌ରେ ଭାରତ ୧-୦ ଗୋଲ୍‌ରେ ସିରିଆକୁ ପରାସ୍ତ କରିଛି। ମ୍ୟାଚ୍‌ର ଅଧିକାଂଶ ସମୟ ଉଭୟ ଦଳ ଗୋଲ୍ ପାଇଁ ସଂଘର୍ଷ କରିଥିଲେ। ଶେଷରେ ୮୬ତମ ମିନିଟ୍‌ରେ ସିଙ୍ଗାମାୟୁମ୍ ଶାମିଙ୍କ ଗୋଲ୍ ଭାରତକୁ ନିର୍ଣ୍ଣାୟକ ଅଗ୍ରଣୀ ଦେଇଥିଲା। କଟ୍‌ବ୍ୟାକ୍‌ରୁ ଆସିଥିବା ବଲ୍‌କୁ ଶାମି ସଫଳତାର ସହ ଜାଲରେ ପହଞ୍ଚାଇଥିଲେ। କିଛି ସମୟ ପରେ ଭାରତ ଦ୍ୱିତୀୟ ଗୋଲ୍ କରିଥିବା ଭାବିଥିଲା। ଓମାଙ୍ଗ ଦୋଦୁମଙ୍କ ବାମପାଦିଆ କ୍ରସ୍‌କୁ ଗୁନ୍‌ଲେଇବା ୱାଙ୍ଗଖେଇରାକପାମ୍ ଜାଲରେ ପକାଇଥିଲେ। ତେବେ ଅଫ୍‌ସାଇଡ୍ ଯୋଗୁଁ ଗୋଲ୍‌ଟି ବାତିଲ ହୋଇଥିଲା। ଭାରତ ଓ ସିରିଆ ସହିତ ଗ୍ରୁପ୍ 'ବି'ରେ ବାଂଲାଦେଶ ଓ ଆୟୋଜକ ଉଜବେକିସ୍ତାନ ରହିଛନ୍ତି। ଭାରତର ପରବର୍ତ୍ତୀ ମ୍ୟାଚ୍ ଉଜବେକିସ୍ତାନ ବିପକ୍ଷରେ ହେବ। ମହେଶ ଗାୱଲିଙ୍କ ପ୍ରଶିକ୍ଷଣରେ ଖେଳୁଥିବା ଭାରତୀୟ ଦଳର ଲକ୍ଷ୍ୟ ହେଉଛି ୨୦୦୬ ପରେ ପ୍ରଥମ ଥର ପାଇଁ ଅଣ୍ଡର-୨୦ ଏସିଆନ୍ କପ୍‌ର ମୁଖ୍ୟ ପର୍ଯ୍ୟାୟରେ ସ୍ଥାନ ପକ୍କା କରିବା।

ସେପ୍ଟେମ୍ବରରେ ଟେଲିଭିଜନରେ ଡେବ୍ୟୁ କରିବେ ରୋହିତ ଶର୍ମା

## ୧୯ରେ ହେବ ଶୋ'ର ଗ୍ରାଣ୍ଡ ପ୍ରିମିୟର

**ମୁମ୍ବାଇ,୩୧।୮ (ଏଜେନ୍ସି):** କ୍ରିକେଟ୍ ପଡ଼ିଆ ପରେ ଏବେ ମନୋରଞ୍ଜନ ଜଗତରେ ନୂଆ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି ଭାରତୀୟ କ୍ରିକେଟର୍ ରୋହିତ ଶର୍ମା। ସୋନି ପିକ୍‌ଚର୍ସ ନେଟ୍‌ୱର୍କସ୍ ଇଣ୍ଡିଆ ତାଙ୍କ ଟେଲିଭିଜନ୍ ଶୋ'ର ନାମ ଓ ପ୍ରସାରଣ ତାରିଖ ଘୋଷଣା କରିଛି। ରୋହିତଙ୍କ ନୂଆ ମନୋରଞ୍ଜନ କାର୍ଯ୍ୟକ୍ରମର ନାମ 'ଫ୍ୟାମିଲି ଫୁଲ୍ ହାଉସ୍ ୱିଥ୍ ରୋହିତ ଶର୍ମା'। ଏହି ପରିବାରଭିତ୍ତିକ ମନୋରଞ୍ଜନ ଶୋ'ର ଗ୍ରାଣ୍ଡ ପ୍ରିମିୟର ସେପ୍ଟେମ୍ବର ୧୯ରେ ହେବ। ପ୍ରକାଶିତ ପ୍ରମୋରେ ରୋହିତଙ୍କୁ ପ୍ରଶଂସକଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଛି। ପ୍ରଶଂସକମାନେ ତାଙ୍କୁ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା କିଛି ଲୋକପ୍ରିୟ କଥା ଓ ଅଭିବ୍ୟକ୍ତି ପୁଣିଥରେ କରିବାକୁ କହୁଛନ୍ତି। ଏହି ସମୟରେ ଗଳି କ୍ରିକେଟ୍‌କୁ ନେଇ ମଧ୍ୟ ଆଲୋଚନା ହେଉଛି।

## ଆଂଶିକ ଦୃଷ୍ଟିବାଧିତ ଜାତୀୟ ଫୁଟବଲ୍‌ରେ ଓଡ଼ିଶା ରନର୍ସ-ଅପ୍



**ଭୁବନେଶ୍ୱର,୩୧।୮ (ସମିସ):** ଗ୍ୱାଲିୟର୍‌ରେ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ୍ ଚାମ୍ପିୟନସିପ୍‌ରେ ଓଡ଼ିଶା ରନର୍ସ-ଅପ୍ ହୋଇଛି। ସେମିଫାଇନାଲ୍‌ରେ ତାମିଲନାଡୁକୁ ୩-୦ରେ ହରାଇଥିବା ଓଡ଼ିଶା ଫାଇନାଲ୍‌ରେ କେରଳଠାରୁ ୦-୨ରେ ପରାସ୍ତ ହୋଇଛି। ଫଳରେ ଓଡ଼ିଶା ଟାଇଟଲ ହାସଲରୁ ବଞ୍ଚିତ ହୋଇଛି। ତେବେ ଏହି ଦମ୍‌ଦାର ପ୍ରଦର୍ଶନ ପାଇଁ ଜାତୀୟ ପ୍ରଶିକ୍ଷଣ ଶିବିରକୁ ଓଡ଼ିଶାର ରାମଦାସ ମୁର୍ମୁ, ପଙ୍କଜ ଭୁଏ, ମାଗତ ହେମ୍ବ୍ରମ ଓ ଲାଲ୍ ପ୍ରସାଦ ସୋରେନ୍ ଚୟନ ହୋଇଛନ୍ତି।

## ଖାଲିପାଦରେ ମାରାଥନ୍ ଜିତିଲେ ୪୭ ବର୍ଷୀୟା ରମାବାଈ



**ବିଡ୍,୩୧।୮ (ଏଜେନ୍ସି):** ମହାରାଷ୍ଟ୍ରର ବିଡ୍ ଜିଲ୍ଲା ଅମ୍ବାଜୋଗାଇର ୪୭ ବର୍ଷୀୟା ରମାବାଈ ରଣବୀର ଶାଢ଼ି ପିନ୍ଧି ଓ ଖାଲିପାଦରେ ମାରାଥନ୍ ଜିତିଛନ୍ତି। ଖେଳ ଜୋତା ଓ ଟ୍ରାକ୍‌ସୁଟ୍ ପିନ୍ଧିଥିବା ଅନେକ ଯୁବ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ପ୍ରଥମ ହୋଇଛନ୍ତି। ଦୌଡ଼ ମଝିରେ ଚପଲ ବାରମ୍ବାର ଖସିଯିବାରୁ ରମାବାଈ ଚପଲ ହାତରେ ଧରି ଖାଲିପାଦରେ ଦୌଡ଼ିଥିଲେ। 'ଅମୃତ ଦୌଡ଼'ରେ ରମାବାଈଙ୍କ ଏହି ସଫଳତା ଦୃଢ଼ ଇଚ୍ଛାଶକ୍ତି ଓ ମାତୃତ୍ୱର ଏକ ପ୍ରେରଣାଦାୟକ ଉଦାହରଣ ପାଲଟିଛି। ପଥର ଓ ଖାଲି ରାସ୍ତାରେ ଖାଲିପାଦରେ ଦୌଡ଼ିବାର କଷ୍ଟ ସତ୍ତ୍ୱେ ଅଟକି ନ ଥିଲେ।

ଓଡ଼ିଶା ଟି-୨୦ କ୍ରିକେଟ ଲିଗ୍-୨୦୨୭

## କଟକ ପାନ୍ଥର୍ସ ଟିମ୍‌କୁ କିଣିଲା ଭାରତ ମସଲା




**କଟକ,୩୧।୮ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ୨୦ ତାରିଖରୁ ହେବାକୁ ଥିବା ଓଡ଼ିଶା ଟି-୨୦ କ୍ରିକେଟ ଲିଗ୍ 'ସିଏମ୍ ଟ୍ରଫି'ର ଦ୍ୱିତୀୟ ସଂସ୍କରଣରେ ଓସିଏକୁ ସହଯୋଗର ହାତ ବଢ଼ାଇଛି ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିବା ଭାରତ ମସଲା କମ୍ପାନୀ। ରାଜ୍ୟର କ୍ରିକେଟ ଖେଳାଳି ମାନଙ୍କୁ ଅଧିକ ଉତ୍ସାହିତ ଓ ସେମାନଙ୍କର ପ୍ରତିଭାକୁ ବିକଶିତ କରିବା ଲାଗି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା। ଗତ ବର୍ଷର ଡିଫେଣ୍ଡିଂ ଚମ୍ପିଆନ୍ କଟକ ପାନ୍ଥସ୍‌ର୍ ର ମାଲିକାନା ସତ୍ତ୍ୱ ହାସଲ କରିଛନ୍ତି। ଆସନ୍ତା ୬ ତାରିଖରେ ହେବାକୁ ଥିବା ଖେଳାଳି ନିଲାମ ପ୍ରକ୍ରିୟାରେ ସେ ନିଜେ ଉପସ୍ଥିତ ରହି ଚାରୋଟି ବର୍ଗର ସୁନାମ ଧନ୍ୟ କ୍ରିକେଟର ମାନଙ୍କୁ କଟକ ପାନ୍ଥର୍ସ ପାଇଁ ଚୟନ କରିବେ। ଏତଦ୍ ବ୍ୟତୀତ ଓସିଏ ନିର୍ଦ୍ଦେଶାବଳୀ ଅନୁସାରେ ସେ ନିଜର ଇଚ୍ଛାନୁଯାୟୀ ଯେ କୌଣସି କ୍ରିକେଟ୍ ଲୁକ୍କାୟିତ ପ୍ରତିଭାକୁ ମଧ୍ୟ ଚିହ୍ନଟ କରି ଦଳରେ ସାମିଲ କରି ପାରିବେ। ଫଳରେ କ୍ରିକେଟ୍ ଖେଳ ପ୍ରତି ଧ୍ୟାନ ଦେଇ ସୁଯୋଗ ପାଉନଥିବା ପ୍ରତିଭାଟି ଓସିଏର ଦୃଷ୍ଟି ଆକର୍ଷଣ କରିପାରିବ। ତେବେ ଚଳିତ ବର୍ଷ ଏଥିରେ ଅଂଶ ଗ୍ରହଣ କରିବାକୁ ଥିବା ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲସ୍‌ର୍ ,କେନ୍ଦୁଝର ମାଇନର୍ସ, ସମ୍ବଲପୁର ୱାରିୟର୍ସ ଭଳି ଟିମ୍ ର ଦୁର୍ଦ୍ଧର୍ଷ ଖେଳାଳିମାନଙ୍କୁ ହରାଇ ତାଙ୍କ ଦଳ କଟକ ପାନ୍ଥର୍ସ ଚଳିତ ବର୍ଷ 'ସିଏମ ଟ୍ରଫି' ହାସଲ କରିବ ବୋଲି ଶ୍ରୀ ପଣ୍ଡା ଆଶା ରଖିଛନ୍ତି।

## ଅନୀଲ ଓ ଧୀରାଜଙ୍କୁ ସରୋଜ ମହାସୁଆର ସମ୍ମାନ

ଭୁବନେଶ୍ୱର,୩୧।୮ (ସମିସ)





ରାଜ୍ୟର ଉଦୀୟମାନ କ୍ରିକେଟ ଖେଳାଳି ଅନୀଲ ପରିଡ଼ା ଓ କ୍ରିକେଟରରୁ ବିସିସିଆଇ ପ୍ୟାନେଲ ଅମ୍ପାୟାର ହୋଇଥିବା ଧୀରଜ ସିଂଙ୍କୁ ଚଳିତବର୍ଷର ସରୋଜ ମହାସୁଆର ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଜଣେ ଦକ୍ଷ ଅମ୍ପାୟାର ଭାବେ ସୁନାମ ଅର୍ଜନ କରିଥିବା ଭୁବନେଶ୍ୱରର ସରୋଜ ମହାସୁଆର କଟକରୁ ମ୍ୟାଚ୍ ପରିଚାଳନା କରି ଘରକୁ ଫେରୁଥିଲାବେଳେ ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ। ତାଙ୍କ ସ୍ମୃତିରେ ୨୧ ବର୍ଷ ଧରି ଏହି ସମ୍ମାନ ପ୍ରଦାନ କରାଯାଉଛି ବୋଲି ସରୋଜ ମହାସୁଆର ସ୍ମୃତି କମିଟିର ଆବାହକ ମନୋଜ ମହାପାତ୍ର ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୬ ତାରିଖ ରବିବାର ଦିନ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ୍ ପଡ଼ିଆରେ ଉଭୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଆବାହକ ମହାପାତ୍ର ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଜୁନିଅର ବିଭାଗରେ ଓଡ଼ିଶାର ସମସ୍ତ ବିଭାଗରେ ଖେଳିଥିବା ଓ କିଛି ବିଭାଗରେ ନେତୃତ୍ୱ ନେଇଥିବା ଏହି ଜୁଭେନାଇଲ୍ ଅଲରାଉଣ୍ଡର ସିନିଅର ବିଭାଗରେ ମଧ୍ୟ ଡେବ୍ୟୁ କରିସାରିଛନ୍ତି। ସର୍ଭିସେସ ବିପକ୍ଷ ମ୍ୟାଚ୍‌ରେ ଅପରାଜିତ ୯୯ ରନ୍ କରି ରଣଜୀ ଡେବ୍ୟୁ କରିଥିବା ଅନୀଲ ୪ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ୮୪.୪୦ ହାରରେ ୪୨୨ ରନ୍ କରିଛନ୍ତି। ଏହା ମଧ୍ୟରେ ୩ଟି ଅର୍ଦ୍ଧଶତକ ଓ ନାଗାଲାଣ୍ଡ ବିପକ୍ଷରେ ଅପରାଜିତ ୧୧୮ ରନ୍‌ର ଗୋଟିଏ ଶତକ ରହିଛି।

ଅନ୍ୟପକ୍ଷରେ ଓଡ଼ିଶା ସିନିଅର ଦଳ ପକ୍ଷରୁ ଏକ ଦଶନ୍ଧି ଧରି ଜଣେ ବାମହାତୀ ବୋଲର ଭାବେ ପ୍ରତିନିଧିତ୍ୱ କରିଥିବା ଧୀରାଜ ସିଂ ରାଜ୍ୟର ଚତୁର୍ଥ ବ୍ୟକ୍ତିଭାବେ ବିସିସିଆଇ ପ୍ୟାନେଲ ଅମ୍ପାୟାର ହେବାର ଯୋଗ୍ୟତା ଅର୍ଜନ କରିଛନ୍ତି। ୫୧ଟି ମ୍ୟାଚ୍‌ରୁ ୧୧୯ଟି ୱିକେଟ ନେଇଥିବା ଏହି ବୋଲର ଧରାଜ ୩ ବର୍ଷ ହେଲା ବିସିସିଆଇ ପ୍ୟାନେଲ ଅମ୍ପାୟାର ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇସାରିଛନ୍ତି। ୨୦୦୨ରେ ସରୋଜ ମହାସୁଆରଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଗଠିତ ସ୍ମୃତି କମିଟି ପକ୍ଷରୁ ୨୦୦୪ରୁ ଏହି ସମ୍ମାନ ପ୍ରଦାନ କରିଆସୁଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS